ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୧୭, ସଂଖ୍ୟା: ୨୩୭
୩ ଜାନୁଆରୀ, ୨୦୨୬ ଶନିବାର
କେନ୍ଦ୍ରାପଡ଼ା

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...
ODISHA EXPRESS
SIGHTS TRUTH WRITES TRUTH
ଠିକ୍ ଦେଖେ ଠିକ୍ ଲେଖେ

Pages-8
Price ₹ 5.00
Vol. 17, Issue No. : 237
3rd January, 2026 Saturday
Kendrapara

Website : www.odishaexpress.in E-mail : odishaexpress@gmail.com RNI Regd. No. ODIODI/2009/28880 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

## ନୀତି ବାଣୀ

**ଆପଦର୍ଥେ ଧନଂ ରକ୍ଷେଦ୍ଦାରାନ୍ ରକ୍ଷେଦ୍ଧନୈରପି**
**ଆତ୍ମାନଂ ସତତଂ ରକ୍ଷେଦ୍ଦାରୈରପି ଧନୈରପି ।**

ବିପଦ ଆପଦ ପାଇଁ ଧନ ସଞ୍ଚୟ କରିବା ସଂଗେ ସଂଗେ ସେହି ଧନ ବିନିମୟରେ ପତ୍ନୀକୁ ପାଳନ କରିବା ଉଚିତ । କିନ୍ତୁ ଆବଶ୍ୟକ ପଡ଼ିଲେ ପତ୍ନୀ ଓ ଧନ ବିନିମୟରେ ନିଜକୁ ସର୍ବତୋଭାବେ ରକ୍ଷା କରିବା ଉଚିତ। ତେଣୁ ଯଥାକ୍ରମେ ଧନ, ଦାରା ଓ ଆତ୍ମରକ୍ଷା ପ୍ରତି ଗୁରୁତ୍ୱ ଦେବା ବାଞ୍ଛନୀୟ।

## ୧୦ରୁ ମିଳିବ ସବୁଜ ଷ୍ଟିକର୍

**ଭୁବନେଶ୍ୱର,୨।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଯେଉଁମାନେ ବୈଧ ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର ପାଇସାରିଛନ୍ତି, ସେମାନଙ୍କ ଲାଗି ବଡ ସୂଚନା। ସେମାନେ ଚଳିତ ମାସ ୧୦ ତାରିଖରୁ ନିକଟସ୍ଥ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆରଟିଓ)ରୁ ସବୁଜ ଷ୍ଟିକର୍ ପାଇପାରିବେ। ଆଜି ଏନେଇ ଓଡ଼ିଶା ରାଜ୍ୟ ପରିବହନ ବିଭାଗ ପକ୍ଷରୁ ବିଧିବଦ୍ଧ ଘୋଷଣା କରାଯାଇଛି। ଓଡ଼ିଶା ପରିବହନ ବିଭାଗ ଘୋଷଣା କରିଛି ଯେ, ବୈଧ ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର




(ପିୟୁସିସି)ଥିବା ଯାନବାହାନଗୁଡ଼ିକ ପାଇଁ ୧୦ ଜାନୁଆରି ୨୦୨୬ ଠାରୁ ସବୁଜ ରଙ୍ଗର ପିୟୁସିସି ବୈଧତା ଷ୍ଟିକର୍ ଉପଲବ୍ଧ ହେବ। ବିଭାଗ ଜାରି କରିଥିବା ବିଜ୍ଞପ୍ତି ଅନୁଯାୟୀ, ଯେଉଁ ଯାନବାହାନ ମାଲିକମାନେ ପୂର୍ବରୁ ବୈଧ ପିୟୁସିସି ପ୍ରାପ୍ତ କରିସାରିଛନ୍ତି, ସେମାନେ ନିଜ ନିକଟସ୍ଥ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆରଟିଓ)ରୁ ଏହି ସବୁଜ ଷ୍ଟିକର୍ ପାଇପାରିବେ। ଏହି ପ୍ରକ୍ରିୟାକୁ ସୁଗମ କରିବା ପାଇଁ ସମସ୍ତ ଆରଟିଓରେ ବିଶେଷ କାଉଣ୍ଟର ଖୋଲାଯିବ। ନୂଆ ନିର୍ଦ୍ଦେଶାବଳୀ ଅନୁଯାୟୀ, କେବଳ ବୈଧ ପିୟୁସିସି ଥିବା ଯାନବାହାନଗୁଡ଼ିକୁ ହିଁ ସବୁଜ ଷ୍ଟିକର୍ ପ୍ରଦାନ କରାଯିବ। ଷ୍ଟିକର୍ ଜାରି କରିବା ପୂର୍ବରୁ ଆରଟିଓ ଅଧିକାରୀମାନେ ଯାନର ପ୍ରଦୂଷଣ ପ୍ରମାଣପତ୍ର, ପଞ୍ଜୀକରଣ ବିବରଣୀ ଏବଂ ବାହାନ ଡାଟାବେସ୍‌ରେ ଥିବା ରେକର୍ଡକୁ ଯାଞ୍ଚ କରିବେ। ଯଦି ଗାଡି ମାଲିକଙ୍କ ବିନା ଅନ୍ୟ କେହି ଯାଇ ଗ୍ରୀନ ଷ୍ଟିକର ଆଣନ୍ତି ତେବେ ଗାଡି ମାଲିକଙ୍କ ଅଥରାଇଜ ଦେଖାଇବାକୁ ହେବ। ତେବେ ଗ୍ରୀନ ଷ୍ଟିକର ମାରିବା କୌଣସି ବାଧ୍ୟତାମୂଳକ ନୁହେଁ କେବଳ ଚେକିଂ ସମୟରେ ହିଁ ସହଜରେ ହୋଇପାରିବ ବୋଲି ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ ପ୍ରଦୂଷଣ ନିୟନ୍ତ୍ରଣ ନାଁରେ ରାଜ୍ୟ ପରିବହନ ବିଭାଗର ନିୟମ *(ଶେଷ ପୃଷ୍ଠା ଦେଖନ୍ତୁ)*

## ଲୋକସେବା ଭବନରେ ରିଲ୍ସ କଲେ କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର,୨।୧: ଏକ୍ସପ୍ରେସ୍ ନ୍ୟୁଜ୍**

ଲୋକସେବା ଭବନରେ ରିଲ୍ସ ନେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଉଦବେଗ। ଖୁବଶୀଘ୍ର ଗୃହ ବିଭାଗ ଆଣିବ ଗାଇଡଲାଇନ୍। ଆଇନ ମନ୍ତ୍ରୀ କହିଛନ୍ତି ଯେ, ଲୋକସେବା ଭବନରେ ରିଲ୍ସର କୌଣସି ଆବଶ୍ୟକତା ନାହିଁ। ଆଗକୁ ଏନେଇ ଲୋକସେବା ଭବନ ସୁରକ୍ଷାକର୍ମୀଙ୍କୁ ତାଗିଦ୍ କରାଯିବ। ରିଲ୍ସ ହେଉଥିଲେ ଲୋକସେବା ଭବନ ସୁରକ୍ଷାକର୍ମୀ ଓ ପୁଲିସ ପଦକ୍ଷେପ ନେବେ। ରିଲ୍ସ ନେଇ ଆଇନ ମନ୍ତ୍ରୀ କହିଛନ୍ତି ଯେ, ମୋ ନଜରକୁ ସେଭଳି କିଛି ଆସିନାହିଁ। ଲୋକସେବା ଭବନରେ ରିଲ୍ସ କରିବା ଠିକ୍ କଥା ନୁହେଁ। ଏଠାକାର କର୍ମଚାରୀ ହୁଅନ୍ତୁ କି ବାହାର ଲୋକ, ଲୋକସେବା ଭବନରେ ରିଲ୍ସ ମନା। ଏଠାରେ ରିଲ୍ସର କୌଣସି ଆବଶ୍ୟକ ନାହିଁ ବୋଲି ମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ, ନୂଆବର୍ଷରେ ଲୋକସେବା ଭବନରେ କିଛି କର୍ମଚାରୀ ରିଲ୍ସ କରୁଥିବା ନଜରକୁ ଆସିଥିଲା। ଯାହାକୁ ନେଇ ବିଭିନ୍ନ ଚର୍ଚ୍ଚା ଆଲୋଚନା ହୋଇଥିଲା। ଏନେଇ ଆଇନ ମନ୍ତ୍ରୀ ଏବେ ତାଗିଦ୍ କରିଛନ୍ତି।



## ବଡ଼ଦାଣ୍ଡରେ ସ୍କୁଟିକୁ ଘୋଷାଡ଼ି ନେଲା ବୋଲେରୋ
## ୫ ବର୍ଷର ନାବାଳକ ମୃତ



**ପୁରୀ,୨।୧: ଏକ୍ସପ୍ରେସ୍ ନ୍ୟୁଜ୍**

ଆଜି ପୁରୀ ବଡଦାଣ୍ଡ ବଳଗଣ୍ଡି ଛକରେ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି। ଗୋଟିଏ ବୋଲେରୋ ଏକ ସ୍କୁଟିକୁ ଧକ୍କା ଦେଇ କିଛି ବାଟ ଘୋଷାଡ଼ି ନେଇଥିଲା। ଫଳରେ ଜଣେ ୫ବର୍ଷୀୟ ନାବାଳକର ମୃତ୍ୟୁ ହୋଇଛି। ଅନ୍ୟ ୨ ଗୁରୁତର ପୁରୀ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ମୃତ ନାବାଳକ ଜଣକ କୁମୁଟି ସାହିର ନୀରଞ୍ଜନ ଦେଙ୍କ ପୁଅ ଶ୍ରେୟାଂଶ ବୋଲି ଜଣାପଡିଛି। ସେହିପରି ଅନ୍ୟ ଦୁଇଜଣ ଗୁରୁତରଙ୍କ ମଧ୍ୟରୁ ଜଣେ ମୃତ ନାବାଳକର ଜେଜେ ନୀଳକଣ୍ଠ ଦେ ଏବଂ ଅନ୍ୟ ଜଣେ ନାବାଳକ ରାଜା ସାହୁ ବୋଲି ଜଣାପଡିଛି। ଚିକିତ୍ସା ପାଇଁ ଗୁରୁତରଙ୍କୁ ପୁରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ ଘଟଣାସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷରେ ପ୍ରାଣ ହରାଇଥିବା *(ଶେଷ ପୃଷ୍ଠା ଦେଖନ୍ତୁ)*

## ପରୀକ୍ଷାର୍ଥୀଙ୍କଠୁ ଓପିଏସସି ପରୀକ୍ଷା ଫି' ନେବେ ସରକାର

**ଭୁବନେଶ୍ୱର,୨।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଓପିଏସସି ପରୀକ୍ଷାର୍ଥୀଙ୍କ ପାଇଁ ବଡ଼ ଖବର ! ଏବେ ଦେବାକୁ ପଡ଼ିବ ପରୀକ୍ଷା ଫି'। ଆଉ ମାଗଣା ନୁହେଁ ଏଣିକି ରାଜ୍ୟ ସରକାର ଓପିଏସସି ପରୀକ୍ଷା ଫି' ନେବେ। ଏନେଇ ଜାରି ହୋଇଛି ବିଜ୍ଞପ୍ତି। ନୋଟିଫିକେସନ ଅନୁଯାୟୀ, ଏବେ ଲିଖିତ ପରୀକ୍ଷା ପାଇଁ ସାଧାରଣ ବର୍ଗର ପ୍ରାର୍ଥୀଙ୍କୁ ୭୦୦ ଟଙ୍କା ଫି' ଦେବାକୁ ପଡ଼ିବ। ତେବେ ଏସସି, ଏସଟି ଏବଂ ଭିନ୍ନକ୍ଷମ ବର୍ଗର ପରୀକ୍ଷାର୍ଥୀମାନେ ପୂର୍ବଭଳି ଏହି



ଫି'ରୁ ସମ୍ପୂର୍ଣ୍ଣ ଛାଡ଼ ପାଇବେ। ତେବେ ସବୁଠାରୁ ବଡ଼ କଥା ହେଉଛି ରିଫଣ୍ଡ ପଲିସି। ଯେଉଁ ପରୀକ୍ଷାର୍ଥୀମାନେ ଲିଖିତ ପରୀକ୍ଷାର ପ୍ରଥମ ପର୍ଯ୍ୟାୟରେ ସମସ୍ତ ପେପର ଦେବେ, ସେମାନଙ୍କ ୭୦୦ ଟଙ୍କା ପରବର୍ତ୍ତୀ ସମୟରେ ରିଫଣ୍ଡ କରିଦିଆଯିବ। କିନ୍ତୁ ଯଦି ଆପଣ ପରୀକ୍ଷାରେ ଅନୁପସ୍ଥିତ ରୁହନ୍ତି, ତେବେ ଆପଣଙ୍କ ଟଙ୍କା ଆଉ ଫେରିବ ନାହିଁ।

ତେବେ ଯେଉଁ ପରୀକ୍ଷାରେ କେବଳ ଇଂଟରଭ୍ୟୁ ଅଛି, ସେଥିପାଇଁ କୌଣସି ଫି' ଲାଗିବ ନାହିଁ। ପରୀକ୍ଷାର୍ଥୀମାନେ ୟୁପିଆଇ କିମ୍ବା କ୍ରେଡିଟକାର୍ଡ ଭଳି ଯେଉଁ ମାଧ୍ୟମରେ ପେମେଂଟ କରିଥିବେ, ସେହି ମାଧ୍ୟମରେ ହିଁ ଟଙ୍କା ଫେରସ୍ତ ପାଇବେ। ପୂର୍ବରୁ ୨୦୧୮ ଯାଏଁ ୫୦୦ଟଙ୍କା ଫି ଆଦାୟ କରାଯାଉଥିଲା। ଏହାପରେ ୨୦୨୨ରେ ଏହି ଫିକୁ ସମ୍ପୂର୍ଣ୍ଣ ଛାଡ କରାଯାଇଥିଲା। ଏବେ ପୁଣି ସରକାର ଫି ନେବାକୁ ଘୋଷଣା କରିଛନ୍ତି ।

## ମାଦେଲୀ ମୁହାଁଣରୁ ଟ୍ରଲର ଜବତ

**ରାଜନଗର,୨।୧: ଏକ୍ସପ୍ରେସ୍ ନ୍ୟୁଜ୍**

ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ମାଦେଲୀ ମୁହାଁଣ ନିକଟରେ ବେଆଇନ ଭାବେ ମାଛ ଧରୁଥିବା ବନବିଭାଗର ପାଟ୍ରୋଲିଂ ଦଳ ଧର୍ମ ଶଙ୍କର-୫ ନାମକ ଟ୍ରଲରକୁ ଜବତ କରିବା ସହ ଛଅଜଣ ମତ୍ସ୍ୟଜିବୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେଥିରୁ ଗୋଟିଏ ଜିପିଏସ(ଗ୍ରାମୀଣ-୫୮୦), ଦୁଇଟି ଭିଏଚଏଫ (ଆଇକମ-୨୩୦୦ଏଚ), ଗୋଟିଏ ଫିସଫାଇଣ୍ଡର (ଗ୍ରାମୀଣ-୩୫୦), ଦଶଟି ଟ୍ରଲିଂନେଟ ଓ ୫୦କିଲୋଗ୍ରାମ ସାମୁଦ୍ରିକ ମାଛକୁ ଜବତ କରିଛନ୍ତି । ଗିରଫ ମତ୍ସ୍ୟଜିବୀମାନେ ହେଲେ ପାଲେପୁ କାମେଶ୍ୱର ରାଓ, କୋମାରି ଭେଙ୍କଟେଶ୍ୱରାଲୁ, ଓଲିଟି ଶ୍ରୀନୁ, ଧୋମା ଶ୍ରୀନୁ, କାରି ନାଗେଶ୍ୱର ରାଓ, ଓଲେଟି ମହାଲକ୍ଷ୍ମୀ। ଗିରଫ ମତ୍ସ୍ୟଜିବୀମାନେ ଆନ୍ଧ୍ରପ୍ରଦେଶର କାକିନାଡା ଜିଲ୍ଲାର ଅଟନ୍ତି। ସେମାନଙ୍କୁ କେନ୍ଦ୍ରାପଡା ସିଜେଏମଙ୍କ କୋର୍ଟରେ ହାଜର କରାଯାଇଥିଲା । ଜାମିନି ନାମଂଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଜଣାପଡିଛି।

## ଆଜି ଦେଖାଯିବ ସୁପରମୁନ୍

**ଭୁବନେଶ୍ୱର,୨।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଆସନ୍ତକାଲି ଅର୍ଥାତ ଜାନୁଆରୀ ୩ତାରିଖ ଦିନ ପୌଷ ପୂର୍ଣ୍ଣମୀରେ ଦେଖାଯିବ ସୁପରମୁନ୍। ପୂର୍ଣ୍ଣମୀ ସମୟରେ ଚନ୍ଦ୍ର ପ୍ରାୟ ୩ଲକ୍ଷ ୬୨ହଜାର କିମି ନିକଟରେ ରହିବ ଓ ସାଧାରଣ ଦିନର ପୂର୍ଣ୍ଣ ଚନ୍ଦ୍ର ଠାରୁ ପ୍ରାୟ ୧୪ପ୍ରତିଶତ ବଡ ସହ ୩୦ପ୍ରତିଶତ ଉଜ୍ୱଳ ଦେଖାଯିବ। ୨୦୨୬ ମସିହାରେ ଦ୍ୱିତୀୟ ସୁପରମୁନ୍ ନଭେମ୍ବର ୨୪ ଓ ଶେଷ ସୁପରମୁନ୍ ଡିସେମ୍ବର ୨୩ରେ ଦେଖାଯିବ। ଚଳିତ ବର୍ଷ ତିନି ଥର ସୁପରମୁନ୍ ଦେଖିବାକୁ ମିଳିବ।

ସେହିଭଳି ୨୦୨୬ ମସିହାରେ ପୃଥିବୀଠାରୁ ଦୂରରେ ଥିବାବେଳେ ୩ଟି ପୂର୍ଣ୍ଣମୀ ପଡୁଥିବାରୁ ମେ ୧ ଓ ମେ ୩୧ ଏବଂ ଜୁନ୍ ୨୯ ତାରିଖରେ ମାଇକ୍ରୋମୁନ୍ ବା ଛୋଟ ମୁନ୍ ଦେଖାଯିବ। ଏଗୁଡିକ ଗୋଟିଏ ବିରଳ ତଥା ସୁନ୍ଦର ମହାଜାଗତିକ ଦୃଶ୍ୟ ଯାହାକୁ ଖାଲି ଆଖିରେ ଦେଖିହେବ। ଆକାଶ ମେଘ ତଥା କୁହୁଡି ମୁକ୍ତ ରହିଲେ କାଲି ସୁପରମୁନକୁ ସୂର୍ଯ୍ୟାସ୍ତ ପରଠାରୁ ସାରା ରାତି ଓଡିଶା ତଥା ଭାରତର ସବୁ ଅଞ୍ଚଳରୁ ଖାଲି ଆଖିରେ ଦେଖିହେବ। ସୁପରମୁନ ଏକ ସାଧାରଣ ମହାଜାଗତିକ ଘଟଣା ଓ ଏହାର କୌଣସି ପ୍ରଭାବ ପୃଥିବୀ ତଥା ଆମ ଉପରେ ପଡେ ନାହିଁ।

## ପ୍ରେମିକକୁ ଘରକୁ ଡାକି ଗୁପ୍ତାଙ୍ଗ କାଟି ଦେଲେ ମହିଳା

**ନୂଆଦିଲ୍ଲୀ,୨।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଡିସେମ୍ବର ୩୧ରେ ନବ ବର୍ଷକୁ ସ୍ୱାଗତ କରିବା ପାଇଁ ସମସ୍ତେ ଥିଲେ ଉତ୍ସାହିତ। ନିଜର ପ୍ରିୟଜନଙ୍କ ସହ ଜିରୋ ନାଇଟକୁ ସମସ୍ତେ ଉପଭୋଗ ମଧ୍ୟ କରୁଥିଲେ। ଏହିକ୍ରମରେ ଜଣେ ୨୫ ବର୍ଷୀୟ ମହିଳା ନିଜର ୪୪ ବର୍ଷୀୟ ବିବାହିତ ପ୍ରେମିକଙ୍କୁ ନୂଆବର୍ଷ ପାର୍ଟିରେ ସାମିଲ ହେବାକୁ ଘରକୁ ଡାକିଥିଲେ। ଘରକୁ ଆସିଲେ ସେ ମିଠା ଦେବେ ବୋଲି ମଧ୍ୟ ବେଶ ଶ୍ରଦ୍ଧାରେ ପ୍ରେମିକଙ୍କୁ କହିଥିଲେ। ପ୍ରେମିକାର ଏପରି ମିଠା କଥା ଶୁଣି ପ୍ରେମିକ ଜଣଙ୍କ ମଧ୍ୟ ଘରକୁ ଯାଇଥିଲେ। କିନ୍ତୁ ମିଠା ଦେବାକୁ ଡାକିଥିବା ପ୍ରେମିକା ଘଟାଇଛନ୍ତି ଜଘନ୍ୟକାଣ୍ଡ।

ମିଠା ଓ ପାର୍ଟି ଆଶାରେ ଆସିଥିବା



ପ୍ରେମିକ ହୋଇଛନ୍ତି ଲହୁଲୁହାଣ। ଘରକୁ ଡାକି ନିଜ ପ୍ରେମିକର ଗୁପ୍ତାଙ୍ଗକୁ ଛୁରୀରେ କାଟି ଦେଇଛନ୍ତି। ଏବେ ବ୍ୟକ୍ତି ଜଣଙ୍କ ଅବସ୍ଥା ଗୁରୁତର ରହିଛି। ତାଙ୍କୁ ମୁମ୍ବାଇର ସିଓନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତେବେ ଆକ୍ରମଣ କରିଥିବା ପ୍ରେମିକା ଘଟଣା ପରେ ଫେରାର ହୋଇଯାଇଛନ୍ତି।

ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ ଗୁରୁତର ବ୍ୟକ୍ତି ଓ ତାଙ୍କ ପ୍ରେମିକା ପରସ୍ପରକୁ ବେଶ ଭଲ ଭାବେ ଜାଣିଥିଲେ। ପୀଡିତ ଜଣଙ୍କ ହେଉଛନ୍ତି ଅଭିଯୁକ୍ତ ମହିଳାଙ୍କ ଭାଉଜଙ୍କ ଭାଇ। ପରସ୍ପରର ସମ୍ପର୍କୀୟ ହୋଇଥିଲେ ହେଁ ଉଭୟଙ୍କ ମଧ୍ୟରେ ଦୀର୍ଘ ୬ରୁ ୭ ବର୍ଷ ହେଲା ପ୍ରେମ ସମ୍ପର୍କ ରହିଥିଲା।

ଏତେ ବର୍ଷର ପ୍ରେମ ସମ୍ପର୍କକୁ ବିବାହର ରୂପ ଦେବାକୁ ମହିଳା ଜଣଙ୍କ ଚାହିଁଥିଲେ। ଏଥିପାଇଁ ସେ ନିଜର ପ୍ରେମିକଙ୍କ ଉପରେ ଚାପ ପକାଉଥିଲେ। ପତ୍ନୀଙ୍କୁ ଛାଡି ତାଙ୍କୁ ବିବାହ କରିବାକୁ ସେ ସବୁବେଳେ କହୁଥିଲେ। ଏଥିଯୋଗୁ ଉଭୟଙ୍କ ମଧ୍ୟରେ ପ୍ରାୟତଃ ଝଗଡା ମଧ୍ୟ ହେଉଥିଲା।

ବାରମ୍ବାର ଏପରି ଝଗଡା ହେଉଥିବାରୁ ୧୮ ବର୍ଷ ହେଲା ପରିବାର ସହ ସାନ୍ତା କ୍ରୁଜ ଇଷ୍ଟରେ ରହୁଥିବା ବ୍ୟକ୍ତି ଜଣଙ୍କ ରାଗରେ ୨୦୨୫ ନଭେମ୍ବର ମାସରେ ବିହାର ଚାଲି ଯାଇଥିଲେ। ସେ ସେଠାରେ ରହିଥିବା ବେଳେ ଅଭିଯୁକ୍ତ *(ଶେଷ ପୃଷ୍ଠା ଦେଖନ୍ତୁ)*

## ବସ୍ ମାଡ଼ିଯାଇ ୩ ମୃତ

**ରାଇରଙ୍ଗପୁର,୨।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ସଡକ ଦୁର୍ଘଟଣାରେ ତିନି ଜଣଙ୍କର ମୃତ୍ୟୁ। ମୟୁରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ୨୨୦ନଂ ଜାତୀୟ ରାଜପଥ ରାନିବନ୍ଧ ନିକଟରେ 'ରୋଡ଼ ମାଷ୍ଟର' ନାମକ ଏକ ଯାତ୍ରୀବାହି ବସ ସହ ବାଇକର ମୁହାଁମୁହିଁ ଧକ୍କାରେ ତିନି ଜଣ ବାଇକ ଆରୋହୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଛି। ବସଟି ରାଇରଙ୍ଗପୁରରୁ କେନ୍ଦୁଝର ଅଭିମୁଖେ ଯାଉଥିଲା। ଘଟଣାସ୍ଥଳରୁ ୨ ମୃତକଙ୍କୁ ରାଇରଙ୍ଗପୁର ଡାକ୍ତରଖାନାକୁ ନିଆଯାଇଥିବାବେଳେ ଅନ୍ୟଜଣେ ବସ ତଳେ ଚାପି ହୋଇରହିଛନ୍ତି। ପରେ ଚାପି ହୋଇ ରହି ଯାଇଥିବା ମୃତ ଶରୀରକୁ ଉଦ୍ଧାର କରାଯାଇ ମେଡିକାଲ ଅଣାଯାଇଥିଲା। ମୃତକଙ୍କ ମଧ୍ୟରେ ଜଣେ ବିକାଶ ବେହେରା ଓ ତାଙ୍କ ଘର ବଡଡାଲିମା ବୋଲି ଜଣାପଡିଥିବା ବେଳେ ଅନ୍ୟ ଦୁଇ ମୃତକ ଝାଡ଼ଖଣ୍ଡର ବୋଲି ଜଣାପଡିଛି। ଦୁର୍ଘଟଣା ପରେ ଘଟଣାସ୍ଥଳରେ କିଛି ସମୟ ପାଇଁ ଚାପା ଉତ୍ତେଜନା ସୃଷ୍ଟି ହୋଇଥିବା ବେଳେ ରାଇରଙ୍ଗପୁର ଏଏସପି, ରାଇରଙ୍ଗପୁର ଏସଡିପିଓ, ବିଡ଼ିଓ, ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ



ପୋଲିସ ବୁଝାସୁଝା କରିବା ସହ ସରକାରୀ ଗାଇଡ ଲାଇନ ଅନୁଯାୟୀ କ୍ଷତିପୂରଣ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବାରୁ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

## ୪୦କୋଟି ଠକେଇ: ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୨।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ସେୟାର ଟ୍ରେଡିଂ ନାଁରେ ୪୦କୋଟି ଠକେଇ ଅଭିଯୋଗରେ ଜଣଙ୍କୁ ଗିରଫ କଲା ଇଓଡବ୍ଲ୍ୟୁ। ପଶ୍ଚିମବଙ୍ଗ ବାଙ୍କୁରାର ଅମିତ ମଣ୍ଡଳ ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି ଓଡିଶାର ଅର୍ଥନୈତିକ ଅପରାଧ ଶାଖା। ସେୟାର ଟ୍ରେଡିଂରେ ହାଇ ରିଟର୍ଣ୍ଣର ଲୋଭ ଦେଖାଇ ଅମିତ ଲୋକମାନଙ୍କୁ ଠକୁଥିବାର ଅଭିଯୋଗ ହୋଇଥିଲା। ଓଡିଶାର ୫୦୦, ପଶ୍ଚିମବଙ୍ଗର ୧୦୦ ଜମାକାରୀଙ୍କ ଠାରୁ ଆଦାୟ କରିଥିଲା ୧୨୦କୋଟି ଟଙ୍କା। ମୁଖ୍ୟ ଅଭିଯୁକ୍ତ ଅମିତ ମଣ୍ଡଳ ଘର ପଶ୍ଚିମବଙ୍ଗ ସୋନାମୁଖୀ ଜିଲା ବାଙ୍କୁରା ଅଞ୍ଚଳର ବୋଲି ଜଣାପଡିଛି। ଗିରଫ ଅଭିଯୁକ୍ତକୁ ସ୍ଥାନୀୟ କୋର୍ଟରେ ହାଜର କରାଯାଇଥିଲା ଏବଂ ଟ୍ରାଞ୍ଜିଟ୍ ରିମାଣ୍ଡରେ ଅଣାଯାଇଥିଲା।

ଏହି ମାମଲାଟି ଖୋର୍ଦ୍ଧା ଜିଲ୍ଲା ବାଲିପାଟଣାର ମୁଣ୍ଡହାଣା ପାଟନାର ସୁଶାନ୍ତ କୁମାର ଦାସଙ୍କ ଲିଖିତ ରିପୋର୍ଟ ଉପରେ ପଞ୍ଜିକୃତ ହୋଇଥିଲା। ଯେଉଁଥିରେ ଅଭିଯୋଗ କରାଯାଇଥିଲା ଯେ ଅଭିଯୁକ୍ତ ଅମିତ ମଣ୍ଡଳ ଏବଂ ତାଙ୍କ ସହଯୋଗୀମାନେ ତାଙ୍କୁ ପ୍ରତି ମାସରେ ୩.୫% – ୭% ଉଚ୍ଚ ରିଟର୍ଣ୍ଣ ପାଇଁ ସେୟାର ଟ୍ରେଡିଂ ପାଇଁ ତାଙ୍କ ସହିତ ନିବେଶ କରିବାକୁ ପ୍ରବର୍ତ୍ତାଇଥିଲେ। ବିଶ୍ୱାସ ଜିତିବା ପାଇଁ, ଅଭିଯୁକ୍ତ ତାଙ୍କ ସହିତ ପିଡିସି ଜାରି କରିବା ସହିତ ଚୁକ୍ତିନାମା ମଧ୍ୟ କରିଥିଲେ। ପ୍ରେରଣା ପାଇ ସୂଚନାଦାତା ୧୦୦୦ ଟଙ୍କା ଜମା କରିଥିଲେ। *(ଶେଷ ପୃଷ୍ଠା ଦେଖନ୍ତୁ)*

## ବିଜେଡ଼ିକୁ ଯାଇଥିବା କଂଗ୍ରେସ ନେତା ଓ କର୍ମୀଙ୍କ ଚିନ୍ତା ବଢୁଛି !

**କେନ୍ଦ୍ରାପଡ଼ା,୨।୧: ଏକ୍ସପ୍ରେସ୍ ନ୍ୟୁଜ୍**

ବିଗତ ଦୁଇ ଦଶନ୍ଧୀ ମଧ୍ୟରେ ଅନେକ କଂଗ୍ରେସ ନେତା ଓ କର୍ମୀ ବିଜେଡ଼ିକୁ ଚାଲିଯାଇଛନ୍ତି । ଏବେ ବିଜେଡ଼ି ଭାଙ୍ଗିବାକୁ ଆରମ୍ଭ କରିଥିବାବେଳେ ଏହି ନେତା ଓ କର୍ମୀ ନିଜ ନିଜର ରାଜନୈତିକ ଭବିଷ୍ୟତ ନେଇ ଚିନ୍ତାରେ ପଡ଼ିଯାଇଛନ୍ତି। କ'ଣ କରିବେ କୁଆଡ଼େ ଯିବେ, ଏହି ପ୍ରଶ୍ନର ଉତ୍ତର ଖୋଜୁଛନ୍ତି ଏହି କଂଗ୍ରେସୀ ବିଜେଡ଼ି ନେତା ଓ କର୍ମୀମାନେ ବୋଲି ରାଜନୀତି ମହଲରେ ଚର୍ଚ୍ଚା ହେଉଛି। ସ୍ୱାଧୀନତା ପରବର୍ତ୍ତୀ କାଳରେ କଂଗ୍ରେସକୁ ବିରୋଧ କରି ଅଣକଂଗ୍ରେସ ଶକ୍ତି ମାନଙ୍କର ଅଦଭୁଦୟ ଓ କଂଗ୍ରେସ ବିରୋଧରେ ସେମାନଙ୍କର ସମ୍ମିଳିତ ଲଢେଇ ଏହି ରାଜ୍ୟ ଦଶନ୍ଧୀ ଦଶନ୍ଧୀ ଧରି ଦେଖିଛି। ଏଇ ଗଲା ୨୦୦୦ ମସିହାରେ ଶକ୍ତିଶାଳୀ କଂଗ୍ରେସକୁ କ୍ଷମତାଚ୍ୟୁତ କରିବାକୁ ରାଜ୍ୟରେ ଦୁଇ ଅଣକଂଗ୍ରେସ ଶକ୍ତି ବିଜେଡ଼ି ଓ ବିଜେପି କୁ ଏକାଠି ହେବାକୁ ପଡ଼ିଥିଲା। ରାଜ୍ୟର କୌଣସି ଏମିତି ଅଂଚଳ କି ଗାଁ ନଥିଲା ଯେଉଁଠି କଂଗ୍ରେସ କର୍ମୀ ନଥିଲେ । ପରାଜୟ ପରେ ବି ଗତ ୨୦୦୯ ମସିହା ଯାଏ ବିଜେଡ଼ି-ବିଜେପି ମେଣ୍ଟ ବିରୋଧରେ ଲଢେଇ କରିବାକୁ କଂଗ୍ରେସ କର୍ମୀଙ୍କ ମଧ୍ୟରେ ଜୋଶ୍ ଭରି ରହିଥିଲା। ତେବେ ଦୀର୍ଘ ଲଢେଇ ପରେ କଂଗ୍ରେସ କର୍ମୀ ଓ ନେତା ଜୋଶ୍ ହରାଇ ଆସୁଥିବାବେଳେ ଯେତେବେଳେ ୨୦୦୯ରେ ବିଜେଡ଼ି ଓ ବିଜେପି ପରସ୍ପର ଠାରୁ ଦୂରେଇ ଗଲେ,ସେତେବେଳେ ରାଜ୍ୟବ୍ୟାପୀ ସ୍ଥିତି ହଠାତ୍ ବଦଳିଗଲା।

ବିଜେପିକୁ ଦୁର୍ବଳ କରିଦେବା ପାଇଁ ଜୋଶ୍ ହରାଇଥିବା ଅନେକ କଂଗ୍ରେସ ନେତା ଓ କର୍ମୀଙ୍କୁ ବିଜେଡ଼ି ନିଜ ଆଡ଼କୁ ଟାଣି ନେଲା। ଏହି ପ୍ରକ୍ରୀୟା ଜାରି ରହିବା ଫଳରେ କଂଗ୍ରେସ ବଳରେ ବିଜେଡ଼ି ଏକ ଶକ୍ତିଶାଳୀ ଆଂଚଳିକ ଦଳ ଭାବେ ଉଭା ହୋଇପାରିଥିଲା ଏବଂ କଂଗ୍ରେସ ସେହି ଅନୁପାତରେ ଦୁର୍ବଳରୁ ଦୁର୍ବଳ ହୋଇ ପଡ଼ିଥିଲା। ଦୀର୍ଘ ୨୪ବର୍ଷର ନିରଙ୍କୁଶ କ୍ଷମତାପରେ ବିଜେଡ଼ି କେବଳଯେ ପରାଜୟର ସ୍ୱାଦ ଚାଖିଛି ତାହା ନୁହେଁ ରାଜ୍ୟ ବାହାରର ଜଣେ ଅଣଓଡ଼ିଆଙ୍କ ମାଲିକାନାକୁ ଏହି ଦଳ ଏକ ପ୍ରକାର ଚାଲିଯିବା ନେଇ ସାଧାରଣରେ ଧାରଣା ସୃଷ୍ଟି ହେବା ସହିତ ଲୋକେ ମୁହଁ ମୋଡ଼ିବା ଆରମ୍ଭ କରିବା ଫଳରେ ଦଳ ଅନିଶ୍ଚିତ ଭବିଷ୍ୟତ ଭିତରକୁ ଠେଲି ହୋଇ ଯାଇଛି ଏହି ଦଳ। ଏଭଳି ସ୍ଥିତିରେ ତଳ ସ୍ତରରେ ବହୁ ବିଜେଡ଼ି କର୍ମୀ ଓ ନେତା ବିଜେଡ଼ି ଛାଡ଼ି କ୍ଷମତାସୀନ ବିଜେପି ଆଡ଼େ ମୁହାଁଉଛନ୍ତି।

ବିଜେଡ଼ିରେ ଥିବା ଅନେକ ନେତା ଅପ୍ରକଟିତ ଭାବେ ବିଜେପି ସହିତ ହାତ ମିଳାଇ ସାରିଛନ୍ତି। ଅନେକ ବିକଳ୍ପ ଅନୁସନ୍ଧାନରେ ରହିଛନ୍ତି। *(ଶେଷ ପୃଷ୍ଠା ଦେଖନ୍ତୁ)*

## ଜିଲ୍ଲା ପୁନର୍ଗଠନ ପୁଣି କେବେ ?

**ଭୁବନେଶ୍ୱର,୨।୧**
**ତଥ୍ୟ**

ନବେ ଦଶକରେ ବିଜୁ ପଟ୍ଟନାୟକଙ୍କ ସରକାର ଅମଳରେ ଓଡ଼ିଶାର ଜିଲ୍ଲା ସଂଖ୍ୟା ୧୩ରୁ ୩୦କୁ ବୃଦ୍ଧି ପାଇଥିବାବେଳେ ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼ ଭଳି ବଡ଼ବଡ଼ ଜିଲ୍ଲାଗୁଡ଼ିକରେ ବିଭାଜନ କରି ପରବର୍ତ୍ତୀ ସମୟରେ ନୂଆ ଜିଲ୍ଲା ଗଠନ ଲାଗି ଯେଉଁ ପ୍ରସ୍ତାବ ରହିଥିଲା ତାହା ଏଯାବତ୍ କାର୍ଯ୍ୟକାରୀ ହୋଇପାରି ନାହିଁ।

ଏଠାରେ ଉଲ୍ଲେଖନୀୟ ଯେ ସେତେବେଳେ କୋରାପୁଟ, କଳାହାଣ୍ଡି, ବଲାଙ୍ଗୀର, ସମ୍ବଲପୁର, ପୁରୀ, କଟକ, ଗଞ୍ଜାମ ଭଳି ବଡ଼ବଡ଼ ଜିଲ୍ଲାଗୁଡ଼ିକୁ ବିଭାଜିତ କରି ଅନେକ ନୂଆ ଜିଲ୍ଲା ଗଠନ କରାଯାଇଥିଲା। ଏହି ପ୍ରକ୍ରିୟାରେ ଫୁଲବାଣୀ ଜିଲ୍ଲାର ମଧ୍ୟ ବିଭାଜନ ହୋଇଥିଲା। ତେବେ କେତେକ କାରଣ ଯୋଗୁ ମୟୂରଭଞ୍ଜ, କେନ୍ଦୁଝର ଓ ସୁନ୍ଦରଗଡ଼ ଜିଲ୍ଲାର ବିଭାଜନ କରି ନୂଆ ଜିଲ୍ଲା ସେତେବେଳେ ଗଢ଼ାଯାଇ ପାରିନଥିଲା।

ମୟୂରଭଞ୍ଜ, କେନ୍ଦୁଝର ଓ ସୁନ୍ଦରଗଡ଼ ଜିଲ୍ଲାକୁ ୩ ଭାଗ କରି ନୂତନ ଜିଲ୍ଲା ଗଠନ ପାଇଁ ବାରମ୍ବାର ଦାବି ଉଠୁଥିବାବେଳେ ଆଉ କେତେକ ମହଲ ଏହି ତିନୋଟି ବଡ଼ ଜିଲ୍ଲାକୁ ନଭାଙ୍ଗିବା ପାଇଁ ମତ ଦେଉଛନ୍ତି। ଇତିମଧ୍ୟରେ ବିଭାଜିତ ଗଞ୍ଜାମ ଜିଲ୍ଲାକୁ ଭାଙ୍ଗି




ଘୁମୁସର ଜିଲ୍ଲା ଗଠନ ପାଇଁ ମଧ୍ୟ ଦାବି ଉଠୁଛି। ଏହାଛଡ଼ା ରାଜ୍ୟର ଆଉ କେତେକ ସବ୍‌ଡିଭିଜନ୍‌କୁ ଜିଲ୍ଲା ମାନ୍ୟତା ଦେବା ଲାଗି ମଧ୍ୟ ବାରମ୍ବାର ବିଭିନ୍ନ ସଂଗଠନ ଦାବି ଉଠାଉଛନ୍ତି। ଏହାଛଡ଼ା ରାଜ୍ୟ ରାଜଧାନୀ ଭୁବନେଶ୍ୱରକୁ ପ୍ରଶାସନିକ ଦୃଷ୍ଟିକୋଣରୁ ସ୍ୱତନ୍ତ୍ର ଜିଲ୍ଲା ମାନ୍ୟତା ଦେବା ଲାଗି ମଧ୍ୟ ବହୁ ବର୍ଷରୁ ଦାବି ହୋଇଆସୁଛି। ଖୋର୍ଦ୍ଧା ଜିଲ୍ଲା ଗଠନ ବେଳେ ଏହାର ମହକୁମା ଭୁବନେଶ୍ୱରରେ ରଖାଯାଇଥିଲା। ପରବର୍ତ୍ତୀ ସମୟରେ ଜିଲ୍ଲା ସଦର ମହକୁମା ଖୋର୍ଦ୍ଧାକୁ ସ୍ଥାନାନ୍ତରିତ ହୋଇଛି। ଜିଲ୍ଲା ପୁନର୍ଗଠନ ପ୍ରସ୍ତାବ ଦୀର୍ଘବର୍ଷ ଧରି *(ଶେଷ ପୃଷ୍ଠା ଦେଖନ୍ତୁ)*

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର ୩ ଜାନୁଆରୀ ୨୦୨୬ । ଶନିବାର



## ଜେଜେଙ୍କୁ ପିଟିପିଟି ହତ୍ୟା

**ଦିଗପହଣ୍ଡି: ଏକ୍ସପ୍ରେସ ନ୍ୟୁଜ୍**

ପାରିବାରକ କଳହର କରୁଣ ପରିଣତି । ଜେଜେଙ୍କୁ ଠେଙ୍ଗାରେ ପିଟିପିଟି ହତ୍ୟା । ନୃଶଂସ ପାଲଟିଲେ ଦୁଇ ନାତି । ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ ଚ଼ଷାନିମଖଣ୍ଡି ପଞ୍ଚାୟତ ସିନ୍ଧବା ଗ୍ରାମରେ ଏଭଳି ବିଭତ୍ସ ହତ୍ୟାକାଣ୍ଡ ଘଟିଛି । ମୃତକ ଜଣଙ୍କ ହେଉଛନ୍ତି ସନ୍ୟାସୀ ଗୌଡ଼ ।

ସୂଚ଼ନାନୁଯାୟୀ, ପାରିବାରିକ ବିବାଦକୁ କେନ୍ଦ୍ର କରି ଦିଗପହଣ୍ଡି ବ୍ଲକ ସିନ୍ଧବା ଗ୍ରାମର ସନ୍ୟାସୀ ଗୌଡ଼ଙ୍କ ସହ ତାଙ୍କର ଦୁଇ ନାତି ଚ଼ିକୁନ ଗୌଡ଼ ଓ ଶିବ ଗୌଡ଼ଙ୍କ ଗଣ୍ଡଗୋଳ ହୋଇଥିଲା । କିଛି ସମୟ ପରେ ଦୁଇ ନାତି ଉତକ୍ଷିପ୍ତ ହୋଇ ଜେଜେ ଧରିଥିବା ଠେଙ୍ଗାକୁ ଛଡାଇ ଆଣି ତାଙ୍କ ମୁଣ୍ଡକୁ ପ୍ରହାର କରଥିଲେ । ଫଳରେ ସନ୍ୟାସୀ ଗୁରୁତର ହୋଇଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଦିଗପହଣ୍ଡି ମେଡିକାଲ ଆଣିଥିଲେ । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ସେପଟେ ଦୁଇ ହତ୍ୟାକାରୀ ନାତି କେଉଁଆଡେ ଫେରାର୍ ହୋଇଯାଇଛନ୍ତି ।

## ଶ୍ୱଶୁରଙ୍କ ଶେଷକୃତ୍ୟରେ ଶବ ପାଲଟିଲେ ଜ୍ୱାଇଁ

**ଖଲ୍ଲିକୋଟ: ଏକ୍ସପ୍ରେସ ନ୍ୟୁଜ୍**

ମୃତ୍ୟୁ କେବେ, କେଉଁ ମୁହୂର୍ତ୍ତରେ, କେମିତି ଆସିବ ତାହା କେହି କହିପାରିବେନି । ଶ୍ମଶାନରେ ଜୁଇ ଜଳୁଥିଲା, ଲୋକଙ୍କ ଆଖିରେ ଥିଲା ଲୁହ । ହେଲେ ଶ୍ୱଶୁରଙ୍କ ଶେଷ କୃତ୍ୟ ବେଳେ ପୁଣି ବିଧାତା ଦେଲା ବୋଝ ଉପରେ ନଳିତା ବିଡା ଭଳି ଦୁଃଖ । ଘରୁ ଉଠିଲା ଆଉ ଗୋଟେ କୋକେଇ । କାରଣ କେହି କିଛି ବୁଝିବା ପୂର୍ବରୁ ହଠାତ୍ ନିରବୀ ଗଲା ଜ୍ୱାଇଁଙ୍କ ଜୀବନ ।

ଗଞ୍ଜାମ ଖଲ୍ଲିକୋଟ ଥାନା ଅନ୍ତର୍ଗତ ବିକ୍ରମପୁର ଗାଁରେ ଘଟିଛି ଏକ ହୃଦୟବିଦାରକ ଘଟଣା । ଗୁରୁବାର ବିକ୍ରମପୁର ଗ୍ରାମର ସୁବାସ ପାହାନଙ୍କ ମୃତ୍ୟୁ ଘଟିଥିଲା । ଗାଁ ଶ୍ମଶାନରେ ତାଙ୍କ ଅନ୍ତିମ ସଂସ୍କାର ଚ଼ାଲିଥିବାବେଳେ, ମୃତ ସୁବାସଙ୍କ ଜ୍ୱାଇଁ ଜଗନ୍ନାଥ ବେହେରା ହଠାତ୍ ଅଚେତ୍ ହୋଇପଡ଼ିଥିଲେ । ଶ୍ମଶାନରେ ହୁହୁ କରି ଜଳୁଥିବା ଜୁଇ, ଆଉ ତାହା ପାଖରେ ଭୁଇଁରେ ପଡ଼ିଥିବା ଜଗନ୍ନାଥ । ଏ ଦୃଶ୍ୟ ଦେଖି ସମସ୍ତେ ସ୍ତବ୍ଧ ହୋଇଯାଇଥିଲେ । ତୁରନ୍ତ ତାଙ୍କୁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା । କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ହୃଦଘାତରେ ଯୋଗୁଁ ମୃତ୍ୟୁ ଘଟିଥିବା କୁହାଯାଉଛି । ଖଲ୍ଲିକୋଟ ଥାନା ଏସଆଇ ପୂରା ଟିମ୍ ସହ ମେଡିକାଲରେ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇଛନ୍ତି ।

ମୃତ ଜଗନ୍ନାଥ ବେହେରାଙ୍କ ଘର ଖଲ୍ଲିକୋଟର ଧରାକୋଟ ସାହିରେ ହୋଇଥିବାବେଳେ, ସେ ଛତ୍ରପୁର ପ୍ରାଣୀ ଚ଼ିକିତ୍ସାଳୟରେ କାର୍ଯ୍ୟରତ ଥିଲେ । ପରିବାର ଗୋଟିଏ ଦୁଃଖରୁ ବାହାରି ନଥିବାବେଳେ ଜ୍ୱାଇଁଙ୍କ ଅକସ୍ମାତ ମୃତ୍ୟୁ ପରିବାରକୁ ଗଭୀର ଆଘାତ ଦେଇଛି । ସତରେ ମୃତ୍ୟୁ ଆସେ, ସମୟ ଦେଖେନି, କେବେ କେଉଁଠି ଓ କେମିତି କାହାକୁ ନେଇଯିବ ତାହା କେହି ବି ଜାଣିପାରିବେନି ।



ବିଧାନସଭା ପରିସରରେ ମୁଖ୍ୟମନ୍ତ୍ରୀ ମୋହନ ଚ଼ରଣ ମାଝୀ ବିଧାନସଭା ଦ୍ୱାରା ପ୍ରକାଶିତ 'Who is Who' ପୁସ୍ତକ ଓ କ୍ୟାଲେଣ୍ଡର ଉନ୍ମୋଚ଼ନ କରୁଛନ୍ତି ।

## କଳିଙ୍ଗନଗର ଗୁଳିକାଣ୍ଡକୁ ୨୦ ବର୍ଷ: ଶହୀଦ ଆଦିବାସୀଙ୍କ ସ୍ମୃତିରେ ପୂଜାର୍ଚ୍ଚନା

**କଳିଙ୍ଗନଗର: ଏକ୍ସପ୍ରେସ ନ୍ୟୁଜ୍**



ଆଦିବାସୀ ଅଧିକାର ସଂଗ୍ରାମର ଏକ ରକ୍ତରଞ୍ଜିତ ଓ ଅବିସ୍ମରଣୀୟ ଅଧ୍ୟାୟ ଥିଲା । କଳିଙ୍ଗନଗର ଗୁଳିକାଣ୍ଡ ଠିକ ଶୁକ୍ରବାର ୨୦ ବର୍ଷ ପୂରିଛି । ଏହି ଅବସରରେ ଗୁଳିକାଣ୍ଡ ସ୍ଥଳରେ ବିସ୍ଥାପନ ବିରୋଧୀ ଜନମଞ୍ଚ ପକ୍ଷରୁ 'ଶହୀଦ ସ୍ମୃତି ଦିବସ' ପାଳନ କରାଯାଇଥିଲା । ଜମି–ଜଙ୍ଗଲ–ଜୀବିକା ସୁରକ୍ଷା ପାଇଁ ପ୍ରାଣ ଦେଇଥିବା ଆଦିବାସୀ ଶହୀଦମାନଙ୍କୁ ଶ୍ରଦ୍ଧାଭରେ ସ୍ମରଣ କରାଯାଇଥିଲା । ସ୍ମୃତି ସଭାରେ ଆଦିବାସୀ ନେତା ରବୀନ୍ଦ୍ର ଜରିକା ଓ ବରିଷ୍ଠ ସଂଗ୍ରାମୀ ନେତା ବାବୁଲି ହାଇବ୍ରୁ, ବାବୁଲି ପୂର୍ତ୍ତି ପ୍ରମୁଖ ଶହୀଦମାନଙ୍କ ଫଟୋରେ ପୁଷ୍ପାଞ୍ଜଳି ଅର୍ପଣ, ଦୀପଦାନ ଓ ପୂଜାର୍ଚ୍ଚନା କରି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଏହି ଅବସରରେ ଶହୀଦଙ୍କ ବଳିଦାନକୁ ସ୍ମରଣ କରି ସମବେତ ଆଦିବାସୀ ସମୁଦାୟ ନିରବତାରେ ନତମସ୍ତକ ହୋଇଥିଲେ । ସଭାକୁ ସମ୍ବୋଧନ କରି ନେତା ରବୀନ୍ଦ୍ର ଜରିକା କହିଥିଲେ ଯେ, କଳିଙ୍ଗନଗର ଗୁଳିକାଣ୍ଡ କେବଳ ଗୋଟିଏ ଘଟଣା ନୁହେଁ, ଏହା ଆଦିବାସୀଙ୍କ ଅଧିକାର ଦାବିକୁ ଗୁଳିରେ ଦମନ କରାଯାଇଥିବା ଏକ ଭୟଙ୍କର ଉଦାହରଣ । ୨୦ ବର୍ଷ ବିତିଗଲେ ମଧ୍ୟ ଶହୀଦଙ୍କ ପରିବାର ପାଇଁ ପ୍ରକୃତ ନ୍ୟାୟ, ସମ୍ପୂର୍ଣ୍ଣ ପୁନର୍ବାସ ଓ ସୁରକ୍ଷିତ ଜୀବନ ଏପର୍ଯ୍ୟନ୍ତ ମିଳିନଥିବା ଦୁଃଖଦ ବୋଲି ସେ କହିଥିଲେ । ବରିଷ୍ଠ ନେତା ବାବୁଲି ହାଇବ୍ରୁ କହିଥିଲେ ଯେ, ଶହୀଦଙ୍କ ରକ୍ତରେ ଲିଖା ଏହି ସଂଗ୍ରାମ ଇତିହାସକୁ ଭୁଲିଯିବାମାନେ ଆଦିବାସୀ ଅସ୍ତିତ୍ୱକୁ ଅସ୍ୱୀକାର କରିବା ସମାନ । ଯେପର୍ଯ୍ୟନ୍ତ ଶହୀଦଙ୍କ ପରିବାରକୁ ନ୍ୟାୟ ଓ ଯଥୋଚ଼ିତ ପୁନର୍ବାସ ମିଳିବ ନାହିଁ, ସେପର୍ଯ୍ୟନ୍ତ କଳିଙ୍ଗନଗର ଗୁଳିକାଣ୍ଡ ଆଦିବାସୀ ସମାଜର ମନରେ ଜୀବନ୍ତ ରହିବ ବୋଲି ସେ ସତର୍କ କରିଥିଲେ । ଏବେ ଏକ ପ୍ରଶ୍ନ ଉଠେ ୨୦ ବର୍ଷ ପରେ ମଧ୍ୟ କଳିଙ୍ଗନଗର ଗୁଳିକାଣ୍ଡ ଶହୀଦଙ୍କ ସ୍ମୃତି ସହିତ ଆଦିବାସୀ ନ୍ୟାୟ ଓ ଅଧିକାର ପାଇଁ ଏକ ଅଧୂରା ପ୍ରଶ୍ନ ଭାବେ ଆଜିବି ରହିଛି । ସ୍ଥାନୀୟ ଆଦିବାସୀ ନେତାମାନଙ୍କ ମତରେ, ଶହୀଦଙ୍କ ବଳିଦାନ ଭୁଲିଯିବାମାନେ ଆଦିବାସୀ ଅଧିକାରକୁ ଅସ୍ୱୀକାର କରିବା ସମାନ । ସେମାନେ ଦାବି କରିଥିଲେ ଯେ, କଳିଙ୍ଗନଗର ଗୁଳିକାଣ୍ଡର ସଠିକ୍ ନ୍ୟାୟ ଓ ପୁନର୍ବାସ ଯେପର୍ଯ୍ୟନ୍ତ ସୁନିଶ୍ଚିତ ହେବ ନାହିଁ, ସେପର୍ଯ୍ୟନ୍ତ ଏହି ଆଘାତ ଆଦିବାସୀ ସମାଜର ମନରୁ ମିଟିବ ନାହିଁ । ଆଦିବାସୀ ନ୍ୟାୟ ଓ ଅଧିକାର ପାଇଁ ଏକ ଅପୂରଣ ଦାବି ଭାବେ ଆଜିବି ଜୀବନ୍ତ ରହିଛି ।

## ପ୍ରଧାନଶିକ୍ଷୟିତ୍ରୀଙ୍କୁ ନେଇ ବିଦ୍ୟାଳୟରେ ତାଲା

**ଉଦଳା: ଏକ୍ସପ୍ରେସ ନ୍ୟୁଜ୍**

ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ନେଇ ବିବାଦ ଥମିବାର ନାମ ନେଉନି । ପୂର୍ବରୁ ୩ଥର ପ୍ରଧାନ ଶିକ୍ଷୟିତ୍ରୀଙ୍କ ବଦଳିକୁ ନେଇ ଧାରଣା ଓ ବିକ୍ଷୋଭ ହୋଇଥିଲେ ସୁଦ୍ଧା ପୁଣି ପ୍ରଧାନ ଶିକ୍ଷୟିତ୍ରୀ ବିଦ୍ୟାଳୟକୁ ଆସିବାରୁ ବିଦ୍ୟାଳୟରେ ତାଲା ପକାଇବା ସହିତ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ବିଦ୍ୟାଳୟ ଭିତରକୁ ଯିବାକୁ ନ ଦେବା ଜିଦରେ ଅଡ଼ି ବସିଛନ୍ତି ଅଭିଭାବକ । ଏଭଳି ଚ଼ିତ୍ର ସାମ୍ନାକୁ ଆସିଛି ଉଦଳା ବହୁବନ୍ଧ ଆଶ୍ରମ ବିଦ୍ୟାଳୟରେ ।

ଏହି ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ଭାବେ ପ୍ରତିଭା ମଞ୍ଜରୀ ପଣ୍ଡା ଦାୟିତ୍ୱରେ ଥିବାବେଳେ ଦୀର୍ଘ ମାସ ପୂର୍ବରୁ ତାଙ୍କର ଅନ୍ୟତ୍ର ବଦଳି ହୋଇଛି । ହେଲେ ସେ ବିଦ୍ୟାଳୟ ଛାଡି ଯିବାକୁ ନାରାଜ ଥିବାବେଳେ କୋର୍ଟର ଆଶ୍ରୟ ନେଇଥିଲେ । ହେଲେ ତାଙ୍କ ବଦଳି ପରେ ସେ ବିଦ୍ୟାଳୟରୁ ନଯିବାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ବଢିବା ପରେ ପୂର୍ବରୁ ୩ ଥର ଗ୍ରାମବାସୀମାନେ ତାଙ୍କୁ ବିଦ୍ୟାଳୟରେ ନ ରଖିବା ଏବଂ ସେ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ପାଠ ପଢାଇବା ପରିବର୍ତ୍ତେ କାମ କରାଉଥିବାରୁ ତାହାକୁ ବିରୋଧ କରିଛନ୍ତି ଗ୍ରାମବାସୀ । ତେଣୁ ପୂର୍ବରୁ ଏହି ବିବାଦକୁ ନେଇ ଅଭିଭାବକମାନେ ଧାରଣା ଓ ବିକ୍ଷୋଭ କରିଥିବା ବେଳେ ସମ୍ପୃକ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ବିଦ୍ୟାଳୟରେ ରଖାଯିବ ନାହିଁ ବୋଲି ବିଭାଗୀୟ ଅଧିକାରୀ ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ପୁନଶ୍ଚ ଉକ୍ତ ପ୍ରଧାନ ଶିକ୍ଷୟିତ୍ରୀ ବିଦ୍ୟାଳୟରେ ଜଏନ କରିବାକୁ ଆସିବାରୁ ଅଭିଭାବକ ତାଡି ବିଦ୍ୟାଳୟରେ ତାଲା ପକାଇବା ସହିତ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ବିଦ୍ୟାଳୟ ବାହାରେ ଅଟକାଇ ଥିଲେ । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଅଭିଭାବକଙ୍କୁ ବୁଝାସୁଝା କରୁଥିଲେ ସୁଦ୍ଧା କୌଣସି ସୁଫଳ ମିଳି ପାରିନାହିଁ ।

## କୋଦଳା ଏନଏସିରେ ଚାଲିଛି ହରିଲୁଟ୍

**କୋଦଳା: ଏକ୍ସପ୍ରେସ ନ୍ୟୁଜ୍**






ଗଞ୍ଜାମ ଜିଲ୍ଲା କୋଦଳା ଏନଏସିରେ ସର୍ବଗିଳା ଭାବରେ ସାନିଟାଇସନ ଏକ୍ସ ପର୍ଟ ଚ଼ନ୍ଦ୍ର କାନ୍ତ ମାରାଣ୍ଡି ନାମରେ ଏବେ ସବୁ ଆଡେ ଚ଼ର୍ଚ୍ଚା । ପ୍ରକାଶ ଥାଉକି ଗଞ୍ଜାମ ଜିଲ୍ଲା କୋଦଳା ଏନଏସିରେ ଦୀର୍ଘ ପାଞ୍ଚ ବର୍ଷରୁ ଉର୍ଦ୍ଧ୍ୱ ହେବ ସାନିଟାଇସନ ଏକ୍ସ ପର୍ଟ ଭାବରେ କାର୍ଯ୍ୟ କରି ଆସୁଛନ୍ତି ସେବେ ଠାରୁ ଦୁର୍ନୀତି ଚ଼ରମ ସୀମାରେ ପହଞ୍ଚି ସାରିଛି । ପାଣି ଗାଡି, ସେସଫୁଲ ଟାଙ୍କି ଗାଡିର ଦାୟିତ୍ୱ ଦିଆଯାଇଥିବା ବେଳେ ଲୋକମାନଙ୍କ ଠାରୁ ସେହି ବାବଦକୁ ଟଙ୍କା ଆଦାୟ କରି ରଷିଦ ଦିଆଯାଉଛି ସତ କିନ୍ତୁ ସେହି ଆଦାୟ ଟଙ୍କା ଅଫିସରେ ଡିପୋଜିଟ ହେଉନାହିଁ । ସେହି ଟଙ୍କା ଯାଉଛି କୁଆଡେ ? ଗତ ଦୁଇ ବର୍ଷ ତଳେ ଅଡିଟ ହୋଇଥିଲା ସେଇ ଅଡିଟରେ ପ୍ରାୟ ଦେଢ଼ ଲକ୍ଷ ଟଙ୍କା ରିକୋଭାରୀ କରାଯାଇଥିବା ଶୁଣିବାକୁ ମିଳୁଛି । ହେଲେ ସର୍ବଗିଳା ଅଧକ୍ଷ, କାର୍ଯ୍ୟନିର୍ବାହୀ ଅଧିକାରୀ ଓ ସାନିଟାଇଯେସନ ଏକ୍ସପର୍ଟଙ୍କ ଲାଳସା ଗଲାନାହିଁ ପୁଣି ଦୁଇବର୍ଷ ହେବ ପାଣି ଟାଙ୍କି ଓ ସେସଫୁଲର ପ୍ରାୟ ଦଶ ଲକ୍ଷ ଟଙ୍କା ଆଦାୟ ହୋଇଥିବା ବେଳେ କାର୍ଯ୍ୟାଳୟରେ ତାହା ଜମା ହେଉନଥିବା ନେଇ ୧୧ନମ୍ବର ୱାର୍ଡର କାଉନସିଲର ଭଗବାନ ପାଢ଼ୀ ଅଭିଯୋଗ କରିବା ସହ ଆରଟିଆଇ ଜରିଆରେ ମାଗିଥିଲେ ମଧ୍ୟ ତାହା ବର୍ତ୍ତମାନ ସୁଦ୍ଧା ମିଳି ନାହିଁ । କିଛି ମାସ ତଳେ କୋଦଳା ଏନଏସିକୁ ଅଡିଟ କରିବାପାଇଁ ଆସିଥିବା କର୍ମଚ଼ାରୀଙ୍କୁ ମଦ ମାଂସ ଓ ମୋଟା ଅଙ୍କର ଟଙ୍କା ଦେଇ ସେଇ ଘଟଣାଟିକୁ ଚ଼ପେଇ ଦେବା ସହ ଅନ୍ୟ ବହୁତ କିଛି କାମରେ ହୋଇଥିବା ଘୋଟଲାର ମଧ୍ୟ ତଥ୍ୟକୁ ଲୁଚ଼ାଇ ଦେଇଥିବା ଅଭିଯୋଗ କରିଛନ୍ତି କାଉସିଲର । ତାହାସହ ଅନ୍ୟ ବହୁତ କିଛି ଦୁର୍ନୀତି ଉପରେ ତଥ୍ୟ ମାଗିଥିବା ସେ କହିଛନ୍ତି ଆଉ ସେ ତଥ୍ୟ ହସ୍ତଗତ ହେଲା ପରେ ସର୍ବଗିଳାମାନଙ୍କର ସର୍ବସମ୍ମୁଖରେ ମୁଖା ଖୋଲା ଯିବ ବୋଲି ମଧ୍ୟ କହିଛନ୍ତି । ଏଣୁ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ଏଥି ପ୍ରତି ଦୃଷ୍ଟି ଦେଇ ଭିଜିଲାନ୍ସ ତଦନ୍ତ କରିବା ପାଇଁ ଅଞ୍ଚଳ ବାସି ଦାବିକରିବା ସହ କାଉସିଲର ମଧ୍ୟ ଦାବି କରିଛନ୍ତି ।

## ଶ୍ରୀଧର ଉପସଭାପତି ଓ ତିଳୋତ୍ତମା ସମ୍ପାଦକ ମନୋନୀତ

**ରାଜନଗର: ଏକ୍ସପ୍ରେସ୍ ନ୍ୟୁଜ୍**

ଶ୍ରୀଧର ପ୍ରଧାନ କେନ୍ଦ୍ରାପଡ଼ା ଜିଲ୍ଲା ବିଜେପିର ଉପସଭାପତି ଭାବେ ମନୋନୀତ ହୋଇଛନ୍ତି । ଜିଲ୍ଲା ସଭାପତି ଶଶାଙ୍କ ଶେଖର ସେଠୀ ତାଙ୍କ ଜିଲ୍ଲା ଟିମରେ ଉପସଭାପତି ଭାବେ ସ୍ଥାନ ଦେଇଥିବାରୁ ଶ୍ରୀ ପ୍ରଧାନ ଜିଲ୍ଲା ସଭାପତି ଶ୍ରୀ ସେଠୀଙ୍କ ସହ ରାଜନଗର ନିର୍ବାଚନ ମଣ୍ଡଳୀ ନେତା ଲଳିତ କୁମାର ବେହେରା, ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ କୃତଜ୍ଞତା ଜଣାଇବା ସହ ଆଗାମୀ ଦିନରେ ଦଳର ସାଙ୍ଗଠନିକ ସ୍ଥିତିକୁ ସୁଦୃଢ଼ କରିବାକୁ ନିଷ୍ଠାର ସହ କାର୍ଯ୍ୟ କରିବେ ବୋଲି କହିଛନ୍ତି । ସେ ଏହା ପୂର୍ବରୁ ଜିଲ୍ଲା କୃଷକ ମୋର୍ଚ୍ଚାର ସଭାପତି ଭାବେ କାର୍ଯ୍ୟ କରିଥିଲେ । ସେହିପରି ବିଜେପିର ଜିଲ୍ଲା ସମ୍ପାଦିକା ଭାବେ ତିଳୋତ୍ତମା ବରାଳ ସ୍ଥାନ ପାଇଛନ୍ତି । ବେଲପାଳ ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ଭାବେ କାର୍ଯ୍ୟ କରୁଥିବା ବେଳେ ସେ ଅନାସ୍ଥା ଭୋଟରେ ପରାସ୍ତ ହୋଇଥିଲେ । ତାଙ୍କୁ ଜିଲ୍ଲା ସମ୍ପାଦିକା ଭାବେ ଦାୟିତ୍ୱ ମିଳିଥିବାରୁ ବିଜେପି ନେତା ଲଳିତ ବେହେରା ଓ ଜିଲ୍ଲା ସଭାପତି ଶ୍ରୀ ସେଠୀଙ୍କ ସହ ରାଜ୍ୟ ସଭାପତି ଶ୍ରୀ ସାମଲଙ୍କୁ ଧନ୍ୟବାଦ ଦେବା ସହ କୃତଜ୍ଞତା ଜଣାଇଛନ୍ତି । ଉଭୟଙ୍କୁ ଦଳୀୟ ନେତା ଓ କର୍ମୀମାନେ ଶୁଭେଚ୍ଛା ଜଣାଇଛନ୍ତି ।

## ତମାଖୁ ଦରବୃଦ୍ଧି ନିଶାଡିଙ୍କ ପାଇଁ କାଳ ହେବ !

**କଳିଙ୍ଗନଗର: ଏକ୍ସପ୍ରେସ ନ୍ୟୁଜ୍**



କଳିଙ୍ଗନଗର ଶିଳ୍ପାଞ୍ଚଳ ଓ ସୁକିନ୍ଦା ଖଣି ଅଞ୍ଚଳରେ ନିଶା ସମସ୍ୟା ଏବେ ଏକ ଗଭୀର ସାମାଜିକ ସଂକଟର ଆକାର ନେଇଛି । ଛୋଟ ପିଲାଠାରୁ ଆରମ୍ଭ କରି ବୟସ୍କ ପର୍ଯ୍ୟନ୍ତ ଧୀରେଧୀରେ ନିଶାର ଗ୍ରସରେ ପଡୁଥିବା ଦେଖିବାକୁ ମିଳୁଛି । ସିଗାରେଟ, ବିଡ଼ି, ଗୁଟଖା ଓ ପାନମସଲା ଭଳି ତମାଖୁ ଉତ୍ପାଦ ଯୁବପିଢ଼ିଙ୍କୁ ସବୁଠାରୁ ଅଧିକ ପ୍ରଭାବିତ କରୁଛି । ନିଶାସକ୍ତି ଯୋଗୁଁ ପରିବାର ମଧ୍ୟରେ ଅଶାନ୍ତି, କଳିଝଗଡ଼ା, ଦୁର୍ଘଟଣା ଓ ଅପରାଧ ବୃଦ୍ଧି ପାଉଥିବା ସ୍ଥାନୀୟ ଲୋକେ କହୁଛନ୍ତି । ଚ଼ିନ୍ତାଜନକ କଥା ହେଉଛି, ଅନେକ ଯୁବକ ନିଶାର ଆସକ୍ତିରେ ପଡ଼ି ଅଧାରୁ ପାଠପଢ଼ା ଛାଡ଼ି ଦେଉଛନ୍ତି, ଯାହା ଆଗାମୀ ପିଢ଼ି ପାଇଁ ଗୁରୁତର ଝୁମକି ସୃଷ୍ଟି କରୁଛି । ଏହି ପରିପ୍ରେକ୍ଷିତରେ କେନ୍ଦ୍ର ସରକାର ତମାଖୁ ଉତ୍ପାଦ ଉପରେ କଡ଼ା ପଦକ୍ଷେପ ନେଇଛନ୍ତି । ସରକାରୀ ନିଷ୍ପତ୍ତି ଅନୁଯାୟୀ, ଫେବୃଆରୀ ୧ ଠାରୁ ସିଗାରେଟ, ବିଡ଼ି, ପାନମସଲା ଓ ତମାଖୁ ଉତ୍ପାଦ ମହଙ୍ଗା ହେବ । ତମାଖୁ ଓ ପାନମସଲା ଉପରେ ଅତିରିକ୍ତ ଉତ୍ପାଦ ଶୁଳ୍କ ଓ ନୂତନ ସେସ ଲାଗୁ କରାଯାଇଛି । ସରକାରୀ ବିଜ୍ଞପ୍ତି ଅନୁସାରେ, ପାନମସଲା, ସିଗାରେଟ ଓ ତମାଖୁ ଉତ୍ପାଦ ଉପରେ ୪୦ ପ୍ରତିଶତ ଜିଏସଟି, ଯେତେବେଳେ ବିଡ଼ି ଉପରେ ୧୮ ପ୍ରତିଶତ ଜିଏସଟି ଲାଗିବ । ଏହା ସହିତ ପାନମସଲା ଉପରେ ସ୍ୱାସ୍ଥ୍ୟ ଓ ଜାତୀୟ ସୁରକ୍ଷା ସେସ ମଧ୍ୟ ଲାଗୁ କରାଯାଇଛି । ତମାଖୁ, ଜର୍ଦ୍ଦା ଓ ଗୁଟଖା ପ୍ୟାକିଂ ମେସିନ ସମ୍ପର୍କିତ ୨୦୨୬ ନିୟମକୁ ମଧ୍ୟ ଅଧିସୂଚ଼ିତ କରାଯାଇଛି ।

ସାଧାରଣ ଲୋକ ଓ ସଚେତନ ମହଲ ସରକାରଙ୍କ ଏହି ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି । ତେବେ ସ୍ଥାନୀୟ ଲୋକଙ୍କ ମତ, କେବଳ ଟିକସ ବୃଦ୍ଧି ନୁହେଁ, ମାଟିସ୍ତରରେ ନିଶା ବ୍ୟବସାୟ ଉପରେ କଡ଼ା ନଜର ଓ ସଚେତନତା କାର୍ଯ୍ୟକ୍ରମ ହେଲେ ମାତ୍ର କଳିଙ୍ଗନଗର ଓ ସୁକିନ୍ଦା ଅଞ୍ଚଳକୁ ନିଶା ମୁକ୍ତ କରିବା ସମ୍ଭବ ହେବ ।

## କୁହୁଡିରେ ଲୁଚ଼ିଗଲା ବ୍ଲାକ୍ ପାଗୋଡା

**କୋଣାର୍କ: ଏକ୍ସପ୍ରେସ ନ୍ୟୁଜ୍**

କୁହୁଡିରେ ଲୁଚ଼ିଗଲା ବ୍ଲାକ୍ ପାଗୋଡା । କୋଣାର୍କ ମନ୍ଦିରର କାରୁକାର୍ଯ୍ୟ ଦେଖିବାରୁ ବଞ୍ଚିତ ହେଲେ ପର୍ଯ୍ୟଟକ । ସକାଳ ୮ଟା ଯାଏ ୫୦ ମିଟର ଯାଏ ଦିଶିଲାନି ବାଟଘାଟ । ଯାନବାହାନ ଚ଼ଳାଚ଼ଳ ବାଧାପ୍ରାପ୍ତ ।

ନୂଆବର୍ଷ ପାଇଁ କୋଣାର୍କ ମନ୍ଦିରକୁ ପର୍ଯ୍ୟଟକଙ୍କ ସୁଅ ଛୁଟୁଛି । ଶୁକ୍ରବାର ସକାଳେ କୋଣାର୍କ ମନ୍ଦିର ଘନ କୁହୁଡିରେ ଆଚ୍ଛାଦିତ ହୋଇ ରହିଥିଲା । କହିବାକୁ ଗଲେ ବ୍ଲାକ୍ ପାଗୋଡା ଅଦୃଶ୍ୟ ହୋଇଯାଇଥିଲା । ଫଳରେ ଦୂର ଦୂରାନ୍ତରୁ ଆସିଥିବା ପର୍ଯ୍ୟଟକମାନେ ମନ୍ଦିରର କାରୁକାର୍ଯ୍ୟ ଦେଖିବାରୁ ବଞ୍ଚିତ ହୋଇଥିଲେ । ସକାଳ ୮ଟା ପର୍ଯ୍ୟନ୍ତ ପ୍ରାୟ ୫୦ମିଟର ଯାଏ ବାଟଘାଟ କିଛି ଦୃଶ୍ୟମାନ ହେଉନଥିଲା । ଯାନବାହାନ ଚ଼ଳାଚ଼ଳରେ କୁହୁଡି ପ୍ରତିବନ୍ଧକ ସାଜିଥିଲା । ଫଳରେ ଯାତାୟାତରେ ସମସ୍ୟା ଦେଖାଦେଇଥିଲା ।

### ବାଣିଜ୍ୟ

## ଏନ୍‌ଟିପିସି ସେୟାର ୪% ବୃଦ୍ଧି

**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**



ଏନଟିପିସିର ସେୟାର ୪% ବୃଦ୍ଧି ପାଇ ଟ.୩୪୯.୩ ଆନ୍ତଃ-ଦିନର ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି, ରିପୋର୍ଟ ଅନୁଯାୟୀ ବିଦ୍ୟୁତ ଉତ୍ପାଦନ ଫାର୍ମ ଶକ୍ତି ଉତ୍ପାଦନକୁ ବିବିଧ କରିବା ପାଇଁ ଏହାର ପରମାଣୁ ମହତ୍ତ୍ୱାକାଂକ୍ଷାକୁ ଆଗକୁ ବଢ଼ାଇବା ପାଇଁ ପ୍ରଯୁକ୍ତିବିଦ୍ୟା ଏବଂ ଇନ୍ଧନ କ୍ଷେତ୍ରରେ ବହୁ ଆନ୍ତର୍ଜାତୀୟ ସହଯୋଗ ଅନୁସନ୍ଧାନ କରୁଛି ।

୨୦୪୭ ସୁଦ୍ଧା ୧୦୦ ଗିଗାୱାଟ ପରମାଣୁ କ୍ଷମତା ହାସଲ କରିବାର ସରକାରଙ୍କ ମହତ୍ତ୍ୱାକାଂକ୍ଷା ସହିତ ଏନଟିପିସି ଦେଶର ବିଭିନ୍ନ ସ୍ଥାନରେ ପ୍ରାୟ ୩୦ ଗିଗାୱାଟ କମ୍ପାନୀ ମାଲିକାନା ପରମାଣୁ ପ୍ରକଳ୍ପ ସ୍ଥାପନ କରିବାକୁ ଚ଼ାହୁଁଛି । ରିପୋର୍ଟରୁ ଜଣାପଡିଛି ଯେ, କମ୍ପାନୀ ୨୦୩୨ ସୁଦ୍ଧା ୨ ଗିଗାୱାଟ ପରମାଣୁ କ୍ଷମତା ହାସଲ କରିବାକୁ ଲକ୍ଷ୍ୟ ରଖିଛି ।

ପ୍ରଯୁକ୍ତିବିଦ୍ୟା ପାଇଁ, ଭାରତରେ ବଡ଼, ଚ଼ାପଯୁକ୍ତ ଜଳ ରିଆକ୍ଟର ପ୍ରକଳ୍ପ ନିୟୋଜନ ପାଇଁ ସହଯୋଗ ଅନୁସନ୍ଧାନ କରିବା ପାଇଁ ଏନଟିପିସି ବିଶ୍ୱ ଶକ୍ତି ଖେଳାଳି ରୋସାଟୋମ୍ ଏବଂ ଇଡିଏଫ୍ ସହିତ ଅଣ-ପ୍ରକାଶନ ଚୁକ୍ତିନାମାରେ ପ୍ରବେଶ କରିଛି, ରିପୋର୍ଟରେ ଉଲ୍ଲେଖ କରାଯାଇଛି ।

ଏହା ବ୍ୟତୀତ, ଏନଟିପିସି ଏବଂ ହୋଲଟେକ୍ ଇଣ୍ଟରନ୍ୟାସନାଲ ଭବିଷ୍ୟତର ପରମାଣୁ ପ୍ରକଳ୍ପଗୁଡ଼ିକରେ ଛୋଟ ମଡ୍ୟୁଲାର ରିଆକ୍ଟର (ଏସଏମଆରଏସ)ର ନିୟୋଜନ ଅନୁସନ୍ଧାନ କରୁଛନ୍ତି ।

ଏସଏମଆରଏସ ମଡ୍ୟୁଲାର ନିର୍ମାଣ, ବର୍ଦ୍ଧିତ ସୁରକ୍ଷା ବୈଶିଷ୍ଟ୍ୟ ଏବଂ ପର୍ଯ୍ୟାୟକ୍ରମେ ନିୟୋଜନ ପାଇଁ ଉପଯୁକ୍ତତା ଦୃଷ୍ଟିରୁ ସମ୍ଭାବ୍ୟ ଲାଭ ପ୍ରଦାନ କରେ । କମ୍ପାନୀ ଯୁକ୍ତରାଷ୍ଟ୍ର-ଭିତ୍ତିକ କ୍ଲିନ୍ କୋର୍ ଥୋରିଅମ୍ ଏନର୍ଜି (ସିସିଟିଇ)ରେ ଏକ ରଣନୈତିକ ପ୍ରାରମ୍ଭିକ ପର୍ଯ୍ୟାୟ ନିବେଶ ଭାବରେ ଏକ ସଂଖ୍ୟାଲଘୁ ଇକ୍ୱିଟି ନିବେଶର ମୂଲ୍ୟାଙ୍କନ ମଧ୍ୟ କରୁଛି, ଯାହା ଆବଶ୍ୟକୀୟ ଆବଶ୍ୟକୀୟ ପରିଶ୍ରମ ସମାପ୍ତି ଏବଂ ଆବଶ୍ୟକୀୟ ବୈଧାନିକ ଏବଂ ନିୟାମକ ଅନୁମୋଦନ ପ୍ରାପ୍ତି ଉପରେ ନିର୍ଭର କରେ ।

ସିସିଟିଇ ଆନିଲ ନାମକ ଏକ ପେଟେଣ୍ଟ ଥୋରିଅମ୍ ଏବଂ ସମୃଦ୍ଧ ୟୁରାନିୟମ୍ ପରମାଣୁ ଇନ୍ଧନ ବିକଶିତ କରିଛି ଏବଂ ଇନ୍ଧନକୁ ବିଦ୍ୟମାନ ଚ଼ାପଯୁକ୍ତ ଭାରୀ ଜଳ ରିଆକ୍ଟର (ପିଏଚଡବ୍ଲ୍ୟୁଆର)/ କାନାଡା ଡ୍ୟୁଟେରିଅମ୍ ୟୁରାନିୟମ୍ (ସିଏଏନଡ୍ୟୁ) ରିଆକ୍ଟର ସହିତ ସୁସଙ୍ଗତ ବୋଲି ଦାବି କରିଛି ।

ଏହି ସମୟରେ, ଏନଟିପିସି ଗୁଜୁରାଟ, ମଧ୍ୟପ୍ରଦେଶ, ବିହାର ଏବଂ ଆନ୍ଧ୍ର ପ୍ରଦେଶ ସମେତ ଅନ୍ୟାନ୍ୟ ରାଜ୍ୟରେ ପରମାଣୁ ସ୍ଥାନ ପାଇଁ ଭୂମି ବିକଳ୍ପଗୁଡ଼ିକର ସକ୍ରିୟ ଭାବରେ ମୂଲ୍ୟାଙ୍କନ କରୁଛି । ଏହା ପରମାଣୁ ଶକ୍ତି ନିୟାମକ ବୋର୍ଡରୁ ଅନୁମୋଦନ ପାଇବା ପରେ ସ୍ଥାନଗୁଡ଼ିକୁ ଚୂଡ଼ାନ୍ତ କରିବ ।

## କୋରୁକୋଣ୍ଡା ବ୍ଲକରେ ପୁଣି ଟେଣ୍ଡର ଫିକ୍ସିଙ୍ଗ ଅଭିଯୋଗ

**ମାଲକାନଗିରି: ଏକ୍ସପ୍ରେସ ନ୍ୟୁଜ୍**

ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ପକ୍ଷରୁ ଗତ ୪ ଡିସେମ୍ବରରେ ସେତୁ ଯୋଜନାର କାର୍ଯ୍ୟସହ ବିଭିନ୍ନ ବିଭାଗର କାର୍ଯ୍ୟକୁ ନେଇ ମୋଟ ୪ଟି ଟେଣ୍ଡର ଅନଲାଇନ ଯୋଗେ ବାହାରି ଥିବା ବେଳେ ଏହି ଟେଣ୍ଡର ପ୍ରକ୍ରିୟାରେ ଅନିୟମିତତା ହୋଇ ଟେଣ୍ଡର ଫିକ୍ସିଙ୍ଗ ହୋଇଥିବା ଅଭିଯୋଗ ହୋଇଛି । ଏନେଇ ଏକ ଅଡିଓ ମଧ୍ୟ ଭାଇରାଲ ହେବାରେ ଲାଗିଥିବା ଜଣା ପଡିଛି । ତେବେ ସୂଚ଼ନା ଅନୁଯାୟୀ କୋରୁକୋଣ୍ଡ ବ୍ଲକ ଅଧୀନରେ ସେତୁ ଯୋଜନା ଓ ଶିକ୍ଷା ବିଭାଗର ଅନୁଦାନ କାର୍ଯ୍ୟକୁ ମିଶାଇ ମୋଟ ୪ଟି କାର୍ଯ୍ୟ ପାଇଁ ଟେଣ୍ଡର ପ୍ରକାଶିତ ହୋଇଥିଲା । ଜିଲ୍ଲା ପୋର୍ଟାଲରେ ମଧ୍ୟ ଏହି କାର୍ଯ୍ୟ ନେଇ ସୂଚ଼ନା ଦିଆଯାଇଥିବା ବେଳେ ମାତ୍ର ୧୨ଜଣ ଠିକାଦାର ହିଁ ଏହି ଟେଣ୍ଡର ପ୍ରକ୍ରିୟାରେ ଭାଗ ନେଇଥିଲା । ତେବେ ସବୁଠାରୁ ବଡ ଏବଂ ଆଶ୍ଚର୍ଯ୍ୟର ବିଷୟ ହେଉଛି ପ୍ରତି କାର୍ଯ୍ୟରେ ସର୍ବନିମ୍ନ ୩ଜଣ ଠିକାଦାର ଟେଣ୍ଡର ପକାଇଲେ ଯାଇ ଏହାକୁ ନିୟମ ଅନୁଯାୟୀ ସଠିକ ବୋଲି ଗ୍ରହଣ କରାଯିବାର ପ୍ରାବଧାନ ଥିବା ବେଳେ ଟେଣ୍ଡର ବାହାରିଥିବା ଏହି କାର୍ଯ୍ୟ ଗୁଡିକରେ ମଧ୍ୟ କେବଳ ୩ଜଣ ଲେଖାଏଁ ହିଁ ଟେଣ୍ଡର ପକାଇଛନ୍ତି । ଯଦିଓ ଜିଲ୍ଲାର ଅନ୍ୟାନ୍ୟ ବିଭାଗରେ ବିଭିନ୍ନ କାର୍ଯ୍ୟ ପାଇଁ ଟେଣ୍ଡର ବାହାରିଲେ ଗୋଟିଏ କାର୍ଯ୍ୟରେ ଅନ୍ୟୁନ୍ୟ ୨୦ରୁ ଅଧିକ ଠିକାଦାର ଟେଣ୍ଡର ପକାଉଥିବା ବେଳେ ଏଠାରେ କିନ୍ତୁ ବିପରୀତ ଚ଼ିତ୍ର ଦେଖିବାକୁ ମିଳିଛି । ଏହି ବ୍ଲକରେ ବାହାରୁଥିବା କାର୍ଯ୍ୟରେ ଏତେ କମ ସଂଖ୍ୟକ ତଥା ସର୍ବନିମ୍ନ ଆବଶ୍ୟକତା ଅନୁଯାୟୀ କିପରି ଠିକାଦାରମାନେ ଟେଣ୍ଡର ପକାଉଛନ୍ତି, ତାହାକୁ ନେଇ ସନ୍ଦେହ ସୃଷ୍ଟି ହେଉଥିବା ବେଳେ ଏହି କାର୍ଯ୍ୟ ଗୁଡିକୁ ନେଇ ଟେଣ୍ଡର ଫିକ୍ସିଙ୍ଗ ହୋଇଥିବା ଅଭିଯୋଗ ହୋଇଛି । ପ୍ରାୟ ୧କୋଟି ଟଙ୍କା ମୂଲ୍ୟର ଏହି କାର୍ଯ୍ୟ ଗୁଡିକୁ ନେଇ ଟେଣ୍ଡର ଫିକ୍ସିଙ୍ଗ ହୋଇଥିବା ଅଭିଯୋଗ ସହ ଏକ ଅଡିଓ ମଧ୍ୟ ସାମାଜିକ ଗଣମାଧ୍ୟମରେ ଭାଇରଇଲ ହେବାରେ ଲାଗିଛି । ଯେଉଁଥିରେ ଟେଣ୍ଡର ଫିକ୍ସିଙ୍ଗ ଯୋଗୁଁ କିଛି ବ୍ୟକ୍ତି ବିଶେଷଙ୍କୁ ଟଙ୍କା ଦିଆଯାଇଥିବା କଥା ସ୍ପଷ୍ଟ ଜଣା ପଡିଛି । ତେବେ କୋରୁକୋଣ୍ଡା ବ୍ଲକରେ ଏପରି ଘଟଣା ନୂଆ ହୋଇ ନଥିବା ବେଳେ ପୂର୍ବରୁ ମଧ୍ୟ ଏଠାରେ ଟେଣ୍ଡର ଫିକ୍ସିଙ୍ଗର ଅଭିଯୋଗ ସହ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପରେ ତାହାକୁ ବାତିଲ କରାଯାଇଥିଲ । ତେବେ ଏହାପରେ ପୁଣି ସମାନ ଅଭିଯୋଗ ଆସିବା ପରେ ଏହି ବ୍ଲକ ପ୍ରଶାନର କାର୍ଯ୍ୟ ଶୈଳୀକୁ ନେଇ ସାଧାରଣରେ ପ୍ରଶ୍ନବାଚ଼ୀ ସୃଷ୍ଟି ହୋଇଛି । ତେବେ ଏହି ଘଟଣାକୁ ନେଇ ଆମେ କୋରୁକୋଣ୍ଡା ବ୍ଲକ ଗୋଷ୍ଠି ଉନ୍ନୟନ ଅଧିକାରୀ ଅମୂଲ୍ୟ କୁମାର ସାହୁଙ୍କୁ ଯୋଗାଯୋଗ କରିବାରୁ ସେ ପ୍ରକାଶ କରିଛନ୍ତି ଯେ, ଆମେ ସମସ୍ତ ନିୟମକୁ ପାଳନ କରି ଏହି ଟେଣ୍ଡର ପ୍ରକ୍ରିୟା କରିଛୁ । ତେବେ ଫିକ୍ସିଙ୍ଗ ନେଇ ଆମ ନିକଟରେ ସେପରି କୌଣସି ଅଭିଯୋଗ ପୂର୍ବରୁ ଆସି ନଥିଲା । ତେବେ ବର୍ତ୍ତମାନ ଆସିଥିବା ଅଭିଯୋଗକୁ ଆଧାର କରି ଆମେ ଏହାର ତଦନ୍ତ କରିବୁ । ସେହିପରି ଘଟଣାକୁ ନେଇ ଆମେ ମାଲକାନଗିରି ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ନରେଶ ଚ଼ନ୍ଦ୍ର ଶବରଙ୍କୁ ଯୋଗାଯୋଗ କରିବାରୁ ସେ ପ୍ରକାଶ କରିଛନ୍ତି ଯେ, ପୂର୍ବରୁ ଏପରି ଅଭିଯୋଗ ଯୋଗୁଁ ସେ ଅନଲାଇନ ଟେଣ୍ଡର କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବର୍ତ୍ତମାନ ସମସ୍ତ ନିୟମକୁ ପାଳନ କରାଯାଇ ଟେଣ୍ଡର ପ୍ରକ୍ରିୟା ହୋଇଥିବା ବେଳେ ଏହି ଘଟଣାକୁ ନେଇ ଆମେ ତଦନ୍ତ କରି ଉଚ଼ିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ । ତେବେ ବରିଷ୍ଠ ଅଧିକାରୀମାନେ ଅଭିଯୋଗ ପାଇବା ପରେ ଯଦିଓ ଘଟଣାର ତଦନ୍ତ କରିବାକୁ କହିଛନ୍ତି, ତେବେ ବାରମ୍ବାର ଏହି ଗୋଟିଏ ବ୍ଲକରେ କାହିଁକି ଏପରି ଅଭିଯୋଗ ଆସୁଛି ଏବଂ ଘଟଣା ପଛରେ କାହାର ହାତ ରହିଛି ଓ କେଉଁ ଅଧିକାରୀ ତଥା ବ୍ୟକ୍ତିମାନେ ଏଥିରେ ସମ୍ପୃକ୍ତ ଅଛନ୍ତି ତାହାର ଉଚ଼ିତ ତଦନ୍ତ ଦିଗରେ ପଦକ୍ଷେପ ନେଲେ ଆଗାମୀ ଦିନରେ ଏପରି ଘଟଣା ଘଟିବ ନାହି ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି ।

### ସିନେମାଫିନେମା ଟିଭିଫିବି

## ବାଂଲାଦେଶୀ କ୍ରିକେଟର କିଣି ବିବାଦରେ ଶାହରୁଖ ଖାନ୍



ଦେଶରେ ଖବୁଶୀଘ୍ର ଆରମ୍ଭ ହେବ ୨୦୨୬ ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ) । ଏଥିପାଇଁ ବିଭିନ୍ନ ଦଳ ନିଜ ମନ ପସନ୍ଦର ଖେଳାଳିଙ୍କୁ କିଣିଛନ୍ତି । କୋଟି କୋଟି ଟଙ୍କା ଦେଇ ଦେଶ ସହ ବିଦେଶୀ ଖେଳାଳିଙ୍କୁ ମଧ୍ୟ କିଣାଯାଇଛି । ଏହି ଖେଳାଳି କିଣାକୁ ନେଇ ଏବେ ବିବାଦରେ ରହିଛି କୋଲକାତା ନାଇଟ୍ ରାଇଡର୍ସ (କେକେଆର) । ବାଂଲାଦେଶରେ ହିନ୍ଦୁମାନଙ୍କ ଉପରେ ଅତ୍ୟାଚ଼ାର ହେଉଥିବା ବେଳେ ୩ଜଣଙ୍କୁ ହତ୍ୟା କରାଯାଇଛି । ଏହା ସତ୍ତ୍ୱେ ବି କେକେଆର ବାଂଲାଦେଶୀ କ୍ରିକେଟର ମୁସ୍ତାଫିଜୁର ରହମାନଙ୍କୁ କିଣିବାରୁ ବିବାଦ ଆରମ୍ଭ ହୋଇଛି । ଏଥିପାଇଁ କେକେଆର ମାଲିକ ତଥା ଅଭିନେତା ଶାହରୁଖ ଖାନଙ୍କୁ ସମାଲୋଚ଼ନାର ଶିକାର ହେବାକୁ ପଡିଛି ।

ଅଖଡ଼ା ପରିଷଦର ସଭାପତି ମହନ୍ତ ରବିନ୍ଦ୍ର ପୁରୀ ଏହି ପ୍ରସଙ୍ଗରେ ନିଜର ମତ ପ୍ରକାଶ କରିଛନ୍ତି । ସେ କହିଛନ୍ତି, 'ଶାହାରୁଖ ଖାନଙ୍କୁ ଯାହା ସମ୍ମାନ ଏବଂ ସ୍ୱୀକୃତି ମିଳିଛି ତାହା ଭାରତ ଏବଂ ଏହାର ଲୋକଙ୍କ ଯୋଗୁଁ । ତେଣୁ, ତାଙ୍କୁ ଦେଶବାସୀଙ୍କ ଭାବନା ଏବଂ ଜାତୀୟ ସ୍ୱାର୍ଥକୁ ପୂର୍ଣ୍ଣ ସମ୍ମାନ ଦେବା ଉଚ଼ିତ । ଦେଶ ବିରୋଧୀ ଚ଼ିନ୍ତାଧାରା କିମ୍ବା ଦେଶବାସୀଙ୍କ ଭାବନା ବିରୋଧରେ ଯାଉଥିବା ନିଷ୍ପତ୍ତିକୁ କୌଣସି ପରିସ୍ଥିତିରେ ଗ୍ରହଣ କରାଯିବ ନାହିଁ । ଏହା ଆମ ବିଶ୍ୱାସକୁ ଆଘାତ ଦେଇଛି । ମୁଁ ଚ଼ାହୁଁଛି ଯେ ଶାହରୁଖ ତାଙ୍କ ନିଷ୍ପତ୍ତିକୁ ବଦଳାନ୍ତୁ ।'

ଶିବସେନା (ୟୁବିଟି) ସବୁଠାରୁ କଡ଼ା ପ୍ରତିକ୍ରିୟା ପ୍ରକାଶ କରି କହିଛି ଯେ, ଯଦି ବାଂଲାଦେଶୀ ଖେଳାଳିଙ୍କୁ ଖେଳିବାକୁ ଅନୁମତି ଦିଆଯାଏ ତେବେ ପ୍ରତିବାଦ କରାଯିବ । ଦଳର ମୁଖପାତ୍ର ଆନନ୍ଦ ଦୁବେ କହିଛନ୍ତି ଯେ, 'ଯଦି ଶାହରୁଖ ଖାନ ତାଙ୍କୁ ତାଙ୍କ ଦଳରୁ ବାହାର କରିଦିଅନ୍ତି, ତେବେ ଆମେ ସମସ୍ତେ ତାଙ୍କୁ ସମ୍ମାନ ଦେବୁ, ସମ୍ମାନିତ କରିବୁ ଏବଂ ତାଙ୍କୁ ଉପଯୁକ୍ତ ସ୍ୱୀକୃତି ଦେବୁ । କିନ୍ତୁ ଯଦି ଶାହରୁଖ ଖାନ ତାଙ୍କୁ ଖେଳିବାକୁ ଦେଇ ଟଙ୍କା ରୋଜଗାର କରନ୍ତି, ତେବେ ସେହି ଟଙ୍କା ବାଂଲାଦେଶରେ ଆତଙ୍କବାଦୀଙ୍କୁ ପୋଷଣ କରିବା ଏବଂ ଆମ ଦେଶ ବିରୋଧରେ ଷଡ଼ଯନ୍ତ୍ର କରିବା ପାଇଁ ବ୍ୟବହୃତ ହେବ । ଆମେ କୌଣସି ପରିସ୍ଥିତିରେ ଏହା ହେବାକୁ ଦେବୁ ନାହିଁ । ବାଂଲାଦେଶ ଏବଂ ପାକିସ୍ତାନ ଉଭୟ ଆମର ଶତ୍ରୁ । ସେମାନଙ୍କୁ ସମ୍ପୂର୍ଣ୍ଣ ବୟକଟ ନକରି ଆମେ ଶାନ୍ତ ରହିବୁ ନାହିଁ ।'

# ଡାକ୍ତରବିହୀନ ଡାକ୍ତରଖାନାରେ ପ୍ରଚାର ସର୍ବସ୍ୱ ସ୍ୱାସ୍ଥ୍ୟସେବା




**୨।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନାହାନ୍ତି ଡାକ୍ତର । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମାନ୍ୟତା ପାଇବା ପରେ ଏଠି ୬ଜଣ ଡାକ୍ତର ରହିବା ନିୟମ ଥିବା ବେଳେ ଜଣେ ବି ଡାକ୍ତର ନଥିବା ଲୁକ୍କାୟିତ ଘଟଣା ପଦାକୁ ଆସିଲା । ହେଲେ କାମଚଳା ପାଇଁ ବରିଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରୁ ଦିନକ ପାଇଁ ଡାକ୍ତର ଆଣି କରାଯାଉଛି ରୋଗୀ ସେବା । ଏଠି ସେବା ନା'ରେ ଚାଲିଛି ମାରଣ ନୀତି । ସରକାର ଅସହାୟ, ଦୁର୍ବଳ ପ୍ରଶାସନ ପାଇଁ ଆଜି ଲୋକେ ମରିବା ଏକ ପ୍ରକାର ନିଶ୍ଚିତ ହେଇଯାଇଛି । ଯାହା ସୂଚନା ମିଳିଛି ଫାଙ୍କା ପଡୁଛି ଡାକ୍ତରଖାନା ଆଜି ବହୁ ରୋଗୀ ଆସି ଘଣ୍ଟା ଘଣ୍ଟା ଅପେକ୍ଷା କରି ମୁମୂର୍ଷୁ ଅବସ୍ଥାରେ ନିରାଶ ହୋଇ ଆସିକା ଯାଇଥିବା ଘଟଣା ପରେ ଡାକ୍ତରଖାନାର ଅସଲ ଚେହେରା ପଦାରେ ପଡିଛି ।

ସାଧାରଣ ଲୋକେ ଜୀବନମରଣ ସମସ୍ୟାରେ ଆସୁଛନ୍ତି ଡାକ୍ତରଖାନା । ଦେଖିବାକୁ ମିଳୁନି ଡାକ୍ତରଙ୍କୁ ଆଜି କିଛି ସମୟ ଡାକ୍ତରଖାନାରେ ଡାକ୍ତରଙ୍କୁ ଅପେକ୍ଷା କରି ଉତ୍ତେଜିତ ହୋଇଥିବା ରୋଗୀ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ।

ସେହିପରି ଅନ୍ୟ ଦୁଇ ଜଣେ ଗୁଡ଼ିଆଳି ଓ ଟଙ୍କାଛାଇ ଗ୍ରାମର ରୋଗୀ ସଂଗୀନ ଅଭିଯୋଗ ଆଣି ଅସନ୍ତୋଷ ପ୍ରକାଶ କରିଥିବା ଦେଖିବାକୁ ମିଳିଛି । କିଛି ସମୟ ପରେ ଡେପୁଟେସନରେ ଥିବା ଡାକ୍ତର ଆସିବା ପରେ ଆମେ ଡାକ୍ତର ଙ୍କ ପ୍ରତିକ୍ରିୟା ନେଇଥିଲୁ । ଗୋଟି ଗୋଟି କରି ସତ କହିଦେଲେ ଡାକ୍ତରବାବୁ କିନ୍ତୁ କିଏ ଇନଚାର୍ଜ ଡାକ୍ତର ଜାଣିନାହାନ୍ତି । ସେ ଆଜି ଦିନକ ପାଇଁ ବରିଡା ମେଡିକାଲରୁ ଆସି ଡ୍ୟୁଟି କରୁଛନ୍ତି । ଡାକ୍ତର ସମସ୍ୟା ରାଜ୍ୟ ସାରା ଲାଗିରହିଥିବା ସେ କହିଛନ୍ତି । ହେଲେ କବିସୂର୍ଯ୍ୟନଗର ଡାକ୍ତରଖାନାରେ କେବେ ପୂରା ଡାକ୍ତର ପଦବୀ ପୂରଣ ହେଲା । ବିନା ଡାକ୍ତରରେ କିମିତି ଚାଲିଛି ଡାକ୍ତରଖାନା? ଲୋକଙ୍କୁ ମାରିବାକୁ ସରକାରଙ୍କ ଏଭଳି ମିଛ ପ୍ରଚାର ଆଉ କେତେ ଦିନ ବୋଲି ରୋଗୀ ପ୍ରଶ୍ନ କଲେଣି । ବସୁଛି ରୋଗୀ କଲ୍ୟାଣ ସମିତି । ପୂର୍ବ ଇନଚାର୍ଜ କାହିଁକି ଲୋକଙ୍କ ଲୁଚାଇ ରଖିଥିଲେ ଅବ୍ୟବସ୍ଥା ବୋଲି ପ୍ରଶ୍ନ ହୋଇଥିବା ବେଳେ ଆଉ କେତେ ଲୋକ ମରିଲେ ଚେତିବ ପ୍ରଶାସନ ବୋଲି ଲୋକେ ପ୍ରଶ୍ନ କରିଛନ୍ତି ।

## ଆଜିର ରାଶିଫଳ

| ତାରିଖ | ଶନିବାର–ପୂର୍ଣ୍ଣିମା |
|---|---|
| ୩.୧.୨୦୨୫ | ନକ୍ଷତ୍ର– ଆର୍ଦ୍ରା, ମିଥୁନଚନ୍ଦ୍ର |

| | |
|---|---|
| ମେଷ | : ଧନପ୍ରାପ୍ତି ଯୋଗ ରହିଛି । |
| ବୃଷ | : ଧନବ୍ୟୟ ବୃଦ୍ଧି ପାଇବ । |
| ମିଥୁନ | : ଦିନଟି ଖୁସିରେ କଟିବ । |
| କର୍କଟ | : ଅନିଦ୍ରା କଷ୍ଟ ଦେବ । |
| ସିଂହ | : ଦ୍ରବ୍ୟାପ୍ତି ଯୋଗ ରହିଛି। |
| କନ୍ୟା | : କାର୍ଯ୍ୟକ୍ଷେତ୍ରରେ ସଫଳତା ମିଳିବ । |
| ତୁଳା | : କର୍ମକ୍ଷେତ୍ରରେ ଶୁଭଫଳ ମିଳିବ । |
| ବିଛା | : ଅସମ୍ମାନିତ ହେବେ । |
| ଧନୁ | : ଅପେକ୍ଷା କରିଥିବା କାର୍ଯ୍ୟରେ ସଫଳତା ମିଳିବ । |
| ମକର | : ଦ୍ରବ୍ୟପ୍ରାପ୍ତି ଯୋଗ ରହିଛି । |
| କୁମ୍ଭ | : କାର୍ଯ୍ୟକ୍ଷେତ୍ରରେ ସଫଳତା ପାଇବେ । |
| ମୀନ | : ଋଣ ବୃଦ୍ଧି ପାଇବ । |

# ହାତୀ ଆକ୍ରମଣରେ ଯୁବକ ମୃତ



**ଖୋର୍ଦ୍ଧା, ୨।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଖୋର୍ଦ୍ଧା ଜିଲ୍ଲାର ବେଗୁନିଆ ଅଞ୍ଚଳରେ ହାତୀ ଉପଦ୍ରବ ଭୟାବହ ପରିସ୍ଥିତିର ରୂପ ନେଇଛି । ହାତୀ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଗାଁରେ ଆତଙ୍କ ଖେଳିଯାଇଛି । ହାତୀପଲ ରାତିସାରା ଗାଁଭିତରକୁ ପଶି ଘରଦ୍ୱାର ଭାଙ୍ଗିବା ସହ ଚାଷଜମିରେ ଥିବା ଧାନ ଫସଲକୁ ଦଳି ନଷ୍ଟ କରୁଛନ୍ତି ।

ସୂଚନାଯୋଗ୍ୟ ଯେ, ଖୋର୍ଦ୍ଧା ରେଞ୍ଜ ଅନ୍ତର୍ଗତ ବେଗୁନିଆ, ବାଘମାରି, ଭୁଆସୁଣିପାଟଣା, ପରିଛଳ, ଗୋଡ଼ି ଓ ଅତ୍ରି ଅଞ୍ଚଳରେ ହାତୀମାନେ ଘରେ ଘରେ ପଶି ଭାଙ୍ଗାରୁଜା କରୁଛନ୍ତି । ଚାଷଜମିରେ ପଶି ଅମଳ ହୋଇଥିବା ଧାନକୁ ସମ୍ପୂର୍ଣ୍ଣ ନଷ୍ଟ କରିଦେଇଥିବାରୁ ଚାଷୀମାନେ କ୍ଷତିଗ୍ରସ୍ତ ହୋଇଛନ୍ତି । ହାତୀ ପଲ ଏକ ଗାଁରୁ ଅନ୍ୟ ଗାଁକୁ ଘୁରି ଉପଦ୍ରବ ଜାରି ରଖିଛନ୍ତି । ଆଜି ସକାଳୁ ଭୁଆସୁଣିପାଟଣା ଅଞ୍ଚଳର ପ୍ରିୟବ୍ରତ ପରିଡ଼ା ନାମକ ଯୁବକ ଜଣକ ହାତୀ ଆକ୍ରମଣର ଶିକାର ହୋଇ ପ୍ରାଣ ହରାଇଛନ୍ତି । ଏହି ଘଟଣା ପରେ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ଭୟ ଓ ଆତଙ୍କ ଆହୁରି ବଢ଼ିଯାଇଛି । ଲୋକେ ନିଜ ଜୀବନ ପ୍ରତି ଡର ଅନୁଭବ କରି ରାତିରେ ଘର ବାହାରେ ରହିବାକୁ ଭୟ କରୁଛନ୍ତି । ହାତୀ ଉପଦ୍ରବକୁ ନିୟନ୍ତ୍ରଣ କରିବା ପାଇଁ ବନ ବିଭାଗ ପକ୍ଷରୁ ଦିନରେ ମାଇକ୍ ଯୋଗେ ଲୋକମାନଙ୍କୁ ସଚେତନ କରାଯାଉଥିବା ବେଳେ, ରାତିରେ ଡ୍ରୋନ କ୍ୟାମେରା ସାହାଯ୍ୟରେ ହାତୀମାନଙ୍କ ଗତିବିଧି ଉପରେ ନଜର ରଖାଯାଉଛି । କାଇପଦର,ଗୁଡୁମ୍, ବାଜପୁର, ପାନବରଜ ଓ ଆଖପାଖ ଅଞ୍ଚଳରେ ଲୋକମାନଙ୍କ ଆଖିରେ ନିଦ ନାହିଁ । ବର୍ତ୍ତମାନ ଖୋର୍ଦ୍ଧା ଅଞ୍ଚଳରେ ପ୍ରାୟ ୨୦ଟି ହାତୀ ବିଭିନ୍ନ ସ୍ଥାନରେ ଘୁରୁଥିବା ବନ ବିଭାଗ ଅଧିକାରୀ ସୂଚନା ଦେଇଛନ୍ତି ।

# କଣାସ ଅଞ୍ଚଳରୁ ଗାଈ ଓ ଛେଳି ଚୋରି

**କଣାସ, ୨।୧ : ଏକ୍ସପ୍ରେସ୍ ନ୍ୟୁଜ୍**

କଣାସ ବ୍ଲକର ବିଭିନ୍ନ ଗ୍ରାମରୁ କିଛି ଦିନ ହେଲା ଗୁହାଳରେ ବନ୍ଧା ହୋଇ ରହିଥିବା ଗାଈ ଓ ଛେଳି ଚୋରି କରି ନେଇ ଯାଉଥିବା ଜଣାପଡିଛି । କେତେକ ବ୍ୟକ୍ତି ଗାଈ ଚୋରି ସଂପର୍କରେ କଣାସ ଓ ଗଡିଶାଗୋଦା ଥାନାରେ ଏତଲା ଦେଇଥିବା ବେଳେ ଅନେକ ବ୍ୟକ୍ତି ଥାନାରେ ଏତଲା ଦେଇ ନଥିବା ଜଣାପଡିଛି । ଗାଈ ଚୋରି ହେଉଥିବା ବ୍ୟକ୍ତିଙ୍କୁ କାହିଁକି ଥାନାରେ ଏତଲା ଦେଉ ନାହଁ ପଚାରିବାରୁ ସେ କୁହନ୍ତି ଗାଈ ଓ ଛେଳି ଗଲା ଥାନାରେ ଯାଇ କିଏସେ ଗୋଡ ଭାଙ୍ଗି ଠିଆ ହେବ । କିଛି ଦିନ ତଳେ କଣାସ ଥାନା ଅନ୍ତର୍ଗତ ପାଣ୍ଡିଆକେରା ଗ୍ରାମରୁ ଗାଈ ଚୋରି ସମ୍ପର୍କରେ ଜଣେ ଏତଲା ଦେଇଥିବାବେଳେ ଗଡିଶାଗୋଦା ଥାନା ସାନଓରା ଗ୍ରାମର ଦୁଷ୍ମନ୍ତ ସାହୁ ଦୁଇଟି ଗାଈ ଚୋରି ସମ୍ପର୍କରେ ଗଡିଶାଗୋଦା ଥାନାରେ ଏତଲା ଦେଇଥିବାବେଳେ, କଉଟିଖଣି ଗ୍ରାମର ଗଦାଧର ସାହୁଙ୍କ ଗୋଟିଏ ବଳଦ ନୂଆଗାଁ ଗ୍ରାମର ସୁରଥ ସାହୁଙ୍କ ୫ଟି ମାଈ ଛେଳି ଏବଂ ସେହିଗ୍ରାମର ମନୋଜ ସାହୁଙ୍କର ଗୋଟିଏ ଗାଈ, ସୁନାଖେଳା ଗ୍ରାମର ସୁବାଷ ଜୟସିଂହଙ୍କର ଗୋଟିଏ ଗାଈ, ଭିକାରୀ ପାଟଶାଣୀଙ୍କର ଗୋଟିଏ ଗାଈ ଏବଂ ଗଜି ଚମ୍ପତିଙ୍କର ଗୋଟିଏ ଗାଈ କ୍ରମାଗତ ଭାବେ କେହି ଦୁର୍ବୃତ ବିଳମ୍ବିତ ରାତ୍ରରେ ଗୁହାଳରୁ ଚୋରି କରି ନେଇ ଯାଇଥିଲେ ମଧ୍ୟ ସେମାନେ ଜଣାଇ ନାହାଁନ୍ତି ।

# ସରକାରୀ ରାଜକୋଷରୁ ହରିଲୁଟ୍ : ଜଣେ ଶିକ୍ଷକଙ୍କୁ ଦୁଇଟି ପେନ୍‌ସନ !

**ମୋହନା, ୨।୧ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟ ସରକାରଙ୍କ ରାଜକୋଷରୁ ହରିଲୁଟ କରି ଚାଲିଛନ୍ତି ସରକାରୀ କର୍ମଚାରୀ । ଏଭଳି ଏକ ଦୁର୍ନୀତି ତଥା ସରକାରୀ ଅବହେଳାର ଚିତ୍ର ସାମ୍ନାକୁ ଆସିଛି ଗଜପତି ଜିଲ୍ଲା ମୋହନା ବ୍ଲକରେ । ଯାହାକି ସରକାରୀ ବାବୁମାନଙ୍କ କାର୍ଯ୍ୟକଳାପ ପ୍ରତି ଆଙ୍ଗୁଳି ନିର୍ଦ୍ଦେଶ କରିଛି । ମୋହନା ବ୍ଲକ ଶିକ୍ଷା ବିଭାଗରେ କାର୍ଯ୍ୟ କରି ଜଣେ ସ୍କୁଲ ଶିକ୍ଷକ ୨ଟି ପେନସନ ନେଉଥିବା ନଜରକୁ ଆସିଛି । ୨୦୧୦ ମସିହାରୁ ବର୍ତ୍ତମାନ ସୁଦ୍ଧା ୧୫ ବର୍ଷ ହେଲା ଶିକ୍ଷକ ଜଣକ ୨ଟି ପେନସନ ହାତେଇଛନ୍ତି । ଏହା କିପରି କେହି ଜାଣି ପାରିଲେନି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏବେ ଘଟଣାର ତଦନ୍ତ ପାଇଁ ରାଜ୍ୟ କୋଷାଗାର ତଥା ହିସାବ ରକ୍ଷକ ଭବନରୁ ପତ୍ର ସଂଖ୍ୟା ୧୨୧୩୧/ ତାରିଖ ୨୦/୧୧/୨୦୨୫ରେ ମୋହନା ବ୍ଲକ ଶିକ୍ଷାଧିକାରୀ ଓ ମୋହନା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସୂଚନା ମୁତାବକ ୨୦୧୦ ମସିହାରୁ ଅବସର ନେଇଥିବା ରାଜ୍ୟରେ ୩୨ ଜଣ ଶିକ୍ଷକ ସରକାରଙ୍କ ଠାରୁ ଦୁଇଟି ଲେଖାଏଁ ପେନସନ ପାଉଥିବା ନଜରକୁ ଆସିଛିଛ ସେଥିମଧ୍ୟରୁ ଗଜପତି ଜିଲ୍ଲାରୁ ଜଣେ ଶିକ୍ଷକ ରହିଛନ୍ତି । ରାଧାକୃଷ୍ଣ ଆଚାର୍ଯ୍ୟ ନାମରେ ଏହି ଶିକ୍ଷକ ଗଜପତି ଜିଲ୍ଲା ମୋହନା ବ୍ଲକ ବେତାରସିଂ ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟରତ ଥିଲେ । ସେ ୨୦୧୦ ମସିହା ସେପ୍ଟେମ୍ବର ୩୦ରେ ଅବସର ନେଇଥିଲେ । ଏହାପରେ ତତ୍କାଳୀନ ବିଡ଼ିଓଙ୍କ ସୁପାରିସ ପତ୍ର ୩୧୧ କ୍ରମେ ୧୪/୨/ ୨୦୧୧ରୁ ତାଙ୍କର ପେନସନ ଲାଗୁ ହୋଇଥିଲା । ଏହାପରେ ସେହି ଶିକ୍ଷକଙ୍କ ନାମରେ ପୁଣି ୨୦୧୨ ମସିହା ଏପ୍ରିଲ ୧୨ରେ ତତ୍କାଳୀନ ମୋହନା ବିଡ଼ିଓଙ୍କ ସୁପାରିସ ପତ୍ର ସଂଖ୍ୟା ୯୪୧ରେ ପେନସନ ପ୍ରଦାନ ପାଇଁ ଉଲ୍ଲେଖ ରହିଛି । ସବୁ ଜାଣିଶୁଣି ଶିକ୍ଷକ ଜଣକ ଦୁଇଟି ପେନସନ ହାତେଇ ନିରବ ରହିଛନ୍ତି । ୧୫ ବର୍ଷ ପରେ ଏହା ପଦାରେ ପଡିଛିଛ ଯାହାକୁ ବ୍ଲକ ଶିକ୍ଷା ଅଧିକାରୀ ଓ ବିଡ଼ିଓଙ୍କୁ ତଦନ୍ତ ପାଇଁ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦେଇଛି ରାଜ୍ୟ କୋଷାଗାର କର୍ତ୍ତୃପକ୍ଷ । କିପରି ଜଣେ ବ୍ୟକ୍ତି ଦୁଇଟି ପେନସନ ପାଉଛନ୍ତି, କିପରି ତତ୍କାଳୀନ ସରକାର ଜାଣି ପାରିଲେନି ନା ସେହି ସମୟରେ ଥିବା ବିଡ଼ିଓ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଜାଣତରେ ଏଭଳି ଘଟଣା ହୋଇଛି ତାହା ତଦନ୍ତ ସାପେକ୍ଷ ।

ତାଙ୍କ ଅଜାଣତରେ ପେନସନ ଟଙ୍କା ଆସୁଥିଲା। ବର୍ତ୍ତମାନ ଖବର ଯଦି ପଦାକୁ ଆସିଛି ମୋ ପେନସନରୁ ଟଙ୍କା ସରକାର କାଟି ଦିଅନ୍ତୁ ବୋଲି ଶିକ୍ଷକ ରାଧାକୃଷ୍ଣ ଆଚାର୍ଯ୍ୟଙ୍କୁ ପଚାରିବାରୁ କହିଛନ୍ତି । ଶିକ୍ଷକ ଜଣକ ୨ଟି ପେନସନ ପାଉଥିବା ମୋହନା ବ୍ଲକ ଶିକ୍ଷାଧିକାରୀ ନରେନ୍ଦ୍ର ବେହେରା ସ୍ୱୀକାର କରିଛନ୍ତି । ସେ କିଭଳି ଦୁଇଟି ପେନସନ ପାଉଛନ୍ତି ତାହାର ତଦନ୍ତ ଚାଲିଛି ବୋଲି ସେ କହିଛନ୍ତି ।

# ଯୁବକଙ୍କୁ ଆକ୍ରମଣ, ଅଭିଯୁକ୍ତ ଗିରଫ

**ବୁଗୁଡ଼ା, ୨।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ବୁଗୁଡ଼ା ଥାନା ବାଲିପଦର ଫାଣ୍ଡି ଅନ୍ତର୍ଗତ ଅରଖପୁର ଗ୍ରାମରେ ଜନୈକ ଯୁବକଙ୍କୁ ଆକ୍ରମଣ କରି ଆହତ କରିବା ଅଭିଯୋଗରେ ସେହି ଗ୍ରାମର ଜଣେ ମଦୁଆକୁ ପୋଲିସ ଗିରଫ ସହ କୋର୍ଟ ଚାଲାଣ କରିଥିବା ଜଣାଯାଇଛି । ଆହତ ଯୁବକ ଜଣକ ହେଲେ ବେଲଗୁଣ୍ଠା ଗ୍ରାମର କାହ୍ନୁ ଚରଣ ପତି(୨୧) ଏବଂ ଗିରଫ ଅଭିଯୁକ୍ତ ଜଣକ ହେଲେ ଅରଖପୁର ଗ୍ରାମର ପ୍ରଭାତ ଭୁୟାଁ । ଏ ନେଇ ପୋଲିସରେ ଅଭିଯୋଗ ପରେ କେସ୍ ନଂ ୩/୨୬ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ ପାଇଛି । ପ୍ରକାଶ ଯେ, କାହ୍ନୁ ନୂଆବର୍ଷର ପହିଲି ଦିନରେ ତାଙ୍କର ବଡମାଆ ଘର ଅରଖପୁର ଗାଁକୁ ଯାଇଥିଲେ । ସେହି ଗାଁରେ ମାତାଲ ଅବସ୍ଥାରେ ଥିବା ପ୍ରଭାତ ତାଙ୍କୁ ଅଯଥାରେ ଅଭଦ୍ର ଭାଷାରେ ଗାଳି ଗୁଲଜ କରିଥିଲାଛ କାହ୍ନୁ ଏହାର ପ୍ରତିବାଦ କରିବାରୁ ପ୍ରଭାତ ତାଙ୍କର ସାର୍ଟ କଲର ଧରି ଘୋଷାରି ନେଇ ତଳେ ପକାଇ ଛାତି ଉପରେ ବସି ମୁହଁକୁ ବାରମ୍ବାର ମୁଥ ମାଡ କରିଥିଲା । ଏହା ଫଳରେ କାହ୍ନୁ ଆହତ ହୋଇ ଚିତ୍କାର କରିବାରୁ ଆଖପାଖରେ ଥିବା କିଛି ଲୋକ ସେଠାରେ ପହଞ୍ଚିବାରୁ ମାତାଲ ପ୍ରଭାତ ଦୌଡି ପଳାଇଥିଲା । ଏ ନେଇ ଆହତ କାହ୍ନୁ ପୋଲିସରେ ଅଭିଯୋଗ କରିବା ପରେ ବାଲିପଦର ଫାଣ୍ଡି ଅଧିକାରୀ କେ.ନୀଳାଦ୍ରି ରେଡିଙ୍କ ଦ୍ୱାରା ଘଟଣାର ତଦନ୍ତ କରଯାଇ ଅଭିଯୁକ୍ତକୁ ଗିରଫ କରାଯାଇଥିଲା ।

# ଜ୍ୱାଇଁଙ୍କୁ ବିଷ ପିଆଇଲେ ଶ୍ୱଶୁରଘର ଲୋକେ!

**ରଣପୁର, ୨।୧ ଏକ୍ସପ୍ରେସ୍ ନ୍ୟୁଜ୍**

ନୟାଗଡ଼ ଜିଲ୍ଲା ରଣପୁର ଥାନା ଖତିଆ ଗାଁର ବିପିନ ବିହାରୀ ଭୂୟାଁ(୩୦)ଙ୍କୁ ଶ୍ୱଶୁର ଘର ଲୋକେ ବିଷ ପିଆଇ ମାରିଦେବା ଅଭିଯୋଗ କରି ପରିବାର ଲୋକେ ଦର୍ପନାରାୟଣପୁର ଫାଣ୍ଡିକୁ ଅଭିଯୋଗ କରିବାକୁ ଗୁରୁବାର ଆସିଥିଲେ । ତେବେ ପୋଲିସ ଏତଲା ନ ରଖିବାରୁ ମହିଳାମାନେ ଉତ୍ତେଜିତ ହୋଇ ଫାଣ୍ଡି ସମ୍ମୁଖରେ ଧାରଣା ଦେଇଥିଲେ । ପରେ ରଣପୁର ଥାନା ଆଇଆଇସି ଆସି ଏତଲା ଗ୍ରହଣ କରିଥିଲେ । ତେବେ ହତ୍ୟାକାରୀଙ୍କୁ ଗିରଫ ଦାବିରେ ଧାରଣା ଚାଲୁ ରହିଛି ।

ପ୍ରକାଶଯେ, ରଣପୁର ଥାନା ଦର୍ପନାରାୟଣପୁର ଫାଣ୍ଡି ଖତିଆ ଗାଁର ବିପିନ ନୟାଗଡ଼ ସଦର ଥାନା ଜୟମଙ୍ଗଳପ୍ରସାଦ ଆଟିକାପୋଡି ଗାଁର ବର୍ଷା(୨୧)ଙ୍କୁ ୯ ମାସ ତଳେ ବିବାହ କରିଥିଲେ । ବିବାହର କିଛି ଦିନ ପରେ ବର୍ଷା ଛୋଟ ଛୋଟ କଥାକୁ ନେଇ ଗଣ୍ଡଗୋଳ କରୁଥିଲେ । ଏନେଇ ଝଗଡ଼ା ଲାଗି ରହିଥିଲା । ପରେ ବର୍ଷା ତାଙ୍କ ବାପଘରକୁ ଚାଲି ଯାଇଥିଲେ । ଗତ ୩୦ ତାରିଖରେ ବିପିନ ଶ୍ୱଶୁର ଘରକୁ ଯାଇଥିଲେ । ସେଠାରେ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା । ବିପିନଙ୍କୁ ଶ୍ୱଶୁର ଘର ଲୋକେ ଜବରଦସ୍ତ ବିଷ ପିଆଇ ଦେଇଥିଲେ । ସେ ଗୁରୁତର ହୋଇପଡିବାରୁ ତାଙ୍କୁ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ପରେ ବର୍ଷାଙ୍କ ପରିବାର ଲୋକେ ବିପିନଙ୍କ ଘର ଲୋକଙ୍କୁ ଖବର ଦେଇଥିଲେ । ତାଙ୍କ ପରିବାର ଲୋକେ ଚିକିତ୍ସାଳୟକୁ ଆସିବା ପରେ ଶ୍ୱଶୁର ଘର ଲୋକ ସେଠାରୁ ଫେରାର ହୋଇଯାଇଥିଲେ । ବିପିନଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ନ ଆସିବାରୁ ତାଙ୍କୁ ପରିବାର ଲୋକେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ତାଙ୍କର ମୃତ୍ୟୁ ଘଟିଛି । କିନ୍ତୁ ଏ ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡିଛି ।

ଚିକିତ୍ସିତ ହେଉଥିବା ବେଳେ ବିପିନଙ୍କୁ କିପରି ଶ୍ୱଶୁର ଘର ଲୋକମାନେ ବିଷ ପିଆଇ ମାରିବାକୁ ଉଦ୍ୟମ କରିଛନ୍ତି, ତାର ଭିଡିଓ ଭାଇରାଲ ହୋଇଛି । ମୃତ୍ୟୁ ପୂର୍ବରୁ ବିପିନ ୧ ମିନିଟ୍ ୪୮ ସେକେଣ୍ଡର ଭିଡିଓରେ କହୁଛନ୍ତି, ମୋ ସ୍ତ୍ରୀ ଓ ଶ୍ୱଶୁର ଘର ଲୋକ ୮ ଦିନ ହେଲା ମୋ ସହ କଥା ହେଉ ନ ଥିଲେ । କଥା ହେବା ପାଇଁ ୫୦ ହଜାରରୁ ୧ ଲକ୍ଷ ଟଙ୍କା ମୋତେ ମାଗିଥିଲେ । ମୁଁ ୫୦ ହଜାର ଟଙ୍କା ନେଇ ଶ୍ୱଶୁର ଘରକୁ ଯାଇଥିଲି । ଶ୍ୱଶୁର, ଧରମ ଶ୍ୱଶୁର ଓ ଅନ୍ୟ ଜଣେ ମୋତେ ମାରପିଟ୍ ପରେ ଥଣ୍ଡାରେ ବିଷ ମିଶାଇ ପିଆଇଲେ । ପରେ ମୋ ବାପାଙ୍କୁ ଫୋନକରି ତୁମ ପୁଅ ବିଷ ପିଇଛି ବୋଲି କହିଥିଲେ ବୋଲି ଏକ ଭିଡିଓ ଭାଇରାଲ ହୋଇଛି ।

# ଟଙ୍କା ସହ ଏଟିଏମ୍ ମେସିନ ଲୁଟ୍

**ବିଞ୍ଝାରପୁର, ୨।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ବର୍ଷ ଆରମ୍ଭରୁ ଯାଜପୁର ପୁଲିସକୁ ଲୁଟେରାଙ୍କ ଖୋଲା ଚ୍ୟାଲେଞ୍ଜ ଚାଲୁଟି ନେଲେ ଟଙ୍କା ବୋଝେଇ ଏଟିଏମ୍ । ଯାଜପୁର ଜିଲ୍ଲା ବିଞ୍ଝାରପୁର ଥାନା ମଇଁଦା ବଜାରରୁ ଏକ ଡାଲା ଅଟୋରେ ଏଟିଏମ୍ ଲୁଟ ହୋଇଥିବା ସିସିଟିଭିରେ କଏଦ ହୋଇଛି । ମଇଁଦା ଛକଠାରେ ଥିବା ଏଚଡିଏଫସି ବ୍ୟାଙ୍କର ଏଟିଏମ୍ ମେସିନକୁ ଲୁଟେରାମାନେ ସମମ୍ପୂର୍ଣ୍ଣଭାବେ ଉଠାଇ ନେଇ ନିକଟରେ ଥିବା ଏକ ଡାଲା ଅଟୋରେ ଚୋରି କରି ନେଇଥିବା ଅଭିଯୋଗ ହୋଇଛି ।

ସୂଚନାଯୋଗ୍ୟ ଯେ, ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ମଇଁନ୍ଦା ଛକରେ ଅଭାବନୀୟ ଘଟଣା । ଏଚଡିଏଫସି ବ୍ୟାଙ୍କର ଏଟିଏମ ମେସିନକୁ ଗୁରୁବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ତାଡି ନେଇଯାଇଥିବା ଜଣାପଡିଛି । ଏହି ଘଟଣା ଶୁକ୍ରବାର ସକାଳୁ ଜଣାପଡିଲା ପର ଖବର ପାଇ ବିଞ୍ଝାରପୁର ଥାନାଧିକାରୀ ରଞ୍ଜନ କୁମାର ମଲ୍ଲିକ ଘଟଣାସ୍ଥଳରେ ପହିଞ୍ଚି ସିସିଟିଭି ଫୁଟେଜ ଯାଞ୍ଚ କରିବା ସହିତ ତଦନ୍ତ ଆରମ୍ଭ କରିଛି । ପୂର୍ବରୁ ମେସିନ ତାଡି ଟଙ୍କା ନେଇଯାଉଥିବା ଦେଖାଯାଉଥିବା ବେଳେ ବର୍ତ୍ତମାନ ଟଙ୍କା ସହ ମେସିନ ନେଇ ଚାଲିଯାଇଛନ୍ତି ଦୁର୍ବୃତ୍ତ । ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି ।

# ସରକାରଙ୍କୁ ମିଲର୍ସଙ୍କ ଚେତାବନୀ : ୫ରୁ ମଣ୍ଡିରୁ ଧାନ ଉଠାଣ ବନ୍ଦ

**ବରଗଡ଼, ୨।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଆଉ ଦିନକ ପରେ ବରଗଡ଼ ଜିଲ୍ଲାରେ ଖରିଫ୍ ଧାନ ସଂଗ୍ରହ ପ୍ରକ୍ରିୟାକୁ ଦେଢ଼ମାସ ପୂରିବ । ଅଥଚ ଏପର୍ଯ୍ୟନ୍ତ ଜିଲ୍ଲାରେ ଧାନ କିଣାବିକା ସମସ୍ୟାର ସମାଧାନ ହୋଇପାରିନାହିଁ । ଟୋକନ ସମସ୍ୟାକୁ ନେଇ ଚାଷୀମାନେ ମଣ୍ଡିକୁ ଧାନ ଆଣି ପାରୁ ନ ଥିବାବେଳେ ମଣ୍ଡିକୁ ଆସିଥିବା ଧାନ ମଧ୍ୟ ଠିକ୍ ଭାବେ ଉଠାଣ କରାଯାଉନାହିଁ । ସେହିପରି କଟନୀଛଟନୀ ଜୋର୍ ଧରିଥିବା ଅଭିଯୋଗ ହୋଇଛି । ଏହି ଦୃଷ୍ଟିରୁ ଅନ୍ୟବର୍ଷ ତୁଳନାରେ ଏଥର ଧାନ ସଂଗ୍ରହ ପ୍ରକ୍ରିୟା କେବଳ ବିଳମ୍ବିତ ହୋଇଛି ତାହା ନୁହେଁ, ଧାନବିକ୍ରି ଏବଂ ଉଠାଣରେ ମନ୍ଥରତା ଦେଖାଯାଇଛି । ଏଥିପାଇଁ ଜିଲ୍ଲାର ଚାଷୀମାନଙ୍କୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ଚାଷୀମାନେ ଏଭଳି ସ୍ଥିତିରେ ଥିବାବେଳେ ଗୁରୁବାର ଅଲ୍ ଓଡ଼ିଶା ମିଲର୍ସ ଆସୋସିଏସନ ଆସନ୍ତା ଜାନୁଆରୀ ୩ତାରିଖ ସୁଦ୍ଧା ସେମାନଙ୍କ ଦାବି ପୂରଣ ନ ହେଲେ ୫ତାରିଖରୁ ରାଜ୍ୟରେ ମଣ୍ଡିଗୁଡ଼ିକରୁ ଧାନ ଉଠାଣ ବନ୍ଦ କରି ଦେବାକୁ ଚେତାବନୀ ଦେଇଛି । ମିଲର୍ସ ଆସୋସିଏଶନ ପକ୍ଷରୁ ଏ ନେଇ ଜିଲାପାଳଙ୍କଠାରୁ ଆରମ୍ଭ କରି ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ମନ୍ତ୍ରୀଙ୍କୁ ଅବଗତ କରାଯାଇଥିବା ସୂଚନା ମିଳିଛି । ଯଦି ମିଲର୍ସମାନେ ଯଦି ଆସନ୍ତା ୫ତାରିଖରୁ ଧାନ ଉଠାଣ ପ୍ରକ୍ରିୟା ବନ୍ଦ ହେବ, ତେବେ ଚାଷୀମାନଙ୍କ ସମସ୍ୟା ବହୁଗୁଣିତ ହେବ ବୋଲି ଏବେଠାରୁ ଆଶଙ୍କା ପ୍ରକାଶ ପାଇଛି । ଅନେକ ଚାଷୀଙ୍କ ଟୋକନ ଅବଧି ସରିଯିବା ସମ୍ଭାବନା ଥିବାବେଳେ ପରବର୍ତ୍ତୀ ଫସଲର ଚାଷକାର୍ଯ୍ୟ ପ୍ରସ୍ତୁତି ପାଇଁ ଚାଷୀମାନେ ସମସ୍ୟାର ସମ୍ମୁଖୀନ ହେବା ସମ୍ଭାବନା ରହିଛି । ଏହାକୁ ନେଇ ଏବେ ଚାଷୀମାନେ ଅଡୁଆରେ ପଡ଼ିଛନ୍ତି ।

# ଗାଡି ଧକ୍କାରେ ମହିଳା ମୃତ, କ୍ଷତିପୂରଣ ଦାବିରେ ରାସ୍ତାରୋକ



**ଲାଞ୍ଜିଗଡ଼, ୨।୧ : ଏକ୍ସପ୍ରେସ୍ ନ୍ୟୁଜ୍**

କଳାହାଣ୍ଡି ଜିଲା ଲାଞ୍ଜିଗଡ ଥାନା ଆଶ୍ରମପଡା ନିକଟରେ ଗୁରୁବାର ଏକ ଅଜଣା ଗାଡି ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ସେ ହେଲେ ଲାଞ୍ଜିଗଡ ପଞ୍ଚାୟତ ଜାମଚୁଆ ଗ୍ରାମର ସ୍ୱର୍ଗତ ସାଇବ ମାଝୀଙ୍କ ସ୍ତ୍ରୀ ମଲ ମାଝୀ (୫୫) ।

ସୂଚନାନୁସାରେ ମଲ କୌଣସି କାମରେ ଗାଁର ଲକ୍ଷ୍ମୀ ମାଝୀଙ୍କ ସହିତ ଆଶ୍ରମପଡ଼ା ଆଡ଼କୁ ଯାଉଥିଲେ । ସେତିକିବେଳେ ପଛପଟୁ କୌଣସି ଏକ ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା । ଫଳରେ ମଲ ଛିଟିକିପଡ଼ିବାରୁ ଘଟଣାସ୍ଥଳରେ ପ୍ରାଣ ହରାଇଥିଲେ । ଖବର ପାଇ ପରିବାର ଲୋକେ ପହଞ୍ଚି କ୍ଷତିପୂରଣ ଦାବିରେ ମୃତଦେହ ରଖି ଲାଞ୍ଜିଗଡ–ବିଶ୍ୱନାଥପୁର ମୁଖ୍ୟ ରାସ୍ତା ଅବରୋଧ କରିଥିଲେ । ଏହାକୁ ନେଇ ଟ୍ରାଫିକ ସମସ୍ୟା ଦେଖାଦେଇଥିଲା । ଲାଞ୍ଜିଗଡ ଥାନାଧିକାରୀ ଯଶୋବନ୍ତ ହିଆଲଙ୍କ ନେତୃତ୍ୱରେ ପୋଲିସ ଟିମ୍ ପହଞ୍ଚି ତଦନ୍ତ କରିଥିଲେ । ପୋଲିସ ପରିବାର ଲୋକଙ୍କୁ ବୁଝାଶୁଝା କରି କ୍ଷତିପୂରଣ ପ୍ରତିଶ୍ରୁତି ଦେବାରୁ ୩ଘଣ୍ଟା ପରେ ରାସ୍ତା ଅବରୋଧ ହଟିଥିଲା । ଏନେଇ ପୋଲିସ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ।

# ନାଗଡାରୁ କାଳିଆପାଣିକୁ ବସ ସେବା ଆରମ୍ଭ

**କଳିଙ୍ଗନଗର, ୨।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ବର୍ଷ ବର୍ଷ ଧରି ଅବହେଳିତ ଓ ଦୁର୍ଗମ ନାଗଡା ପାଇଁ ନୂଆ ବର୍ଷ ଏକ ବଡ଼ ସୁଯୋଗ ନେଇ ଆସିଛି । ସୁକିନ୍ଦା ଅଞ୍ଚଳର ଦୁର୍ଗମ ଓ ବହୁଚର୍ଚ୍ଚିତ ନାଗଡା ଗାଁରେ ଶିକ୍ଷାର ବିକାଶ ପାଇଁ ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି । ନଗଡାରୁ କାଳିଆପାଣି ପର୍ଯ୍ୟନ୍ତ ସିଧାସଳଖ ବସ ସେବା ଆରମ୍ଭ ହେବାରୁ ଏବେ ଗାଁର ଛୋଟ ଛୋଟ ପିଲାମାନେ ପାଠପଢ଼ା ପାଇଁ ଆସିବା–ଯିବାରେ ଆଉ ସମସ୍ୟାର ସମ୍ମୁଖୀନ ହେବେ ନାହିଁ । ଦୀର୍ଘଦିନ ଧରି ନାଗଡାବାସୀ ବସ ସେବା ପାଇଁ ଦାବି କରୁଥିବା ବେଳେ, ଆଜି ସେହି ଦାବି ସାକାର ହୋଇଛି । ଗମନାଗମନ ସୁବିଧା ନଥିବାରୁ ପୂର୍ବରୁ ଅନେକ ପିଲା ମଧ୍ୟରେ ପାଠପଢ଼ା ଛାଡ଼ିବାକୁ ବାଧ୍ୟ ହୁଅଥିଲେ । ବସ ସେବା ଆରମ୍ଭ ହେବା ପରେ ଏବେ ଶିକ୍ଷା ନେଇ ନଗଡାରେ ନୂଆ ଆଶା ଜାଗ୍ରତ ହୋଇଛି । ଆମ ପିଲାମାନେ ଏବେ ପଢ଼ିବେ, ଆଗକୁ ବଢ଼ିବେ, ଡାକ୍ତର ଓ ଶିକ୍ଷକ ହେବେ–ଏହି ଆଶାରେ ଖୁସି ପ୍ରକାଶ କରିଛନ୍ତି ଗାଁବାସୀ । ସୁକିନ୍ଦାର ସାର୍ବିକ ବିକାଶକୁ ଆଗକୁ ନେବା ଲକ୍ଷ୍ୟରେ ସୁକିନ୍ଦା ବିଧାୟକ ତଥା ରାଜ୍ୟ ସରକାରଙ୍କ ସମବାୟ ମନ୍ତ୍ରୀ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଓ ଗମନାଗମନ ଭଳି ମୌଳିକ ସୁବିଧା ଉପରେ ଗୁରୁତ୍ୱ ଦେଇ ବିଭିନ୍ନ ଯୋଜନା ହାତକୁ ନେଇଥିବା ଦେଖିବାକୁ ମିଳୁଛି । ଏହି ବସ ସେବାକୁ ପତାକା ଦେଖାଇ ଶୁଭ ଆରମ୍ଭ କରିଥିଲେ ବରିଷ୍ଠ ବିଜେପି ନେତା ରମଣୀ ରଞ୍ଜନ ବଳ ସାମନ୍ତ, ମନ୍ତ୍ରୀଙ୍କ ପ୍ରତିନିଧି ବରିଷ୍ଠ ବିଜେପି ନେତା ଶେଖର ମହାନ୍ତି ଓ ବରିଷ୍ଠ ବିଜେପି ନେତା ମାନସ ମହାନ୍ତି(ଫକୀ) ଉପସ୍ଥିତ ରହି ଶୁଭାରମ୍ଭ କରିଥିଲେ । ଏହି ଅବସରରେ ବହୁ ବିଜେପି କର୍ମୀ, ନାଗଡାବାସୀ ସମେତ ଖଣିଅଞ୍ଚଳର ବହୁ ଲୋକେ ଉପସ୍ଥିତ ରହିଥିଲେ । ନାଗଡାରୁ କାଳିଆପାଣି ଓ କାଳିଆପାଣିରୁ ନାଗଡାକୁ ନିୟମିତ ଯାତାୟାତ ସୁବିଧା ମିଳିବାରୁ ଅଞ୍ଚଳବାସୀ ଖୁସି ଓ ସନ୍ତୋଷ ପ୍ରକାଶ କରିଛନ୍ତି ।

# ସ୍ୱାଧୀନତାର ୭୯ ବର୍ଷ ପରେ ମୌଳିକ ସୁବିଧାରୁ ବଞ୍ଚିତ ଭୂର୍ଷିପଡ଼ା

**ନୂଆପଡ଼ା, ୨।୧ ଏକ୍ସପ୍ରେସ୍ ନ୍ୟୁଜ୍**



ଲୋକଙ୍କୁ ସର୍ବନିମ୍ନ ସୁବିଧା ଯୋଗାଇଦେବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି । ହେଲେ ବିଭାଗୀୟ ଅଧିକାରୀ ଓ ନିର୍ବାଚିତ ଜନ ପ୍ରତିନିଧିଙ୍କ ଆନ୍ତରିକତା ଅଭାବ ଯୋଗୁ ଅନେକ ସ୍ଥାନରେ ଏସବୁ ଯୋଜନା କାର୍ଯ୍ୟକାରୀ ହୋଇପାରୁନାହିଁ । ଫଳରେ ଲୋକେ ମୌଳିକ ସୁବିଧାରୁ ବଞ୍ଚିତ ହୋଇରହିଛନ୍ତି । ଏପରି ଏକ ଦୃଶ୍ୟ ନୂଆପଡ଼ା ଜିଲା କୋମନା ବ୍ଲକ୍ ସିଆଳଲଟି ପଞ୍ଚାୟତ ବାଗମୁଣ୍ଡା ଗାଁର ଭୂର୍ଷିପଡ଼ାରେ ଦେଖିବାକୁ ମିଳିଛି ।

ଭୂର୍ଷିପଡ଼ାରେ ଆଦିବାସୀ ସମ୍ପ୍ରଦାୟର ୩୦ ପରିବାରରେ ୧୫୦ରୁ ଅଧିକ ଲୋକ ବସବାସ କରିଆସୁଛନ୍ତି । ବିଜୁ ଏକ୍ସପ୍ରେସ୍ ୱେଠାରୁ ଭୂର୍ଷିପଡ଼ାକୁ ପ୍ରାୟ ଦେଢ କି.ମି. ଭଲ ରାସ୍ତା ନ ଥିବାରୁ ଲୋକେ ଜମି ହିଡ଼ରେ ଅସୁବିଧାରେ ଯିବାଆସିବା କରନ୍ତି । ସାଇକେଲ ବା ଅନ୍ୟ ଯାନବାହନ ଯିବା ପାଇଁ ୩କି.ମି. ରାସ୍ତା ବୁଲି ଯିବାକୁ ପଡ଼େ । ଗାଁରେ ପ୍ରାଥମିକ ବିଦ୍ୟାଳୟ ନ ଥିବାରୁ କୋମଳମତି ଶିଶୁମାନେ ୪ କି.ମି. ଝିପାବାହାଲ ଗାଁ ସ୍କୁଲକୁ ପଢିବାକୁ ଯାଉଛନ୍ତି । ଜମି ହିଡ଼ରେ ଯାଇ ବିଜୁ ଏକ୍ସପ୍ରେସ୍ ୱେ ପାରି ହେବାକୁ ପଡୁଥିବାରୁ ଛୋଟ ପିଲାମାନଙ୍କ ଜୀବନ ପ୍ରତି ବିପଦ ରହିଛି । ଗାଁରେ ଅଙ୍ଗନବାଡି କେନ୍ଦ୍ର ନାହିଁ । ଫଳରେ ଶିଶୁମାନେ ପ୍ରାକ୍ ଶିକ୍ଷା ଓ ପୁଷ୍ଟିକର ଖାଦ୍ୟ ପାଇବାରୁ ବଞ୍ଚିତ ହେଉଛନ୍ତି । ଗାଁ ଭିତରେ ପାଇପ୍ଲାଇନ ଯାଇ ଘରକୁ ଘର ଷ୍ଟାଣ୍ଡପୋଷ୍ଟ ବସାଯାଇଛି । ହେଲେ ଜଳ ଯୋଗାଣ ନ ହେବାରୁ ଗ୍ରାମବାସୀ ଫ୍ଲୋରାଇଡ୍ୟୁକ୍ତ ପାଣି ବ୍ୟବହାର କରିବାକୁ ବାଧ୍ୟ ହେଉଛନ୍ତି । ଗାଁରେ ଅଧିକାଂଶ ବୃଦ୍ଧାବୃଦ୍ଧ, ମହିଳା, ଶିଶୁଙ୍କ ଆଧାର କାର୍ଡ ନାହିଁ । ନୂତନ ଆଧାର କାର୍ଡ ପାଇଁ ଅନେକଥର ଅନ୍ଲାଇନ କରିବା ସହ ଆଧାର କେନ୍ଦ୍ର ଓ ବ୍ଲକ୍ କାର୍ଯ୍ୟାଳୟ ଦୌଡୁଥିଲେ ମଧ୍ୟ ସୁଫଳ ପାଇନାହାନ୍ତି । ୬୦ବର୍ଷରୁ ଉର୍ଦ୍ଧ୍ୱ ବୃଦ୍ଧାବୃଦ୍ଧ, ବିଧବା ଓ ଦିବ୍ୟାଙ୍ଗ ମାସିକ ଭତ୍ତା ପାଇବାରୁ ବଞ୍ଚିତ ରହିଛନ୍ତି । ସ୍ନାନଶୌଚ ପାଇଁ ଭଲ ପୋଖରୀଟିଏ ନାହିଁ । ଗାଁଠାରୁ ଅନତି ଦୂରରେ ରୁଗଡ଼ିବନ୍ଧ ଥିଲେ ମଧ୍ୟ ସେଠାକୁ ଯିବା ପାଇଁ ରାସ୍ତା ନାହିଁ । ଏହିସବୁ ସମସ୍ୟା ବିଷୟରେ ଗ୍ରାମବାସୀ ଅନେକଥର ଲିଖିତ ଭାବରେ ସରପଞ୍ଚ, ବିଡିଓ ଓ ଜିଲାପାଳଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେବା ପାଇଁ ଗ୍ରାମର ବୈଶାଖୁ ମିର୍ଦ୍ଧା, କୃଷ୍ଣ ବରିହା, ସାନ ବରିହା, କନ୍ଦର୍ପ ବରିହା, ବଡ଼ ବରିହା, ରାମ ବରିହା, ବୈଶାଖୁ ବରିହା, ବୀରସିଂ ବରିହା, ଲବ ବରିହା ପ୍ରମୁଖ ଦାବି କରିଛନ୍ତି । ଏ ସଂକ୍ରାନ୍ତରେ ଜିଲାପାଳ ମଧୁସୂଦନ ଦାଶଙ୍କୁ ପଚାରିବାରୁ କୋମନା ବିଡିଓ ଯାଇ ଏହାର ତଦନ୍ତ କରିବେ । ଯେଉଁସବୁ ସମସ୍ୟା ରହିଛି ବହୁଶୀଘ୍ର ସମାଧାନ କରାଯିବ ବୋଲି କହିଥିଲେ ।

# ସମ୍ପାଦକୀୟ ପୃଷ୍ଠା ୪

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ | ଭୁବନେଶ୍ୱର | ୩ ଜାନୁଆରୀ ୨୦୨୬ | ଶନିବାର


■ ବର୍ଷର ପ୍ରଥମ ଦିନରେ ଜଗନ୍ନାଥ ଦର୍ଶନର ଆଗ୍ରହ ବଢ଼ିଛି ନେତା, ମନ୍ତ୍ରୀ, ବାବୁମାନଙ୍କଠାରୁ ଆରମ୍ଭ କରି ପ୍ରତିଟି ମଣିଷଙ୍କ ମନରେ । ଯେଉଁମାନେ ଲୋକଙ୍କୁ ଲୁଟ୍ କରୁଛନ୍ତି ସେମାନେ ମଧ ଜଗା ଦର୍ଶନ ପାଇଁ ବ୍ୟାକୁଳ ହେଉଛନ୍ତି । ବର୍ଷର ପ୍ରଥମ ଦିନରେ କେମିତି ଜଗନ୍ନାଥଙ୍କୁ ଦର୍ଶନ କରିହେବ ସେଥିପାଇଁ ଶ୍ରୀମନ୍ଦିରରେ ଏବର୍ଷ ମଧ ନାହିଁ ନଥିବା ଭିଡ଼ । ଯେଉଁମାନେ ଦେଶକୁ ଲୁଟୁଛନ୍ତି ସେମାନେ ■ ମଧ ଭଗବାନଙ୍କୁ ଡାକି କହୁଛନ୍ତି– ଆପଣ ଅନେକ ଭକ୍ତଙ୍କୁ ବିପଦରୁ ଉଦ୍ଧାର କରିଛନ୍ତି ତେଣୁ ଆମକୁ ମଧ ଘଣ୍ଟଘୋଡ଼େଇ ରଖିଥାନ୍ତୁ, ଆମେ ଯେମିତି ଦୁର୍ନୀତି ଜାଲରେ ନ ପଡୁ । କିନ୍ତୁ ସେମାନେ ବୋଧେ ଜାଣି ନାହାନ୍ତି ଭଗବାନ କେବଳ ଅସଲ ଭକ୍ତଙ୍କୁ ହିଁ ସାହା ହୁଅନ୍ତି ।

## ଓଡ଼ିଶା ଏକ୍ସପ୍ରେସ୍

### ମନ୍ଦିରମାନଙ୍କରେ ଭିଡ଼ ସୂଚାଉଛି ସତ୍ୟଯୁଗ ଆସିଯିବ ଶୀଘ୍ର

ହିସାବ କହୁଛି– କଳିକାଳ ସରିବାକୁ ଆଉ କେତେଲକ୍ଷ ବର୍ଷ ବାକି ଅଛି । ଆମର ଆଖି ପାଇବନି । ତା'ପରେ ଆସିବ ସତ୍ୟ ଯୁଗ । କିନ୍ତୁ ଏଥର ନୂଆବର୍ଷରେ ବିଭିନ୍ନ ଦେବଦେବୀ ମନ୍ଦିରମାନଙ୍କରେ ଭକ୍ତଙ୍କ ଭିଡ଼ ଦେଖି ମନେହେଲା ଯେଉଁମାନେ କଳିକାଳର ସମୟ ଅବଧି ଗଣନା କରିଛନ୍ତି ସେମାନେ ବୋଧେ ଭୁଲ୍ ଗଣନା କରିଛନ୍ତି । ସତ୍ୟ ଯୁଗ ତ ଆସିବ ଆସିବ ହେଲାଣି । ପ୍ରତିବର୍ଷ ପୁରୀ ଶ୍ରୀମନ୍ଦିରଠାରୁ ଆରମ୍ଭ କରି ପ୍ରତିଟି ମନ୍ଦିରରେ ଯେଉଁ ହାରରେ ପର୍ବପର୍ବାଣିମାନଙ୍କରେ ଭକ୍ତଙ୍କ ଭିଡ଼ ଅଣାୟତ୍ତ ହେଉଛି ସେଇଥିରୁ ଅନୁମାନ କରିହେଉଛି– ଆଉ ବେଶିଦିନ ନାହିଁ କଳିକାଳ ସରିବାକୁ ଆଉ ସତ୍ୟଯୁଗ ଆସିବାକୁ ।

ଭକ୍ତଙ୍କ ସଂଖ୍ୟା ହୁ ହୁ ହୋଇ ବଢ଼ିବାରେ ଲାଗିଛି । ଭକ୍ତଙ୍କ ସହଜ ଦର୍ଶନ ପାଇଁ ଆହୁରି ମନ୍ଦିରର ଆବଶ୍ୟକତା ଦେଖାଦେଲାଣି । ଅନେକ ଜାଗାରେ ଭଗବାନଙ୍କୁ ଟିକେ ଦର୍ଶନ କରିବା ପାଇଁ ଦଳାଚକଟାରେ ଭକ୍ତଙ୍କର ମୃତ୍ୟୁ ମଧ ହେଉଛି । ଭକ୍ତିଭାବ ଅସମ୍ଭବ ଭାବରେ ବଢ଼ିଛି ଲୋକଙ୍କ ମନରେ ।

ଯେତିକି ଲୋକ ବିଭିନ୍ନ ମନ୍ଦିରରେ ଭିଡ଼ ଜମେଇଥିଲେ ବର୍ଷ ଶେଷଦିନରେ ଏବଂ ନୂଆବର୍ଷର ଆରମ୍ଭ ଦିନରେ ସେମାନେ ନିଶ୍ଚେ ଜଣେ ଜଣେ ଧର୍ମବିଶ୍ୱାସୀ ମଣିଷ ଯେ ହୋଇଥିବେ ଏଥିରେ ସନ୍ଦେହ କରିବାର ନାହିଁ । ତେଣୁ ଧର୍ମ ସବୁବେଳେ ଅନୀତିର ପରିପନ୍ଥୀ । ସତ୍ମାର୍ଗୀ ହେବାକୁ ଧର୍ମ କହିଥାଏ । ଯୁଗେ ଯୁଗେ ଅଧର୍ମର ପରାଜୟ ଏବଂ ଧର୍ମର ଜୟ ହୋଇଛି ବୋଲି ଆମେ ପଢ଼ିଆସିଛେ । ତେଣୁ ମନ୍ଦିରରେ ଭିଡ଼ ଜମାଉଥିବା ପ୍ରତିଟି ମଣିଷ ଯେ ଜଣେ ଜଣେ ନୀତିନିଷ୍ଠ ମଣିଷ ଏକଥା ଆମକୁ ମାନିନେବାକୁ ପଡ଼ିବ ।

ଆମେ ପ୍ରବଚନ ମାଧମରେ ନୀତିବାଣୀକୁ ଶ୍ରବଣ କରୁଛେ ଏବଂ ପିଉଛେ । ଆଜିକାଲି ପ୍ରବଚନସ୍ଥଳୀରେ ଭିଡ଼ ଅଣାୟତ୍ତ ହେଉଛି । ଯେଉଁ ଦୁର୍ନୀତିଗ୍ରସ୍ତ ଅଧିକାରୀମାନେ ଦୁର୍ନୀତି ଜାଲରେ ପଡୁଛନ୍ତି ସେମାନେ ଯେ ନିଷ୍ଠାର ସହିତ ସନ୍ଧ୍ୟାରୁ ବିଳମ୍ବିତ ରାତି ଯାଏଁ ପ୍ରବଚନ ଶୁଣନ୍ତିନି ଏକଥା କହିବା ଭୁଲ୍ ହେବ । ଜଗନ୍ନାଥ ଦର୍ଶନ ପାଇଁ ଯିବା ପାଇଁ ଠିକାଦାରଙ୍କୁ ଶୀତତାପ ନିୟନ୍ତ୍ରିତ ଦାମୀ ଗାଡ଼ିଟିଏ ଯୋଗାଇ ଦେବାକୁ ଅନେକ ସମୟରେ ଯନ୍ତ୍ରୀ ଜଣକ କହିଥାନ୍ତି । ଠିକାଦାର ମଧ ଯନ୍ତ୍ରୀଙ୍କ ଭକ୍ତିଭାବ ଦେଖି ଗାଡ଼ି ଯୋଗାଇଦେବାର ନଜିର ମଧ ରହିଛି । ଗାଡ଼ି ଯୋଗାଇ ନଦେଲେ ବିଲ୍ ଅଟକି ଯିବାର ଭୟ ରହିଛି । କାମର ଗୁଣାତ୍ମକମାନ ପରଖିବାରେ କଡ଼ାପଣ ମଧ ଆସିବାର ସମ୍ଭବନା ରହିଛି । ଏହାକୁ କ'ଣ ଯନ୍ତ୍ରୀଙ୍କ ଦୁର୍ନୀତି ବୋଲି କହିହେବ?

ଏବେ ପ୍ରବଚକମାନେ ମୋଟା ଅଙ୍କର ପାରିଶ୍ରମିକ ନେଉଛନ୍ତି ପ୍ରବଚନ ଦେବା ପାଇଁ । ପ୍ରବଚନର ମୂଲ୍ୟ କ'ଣ ଦେଇହେବ? କେତେ ଲୋକଙ୍କ ବିବେକର ସୁଧାର ସେମାନେ କରୁଛନ୍ତି ପ୍ରବଚନ ମାଧମରେ, ନହେଲେ ତ ଅଧର୍ମ ଆହୁରି ବଢ଼ିଯାନ୍ତାଣି । ତେଣୁ ମନ୍ଦିର ଏବଂ ପ୍ରବଚନ ସ୍ଥଳୀରେ ଭକ୍ତଙ୍କ ଭିଡ଼ରୁ ପ୍ରମାଣିତ ହେଉଛି ଲୋକଙ୍କ ଭଗବାନଙ୍କ ପ୍ରତି ଶ୍ରଦ୍ଧା, ଭକ୍ତି ନିଶ୍ଚିତ ଭାବରେ ବଢ଼ିଛି । ପ୍ରବଚକଙ୍କ ପାରିଶ୍ରମିକ ଏବଂ ପ୍ରବଚନସ୍ଥଳୀରେ ଶ୍ରାଦ୍ଧାଳୁଙ୍କ ଭିଡ଼ ଦେଖିଲେ ବେଶ୍ ଅନୁମାନ କରିହେଉଛି ସତ୍ୟଯୁଗ ପାଖେଇ ଆସିଲା ।

ବର୍ଷର ପ୍ରଥମ ଦିନରେ ଜଗନ୍ନାଥ ଦର୍ଶନର ଆଗ୍ରହ ବଢ଼ିଛି ନେତା, ମନ୍ତ୍ରୀ, ବାବୁମାନଙ୍କଠାରୁ ଆରମ୍ଭ କରି ପ୍ରତିଟି ମଣିଷଙ୍କ ମନରେ । ଯେଉଁମାନେ ଲୋକଙ୍କୁ ଲୁଟ୍ କରୁଛନ୍ତି ସେମାନେ ମଧ ଜଗା ଦର୍ଶନ ପାଇଁ ବ୍ୟାକୁଳ ହେଉଛନ୍ତି । ବର୍ଷର ପ୍ରଥମ ଦିନରେ କେମିତି ଜଗନ୍ନାଥଙ୍କୁ ଦର୍ଶନ କରିହେବ ସେଥିପାଇଁ ଶ୍ରୀମନ୍ଦିରରେ ଏବର୍ଷ ମଧ ନାହିଁ ନଥିବା ଭିଡ଼ । ଯେଉଁମାନେ ଦେଶକୁ ଲୁଟୁଛନ୍ତି ସେମାନେ ମଧ ଭଗବାନଙ୍କୁ ଡାକି କହୁଛନ୍ତି– ଆପଣ ଅନେକ ଭକ୍ତଙ୍କୁ ବିପଦରୁ ଉଦ୍ଧାର କରିଛନ୍ତି ତେଣୁ ଆମକୁ ମଧ ଘଣ୍ଟଘୋଡ଼େଇ ରଖିଥାନ୍ତୁ, ଆମେ ଯେମିତି ଦୁର୍ନୀତି ଜାଲରେ ନ ପଡୁ । କିନ୍ତୁ ସେମାନେ ବୋଧେ ଜାଣି ନାହାନ୍ତି ଭଗବାନ କେବଳ ଅସଲ ଭକ୍ତଙ୍କୁ ହିଁ ସାହା ହୁଅନ୍ତି ।

ବର୍ଷର ଶେଷଦିନରେ ଏବଂ ନୂଆବର୍ଷର ପ୍ରଥମ ଦିନରେ ଦେଶରେ ୫୦କୋଟି ପାଖାପାଖି ଲୋକ ବିଭିନ୍ନ ମନ୍ଦିରମାନଙ୍କରେ ଭଗବାନଙ୍କୁ ଦର୍ଶନ କରିଛନ୍ତି । ଏମାନେ ଯଦି ସତରେ ନୀତିନିଷ୍ଠ ହୋଇଥାନ୍ତି ତା'ହେଲେ ତ ସତ୍ୟଯୁଗ ପାଖେଇ ଆସୁଛି ବୋଲି ଆଶା କରିବା ଭୁଲ୍ ହେବନାହିଁ ।

---

# ପାଷାଣ ହୃଦୟ-ପାଷାଣରେ ହୃଦୟ



**ଅଆ-ପଣକିଆ**

**ବିଜୟ ଦାସ**

ନିଃଶ୍ୱାସ ପ୍ରଶ୍ୱାସର ଗତି ଓ ପ୍ରତ୍ୟାବର୍ତ୍ତନ–ଆଗମନ ପରି ହୃଦୟର ସ୍ପନ୍ଦନ ହେଉଛି ଜୀବନର ପ୍ରମାଣ। ବାୟୁର ଯାତାୟାତ ପରି ଜଳର ପ୍ରବାହ ଏଠାରେ। ଉଭୟ ନିରନ୍ତର ଶବ୍ଦ ତରଙ୍ଗ ସୃଷ୍ଟି କରନ୍ତି । କିନ୍ତୁ ହୃଦୟ କେବଳ ଏକ ରକ୍ତସିନ୍ଧୁକ ନୁହେଁ, ବରଂ ସ୍ନେହ ପ୍ରେମଭରା ଉଚ୍ଛ୍ୱାସରେ ଭର୍ତ୍ତି ନମନୀୟ ମନରବାକ୍ସ । ଏହା ବଞ୍ଚିଥାଉଥାଉ ମୃତବତ୍ ଲାଗେ ଯେତେବେଳେ ତାହା ପାଷାଣ ପରି ହୋଇଯାଏ। କଠୋର ଏବଂ ପଥର ପରି ନିର୍ଦ୍ଦୟ। କେବଳ ତାକୁ ନୁହେଁ, ଧାରଣ କରିଥିବା ମଣିଷକୁ କୁହାଯାଏ ପାଷାଣ ହୃଦୟୀ। ଏହା ତା'ର ଏକ ଅସମ୍ବେଦନଶୀଳ କ୍ରିୟା ପୁଣି ପ୍ରତିକ୍ରିୟା । କଠିନ, ଶକ୍ତ, ଟାଣ ହୋଇଯିବାର ବାସ୍ତବତାଠାରୁ ସାଙ୍କେତିକ ହୋଇଯାଏ ପାଷାଣ ହୃଦୟ । ଆମେ ଦେଖୁଥିବା ଅନେକ ହୃଦୟ ବିଦାରକ ଦୃଶ୍ୟ, ଶୁଣୁଥିବା ଅନେକ ହୃଦୟ ବିଗଳିତ ଘଟଣା ଅଘଟଣ, କଥା କାହାଣୀ, ପୁଣି ଅଙ୍ଗେନିଭେଇଥିବା କେତେ କେତେ ହୃଦୟସ୍ପର୍ଶୀ ସତ କାହାଣୀକୁ ଯଦି ଓଲଟା ଅନୁଭବ କରିବା, ବିପରୀତ ଭାବେ ପ୍ରତିକ୍ରିୟା ଦେବା, ତେବେ ବୁଝିବା ହୃଦୟଟା ପାଷାଣ ହୋଇଯାଇଛି ।

ସମ୍ପର୍କର ଶହେ ଛକରେ ଛନ୍ଦି ହୋଇଯାଏ ପାଦ ଯୋଡ଼ିକ । କାଠ ପାଷାଣ ପରି କେବଳ ଛିଡ଼ା ହୋଇ ହୃଦୟକୁ ବି ପାଷାଣ କରିବାକୁ ପଡ଼ିଥାଏ । ପୁତ୍ର ପୁତ୍ରୀଙ୍କ ଭୁଲ୍ କାମ ଏବଂ ଅପରାଧ ପ୍ରଘଟ ହେଲାପରେ ସ୍ୱାଭାବିକ ଭାବେ ଉତ୍ତେଜନା ବୃଦ୍ଧି ପାଏ ମନ ଭିତରେ । କଦାଚିତ୍ ସମ୍ଭ୍ରମତା ଓ ସ୍ଥିରତା ପରିଲକ୍ଷିତ ହୁଏ। ଏ ସମୟରେ ଭାରସାମ୍ୟ ହରେଇ, ସନ୍ତୁଳନ ହରେଇ ଦଣ୍ଡ ଦେଉ ଦେଉ, ସୀମା ଟପିଯାଏ ବର୍ବରତାର। ଏଥକୁ ପାଷାଣ ହୃଦୟ ବୋଲି କେହି ନ କହିଲେ ବି ମାଆଟି ନିଶ୍ଚୟ କହିବ। ଅତ୍ୟଧିକ ଭାବପ୍ରବଣ ହୋଇପଡ଼ିଲେ କୌଣସି ଦୁଃଖରେ, କୌଣସି ଦୁର୍ଘଟଣାରେ, ମଣିଷର ଆଖିରୁ ଲୁହ ବୋହିବା ବନ୍ଦ ହୋଇଯାଏ। ବରଫ ପାଲଟିଯାଏ ଲୁହ ସତେ କି । କୋହ ଆଉ ଧୂଆଁଧୂଆଁ ଦୀର୍ଘଶ୍ୱାସ ହୋଇ ପରିପ୍ରକାଶ କରିପାରେନାହିଁ । ଅକସ୍ମାତ୍ ଦୁର୍ଘଟଣାରେ ପ୍ରିୟଜନଙ୍କ ମୃତ୍ୟୁ, ଆତ୍ମହତ୍ୟା ଇତ୍ୟାଦି ଏହି ପର୍ଯ୍ୟାୟଭୁକ୍ତ। ଏଥକୁ ହୃଦୟ ପାଷାଣ ପ୍ରତିମ ହୋଇଯାଏ ନାହିଁ କି?

ଦୁର୍ଭାଗ୍ୟବଶତଃ କୌଣସି ପ୍ରତିଯୋଗିତାରୁ ବାହାର ହୋଇଯିବା, ଶତ ପ୍ରତିଶତ ସଫଳତା ଆଶା କରିଥିବା ବ୍ୟକ୍ତିର ପରାଜୟ ବରଣ କରିବା ପରାଜିତ ହୋଇଯିବା, ଅକସ୍ମାତ୍ଶୂନ୍ୟ ଆକାଶରୁ ବଜ୍ରପାତ ହେବା ପରି । ଠେକୁଆ, କଇଁଚର ଦୌଡ଼ ପରି ସ୍ୱାଭାବିକ ଭାବେ ଦ୍ରୁତଗତିର ଶକ୍ତି ରଖିଥିବା ଠେକୁଆ କେବେବି ଭାବି ପାରି ନାହିଁ ଯେ, ସେ ପରାଜିତ ହେବ । ମାତ୍ର ଅତ୍ୟଧିକ ଆତ୍ମବିଶ୍ୱାସର ଅହଂ ହେଉଛି ଆଳସ୍ୟରେ କବଳିତ ହୋଇଯିବା । କଇଁଚଟି ବିଜୟ ଲକ୍ଷ୍ୟ ସାଧନ କରିବା ପରେ ଯେତେବେଳେ ଶଶକର ନିଦଭାଙ୍ଗେ, ସେତେବେଳେ ତା'ର ହୃଦୟ କେବଳ ବିଗଳିତ ହୁଏନାହିଁ, ବରଂ ହୃଦୟ ପାଷାଣ ପରିସ୍ଥିର ଥବିର ଅବସ୍ଥାକୁ ଆସିଯାଏ । ଏମିତିରେ ଜୀବନ ତ ଚାଲିଥାଏ, ମାତ୍ର ଜୀବନ ଅଛି ବୋଲି ଅନୁଭବ କରିହୁଏ ନାହିଁ ।

ବହୁ ନାରୀ, ବାରନାରୀ ଉପଭୋଗ କରୁଥିବା କାମୁକ ପୁରୁଷ, ଅଥବା ଯୌନ ପୀଡ଼ନର ଜ୍ୱାଳାସିକ୍ତ ବିଟପୀ ନାରୀର ବହୁ ପୁରୁଷ ସହ ସହବାସର ପରିଣାମ ଯେତେବେଳେ ଏଡ୍ସ ପରି ଦୁରାରୋଗ୍ୟରେ ଶେଷହୁଏ, ସେତେବେଳେ ଅନୁତାପ କରିବାକୁ ବି ତର ନଥାଏ। ହୃଦୟ ଏଠାରେ ନିଜ ପାଇଁ ପାଷାଣ ପରି ଲାଗେ । କେବଳ ପ୍ରତିକ୍ରିୟା ସ୍ୱରୂପ 'ହାଏ ହାଏ, କି କଲି, କି କଲି'ର ଆର୍ତ୍ତନାଦ ଶୁଭୁଥାଏ ହୃଦୟ ଗୁମ୍ଫାରୁ । ସେ ଗୁମ୍ଫା ପାଷାଣର, ପଥରର । ଏହା ଏକ ଜୀବନଯୁକ୍ତ ମୃତପ୍ରାୟ ମାନବର କଥା । ପ୍ରେମରେ ପ୍ରତାରଣା, ଲକ୍ଷ୍ୟରେ ଅସଫଳତା, ଅକସ୍ମାତ୍ ବିରହ ଓ ମାନସିକ ଭାରସାମ୍ୟ ହରାଇବା କ୍ଷଣ, ମାନ ହୃଦୟକୁ ପାଷାଣ କରିଦେବାକୁ ଯଥେଷ୍ଟ । ଏପରିକି ବନ୍ଧୁତାରେ ବେଇମାନି, ଦାମ୍ପତ୍ୟରେ ଅବିଶ୍ୱାସ ତଥା ସମାଜରୁ ତିରସ୍କାର ଇତ୍ୟାଦି ମଧ ହୃଦୟକୁ ପଥର କରିଦିଏ ।

ଯେ ହାର୍ଟଆଟାକ୍ ଆଉ କ'ଣ କି? ରକ୍ତରେ ନିଆଁ ଲାଗିଯିବା କଥା କ'ଣ କି? ବିଜ୍ଞାନର ତଥ୍ୟ ଅନୁଯାୟୀ 'ଚାପ ବଢ଼ିଲେ ତାପ ବଢ଼େ' ବୋଲି ଯେଉଁ କଥାଟି ଅଛି, ତାହା ଏଠାରେ ପ୍ରଯୁଜ୍ୟ । ମାନସିକ ଚାପ ବଢ଼ିଗଲେ ଶରୀରରେ ତାପ ବଢ଼ିଯାଏ, ପୁଣି ସେହି ତାପରୁ ହୃଦୟରେ ଚାପ ସୃଷ୍ଟି ହୁଏ ନାହିଁ କି । ଏହାହିଁ ତ ପାଷାଣ ହୃଦୟର ଇତିକଥା । ସେ ଚାପରୁ ତ୍ରାହି ତ୍ରାହି ଡାକିବା ଅବସ୍ଥା ମୁକ୍ତ ପାଇବାକୁ । ବରଫ ପାଲଟିଥିବ ଏହି ପାଷାରଣକୁ ତରଳାଇବାକୁ ଆପ୍ରାଣ ଚେଷ୍ଟା କରେ ମଣିଷ । ଏଥକୁ କ'ଣ ଉପାୟ ନାହିଁ? ନିଶ୍ଚୟ ଅଛି । ଶାସନର ଛାଟ ଧରି ସଠିକ୍ ବାଟକୁ ଆଣିବାକୁ ଚେଷ୍ଟା କରୁଥିବା ପାଷାଣ ହୃଦୟର ପିତାଙ୍କୁ ପଚାର ସେ କହିବେ ନମନୀୟ ହୃଦୟର କଥା । ପୁତ୍ର ଦୋଷ କଲେ ପିତାର ହୃଦୟରେ ବ୍ୟଥା ହୁଏ । ସେ ବ୍ୟଥାରୁ ତାଙ୍କର ମମତାର ସ୍ନେହର ହୃଦୟ ପାଷାଣ ପ୍ରତିମ ପ୍ରତୀୟମାନ ହୁଏ, କେବଳ ଶାସନ ପାଇଁ, ଶାସ୍ତି ପାଇଁ ନୁହେଁ ।

ଧୈର୍ଯ୍ୟ ଏବଂ ସହନଶୀଳତା ହିଁ ଦୁଇଟି ଅମୋଘ ଅସ୍ତ୍ର ହୃଦୟକୁ ପାଷାଣରେ ପରିବର୍ତ୍ତିତ କରିବାକୁ । 'All is well, All is well, ସବୁ ଠିକ୍ ଅଛି ସବୁ ଠିକ୍ ଅଛି କହି ଛାତିର ମୃଦୁ କରାଘାତ କରି ହୃଦୟକୁ ବୁଝେଇଦେଲେ, ଚାପ କମିଯିବ ତ ତାପ କମିଯିବ । ଆମେ ପରା ଅମୃତସ୍ୟ ପୁତ୍ରା, କ'ଣ ଏତେ ଶୀଘ୍ର ହାରିଯିବା ସମସ୍ୟାର ସେନା ପାଖରେ? ନା, ଆମ ପାଖରେ ସମାଧାନର ବଜ୍ର ଓ ବ୍ରହ୍ମାସ୍ତ୍ର ଅଛି ପରା ଧୈର୍ଯ୍ୟ ରୂପରେ ।

### ପାଷାଣରେ ହୃଦୟ

ଯେତେବେଳେ ଋଷି ବିଶ୍ୱାମିତ୍ର ଶ୍ରୀରାମଙ୍କୁ ତାଡ଼କା ବନରେ ଅସୁରୁଣୀ ତାଡ଼କାକୁ ବଧ କରିବାର ଉପରାନ୍ତେ, ଋଷି ଗୌତମ ଆଶ୍ରମ ଆଡକୁ ନେଉଥିଲେ, ସେତେବେଳେ ତାଙ୍କର ଅନୁଗତ ଶିଷ୍ୟମାନେ ଭୟଭୀତ ହୋଇପଡ଼ିଲେ । ଆଶଙ୍କା କଲେ ଏଥର କିଛି ଅଘଟଣ ଘଟିବାକୁ ଯାଉଛି । କାରଣ ଗୌତମଙ୍କ ଅଭିଶାପରୁ କେବଳ ତାଙ୍କ ସ୍ତ୍ରୀ ଅହଲ୍ୟା ପାଷାଣୀ ହୋଇନଥିଲେ ବରଂ ସାରା ଆଶ୍ରମ ଭଗ୍ନଶିଳାର ସ୍ତୂପ ହୋଇସାରିଥିଲା ଏବଂ ତାଙ୍କର ଅଭିଶାପ ଥିଲା, ଯେ କେହି ସେ ଆଶ୍ରମ ସମୀପକୁ ଯିବ, ସେ ମଧ ପାଷାଣ ବା ପଥର ହୋଇଯିବ। କିନ୍ତୁ ବିଶ୍ୱାମିତ୍ରଙ୍କ ପରାମର୍ଶରେ ଏବଂ ଆଦେଶରେ ଶ୍ରୀରାମ ପାଷାଣୀ ଅହଲ୍ୟାଙ୍କ ସମୀପକୁ ଯାଆନ୍ତେ, ଶ୍ରୀରାମଙ୍କୁ ଶୁଭିଲା ସେହି ପାଷାଣ ବା ପଥର ଭିତରେ ଯେ ଗୋଟିଏ ହୃଦୟ ଅଛି ତାହା ପ୍ରତୀତ ହେଲା ତାଙ୍କୁ । ପରବର୍ତ୍ତୀ ସମୟର କାହାଣୀ ଜଣାଶୁଣା । ସତରେ ଅଭିଶପ୍ତା ଅହଲ୍ୟା ସ୍ୱରୂପେ ଜୀବନ୍ତ ହେଲେ ।

ପ୍ରସଙ୍ଗଟି ପାଷାଣରେ କି ହୃଦୟ ଅଛି । ହୁଏତ ସେ ନିଃଶବ୍ଦ, ରକ୍ତବାହୀ ନୁହେଁ କିମ୍ବା ପ୍ରତ୍ୟକ୍ଷରେ ସମ୍ବେଦନଶୀଳ ନୁହେଁ । ଶ୍ରୀକୃଷ୍ଣଙ୍କ ବଂଶୀସ୍ୱନରେ କାଳେ ପଥରରୁ ପାଣି ଝରୁଥିଲା, ଅର୍ଥାତ୍ ତା'ର ହୃଦୟ ବିଗଳିତ ହେଉଥିଲା । ଜୀବନ୍ତ ଜୀବନର ଯେମିତି ଶକ୍ତି ଅଛି, ପଥରର ମଧ ସେପରି ଶକ୍ତି ଅଛି । ବୈଜ୍ଞାନିକମାନଙ୍କର ତତ୍ତ୍ୱରୁ ବୁଝାଯାଏ ଶକ୍ତି ସବୁଠି ଅଛି କେବଳ କେଉଁଠି କେଉଁ ଅବସ୍ଥାରେ । ଗତିଶୀଳ ଅବସ୍ଥାରେ ଅବା ଅଗତିଶୀଳ ଅବସ୍ଥାରେ । ଏହା ଶକ୍ତି ତ ହୃଦୟର ଶକ୍ତି ନା । ଏମିତିରେ ଦୃଶ୍ୟମାନ ପଥର ଭିତରେ ଅଦୃଶ୍ୟ ହୃଦୟ ସ୍ଥାପନକୁ ଆମ୍ଭେ ମୂର୍ତ୍ତି ପୂଜାରେ ଜୀବଦାନ କରାଇଥାଉ । ସତରେ କ'ଣ ଆମକୁ ପଥର ମୂର୍ତ୍ତିରେ ଦିଅଁ ନଥିଲେ କି ବା ଦିଅଁଙ୍କ ଅବସ୍ଥିତିର ବିଶ୍ୱାସ ନଥିଲେ କି ଆମ୍ଭେ ପ୍ରଣାମ କରନ୍ତେ! ଏହାକୁ ଆପଣ ପ୍ରତିକାତ୍ମକ ଆଧାତ୍ମିକବାଦ କହିପାରନ୍ତି କିନ୍ତୁ ମଣିଷର ହୃଦୟ ଯଦି ପାଷାଣ ଭିତରେ ଦୈବୀଶକ୍ତିର ହୃଦୟକୁ ଜାଣିପାରିଲା, ତେବେବି ପାଷାଣର ହୃଦୟ ଅଛି ।

ଏଥର ଭୌତିକ ଜଗତର ବାସ୍ତବତାକୁ ଯିବା । ପାଷାଣ ପରି ଶକ୍ତି ମଣିଷର ଏକ କୋମଳ ହୃଦୟ ଅଛି, ଯାହା ସମସ୍ତଙ୍କ ପରି ସାବଲୀଳ ଭାବରେ ଧକ୍ ଧକ୍ କରୁଥାଏ । ବାହାରକୁ ଦେଖାନଗଲେ ମଧ ବିଗଳିତ ହେଉଥାଏ, ଦୁଃଖରେ, ସମ୍ବେଦନାରେ ଏବଂ ବିଚଳିତ ହେଉଥାଏ ସମସ୍ୟାରେ । ଏମିତିରେ ବାପା ଜଣେ କଠିନ ପାଡାଣ ପରି, ଗୁରୁ ଜଣେ ପଥର ପରି ବୋଲି ଆମକୁ ମନେହୁଏ । ଏହାର କାରଣ ବାପା କି ଗୁରୁଙ୍କର କଠୋରତା ନୁହେଁ, ବରଂ ସତ୍ୟ ନ୍ୟାୟଧର୍ମ ଶିକ୍ଷା ଓ ସଂସ୍କାର ଗ୍ରହଣ କରିବାକୁ ଆମର କଠୋରତା । ଲୁହାକୁ ଲୁହା କାଟିଲା ପରି, କଣ୍ଟକେନ ଇବ କଣ୍ଟକମ୍, ଅର୍ଥାତ୍ କଣ୍ଟାକୁ କଣ୍ଟାରେ କାଢ଼ିଲା ପରି ଆମର ଅବାଟରେ ଚାଲିବାର ଜିଦ୍, ଅଶିକ୍ଷା ଆହାରଣ କରିବାର ମାନସିକତା, ଅନୈତିକ କାର୍ଯ୍ୟରତ ହେବାର ପ୍ରୟାସ ଇତ୍ୟାଦିକୁ ପ୍ରତିହତ କରିବାକୁ ସେମାନଙ୍କୁ ପଥର ସଦୃଶ କଠୋର ହେବାକୁ ପଡ଼େ ।

କୌଣସି ଦୋଷୀକୁ ଦଣ୍ଡ ଦେବାବେଳେ ବିଚାରପତିଙ୍କର ହୃଦୟହୀନତା ବୋଲି ପ୍ରତୀତ ହୁଏ । ମାତ୍ର ସେ ହୁଏତ ମଣିଷ ହିସାବରେ ହୃଦୟବାନ ମାତ୍ର ବିଚାରପତି ହିସାବରେ ନିର୍ଦ୍ଦୟ ହେବାକୁ ବାଧ । ଏଇଥି ପାଇଁ ଯେ ଦୋଷୀ ଜଣଙ୍କ ନିର୍ଦ୍ଦୟ ଭାବରେ ଦୋଷ କରିଛି । ଦଣ୍ଡ ପାଇବାକୁ ବାଧ, ନଚେତ୍ ପୁଣି ଦୋଷ କରିବ । ସହଜରେ ଅନୁତାପ ଆସେ ନାହିଁ । ଆମ୍ଭେ ଅନ୍ୟାୟ ଅବିଚାର ଅତ୍ୟାଚାର କଲାବେଳେ ପୀଡ଼ିତ ବା ପୀଡିତାଙ୍କର କଷ୍ଟକୁ ଅନୁଭବ କରିପାରୁନା । ପରର ଦୁଃଖ ପରର କଷ୍ଟ ନିଜର ନିଜର ଲାଗେନାହିଁ । ହତ୍ୟାରେ କଷ୍ଟ ପାଉଥିବା ଜୀର ଆର୍ତ୍ତନାଦ କେବେ ହତ୍ୟାକାରୀର, କଂସେଇର ହୃଦୟକୁ ବିଗଳିତ କରିଛି କି?

ଗୋଟିଏ ନାଟକର ଶୀର୍ଷକ ଆମ୍ଭକୁ ଆଶ୍ଚର୍ଯ୍ୟଚକିତ କରିବାକୁ ବାଧ ହୋଇଥିଲା । ଶୀର୍ଷକଟି ଥିଲା 'ଜଣେ ଖଳନାୟକ ସପକ୍ଷରେ'। ଅନୁଶୀଳରେ ହୃଦ୍‌ବୋଧ ହେଲା ଯେ ଖଳନାୟକ ପରି ବାହାରକୁ ଦେଖାଯାଉଥିବା ଚରିତ୍ରରେ ବାସ୍ତବିକ୍ ହୃଦୟବାନ । ତା'ର ଏକ ସଂଳାପ 'ମୁଁ ତୁମକୁ ଜଣେ ପ୍ରେମ ପ୍ରଣୟିନୀ ଭାବରେ ନୁହେଁ ମୋ ସଂସ୍ଥାର ଜଣେ ଜଣେ ଦକ୍ଷ ମେଧାବୀ କର୍ମଚାରୀ ହିସାବରେ ମୋ ସହିତ ବିଦେଶ ଯାତ୍ରାରେ ନେଉଥିଲି । ସେଠାରେ ସଂସ୍ଥାର ସଭାରେ ତୁମକୁ ମୋ ପରେ ଅଧକ୍ଷ ଭାବେ ଘୋଷଣା କରିବାକୁ, ଶଯ୍ୟାସଙ୍ଗିନୀ କରିବାକୁ ନୁହେଁ । ମୁଁ ତମକୁ କନ୍ୟା ହିସାବରେ କେତେ ବଡ଼ ଲିଫ୍ଟ ଦେବାକୁ ଚାହୁଁଥିଲି ।' ଏଥରୁ ସ୍ପଷ୍ଟ ଯେ ଜଣେ ପାଷାଣ ପରି କଠୋର ମଣିଷ ଭିତରେ କିପରି ଏକ ସମ୍ବେଦନଶୀଳ ସୁପୁରୁଷ ଲୁଚି ରହିଛି । ଏହି ପାଷାଣରେ ଥିବା ହୃଧୟଟିକୁ ଚିହ୍ନିପାରି ନଥିବା ଅଧସ୍ତନ କନ୍ୟାଟିର ହୃଦୟ ସତରେ ପାଷାଣ ପରି ନଥିଲା କି?

ଅନେକ ଗମ୍ଭୀର ମୁଦ୍ରାର ମଣିଷ, ଅନାୟାସରେ ହସୁନଥିବା ବ୍ୟକ୍ତିଜଣକ ପଥର ପରି ବି ହୋଇନପାରେ । ଆଉ ସଦା ହସହସ ମୁହଁ, ମିଠା ମିଠା କଥାର ମଣିଷର ହୃଦୟରେ ହୁଏତ ପ୍ରେମ ନଥାଇବି ପାରେ । ଉପରେ ହସ, ଭିତରେ ବିଷର ଅନେକ ମଣିଷର ପ୍ରାଦୁର୍ଭାବ ହେତୁ ତ ଠକେଇ, ପରକୀୟା ପ୍ରୀତି, ହତ୍ୟା ଓ ଆତ୍ମହତ୍ୟାର ଅନେକ କାହାଣୀ ଆସୁଛି । ବର୍ତ୍ତମାନର ଖୋଲାମେଲା ସଂସ୍କୃତିରେ କେବଳ ଉପର ବାହାରେ ସରଳ ହେଲେ ଚଳିବନି, ବରଂ ସବୁ ସ୍ତରରେ ଭିତରେ କୋମଳତା ରଖି ଉପରେ କଠୋର ହେବାକୁ ହେବ । ବରଫ ପରି ତରଳି ବି ପାରେ ପାଷାଣରେ ଥିବା ହୃଦୟ ସମୟ ଆସିଲେ ।


*ଅନନ୍ତବିହାର, ଫେଜ୍–୨,*
*ପୋଖରୀପୁଟ, ଭୁବନେଶ୍ୱର*
*ମୋ. ୯୩୪୮୮୯୩୭୫୨*


---

# ୨୦୨୬ର ସଂକଳ୍ପ

■ **ବିକ୍ରମ କେଶରୀ ବିଶ୍ୱାଳ** ■

ଦୁଃଖସୁଖର ୨୦୨୫ ସରିଲା। ଉକ୍ତ ବର୍ଷକୁ ବିଦାୟ ଦେବା ପାଇଁ ଦେଶ ଓ ରାଜ୍ୟରେ କାହିଁ ନା କେତେ ଉତ୍ସବମୁଖର ହୋଇଉଠିବ ୩୧ର ରାତି । ହୋଟେଲ, ରେସ୍ତୋରାଁ, କ୍ଲବ ଠାରୁ ଆରମ୍ଭ କରି ବନ୍ଧୁବାନ୍ଧବ ଗହଣ ଓ ପରିବାର ମଧ୍ୟରେ ଭିନ୍ନ ଭିନ୍ନ ବାଗରେ ବିଦାୟ ମହୋତ୍ସବ ପାଳିତ ହୋଇଥାଏ। ରାତି ପାହିଲା ବେଳକୁ ପୂର୍ବାକାଶ ରକ୍ତିମ ସୂର୍ଯ୍ୟର ଆହ୍ୱାନ । ଏ ସବୁ କିଛି ମାନେରଖେନା ଚାଳଘରେ ଓଳିଏ ଖାଇ ଦିନେ ବଞ୍ଚୁଥିବା ଲୋକମାନଙ୍କ ପାଖରେ। ଦୁଃଖି, ରଙ୍କି, ଅଭାବୀଙ୍କ ପାଇଁ ସୂର୍ଯ୍ୟ ସବୁବେଳେ ନିଷ୍ପ୍ରଭ ଓ ନିସ୍ତେଜ । ସେମାନଙ୍କ ପାଇଁ କ'ଣ ମାନେଥାଏ ମତୁଆଲା ମଧ ରାତ୍ରୀର ମହକ! ବା ସକାଳର ରଜନୀଗନ୍ଧା, ଗୋଲାପ, ଗେଣ୍ଡୁର ବାସ୍ନା। ମେହନତୀ ମଣିଷ ପାଇଁ ଦିନ, ମାସ, ବର୍ଷର ସ୍ୱତନ୍ତ୍ର ପରିଚୟ କିଛି ମାନେରଖେନା। ମାନେରଖେନା ଈଶ୍ୱର ଅନ୍ୱେଷୀ ନିସଙ୍ଗ ସନ୍ନ୍ୟାସୀର ଶୂନ୍ୟତାବୋଧ ପାଇଁ।

ତଥାପି ମଣିଷ ସ୍ୱପ୍ନ, ଆଶାକୁ ନେଇ ଅନେକ ସଂକଳ୍ପ ବାଛି ନେଇଥାଏ ୩୧ ରାତ୍ରି ଓ ୧ ସକାଳ ପାଇଁ। ଭାଙ୍ଗି ପଡୁଥିବା ପ୍ରେମର ପୁନଃ ମିଳନ ପାଇଁ ସଂକଳ୍ପ, ନିଶାଶକ୍ତ ନ ହେବା ପାଇଁ ସଂକଳ୍ପ, ଦୁର୍ନୀତିଗ୍ରସ୍ତ ନ ହେବା ପାଇଁ ସଂକଳ୍ପ, ଚୋରି ଲୁଟତରାଜ ନ ଭିଆଇବାର ସଂକଳ୍ପ, ହିଂସା, କ୍ରୋଧ, ଲୋଭ, ମୋହ ଆଦିରୁ ମୁକ୍ତି ହେବାର ସଂକଳ୍ପ ଇତ୍ୟାଦି ନାନା ପ୍ରକାର ନିଷ୍ପତ୍ତି ମଣିଷ ନେଇଥାଏ। ଯଦିଓ ତାହା କେତେ ଘଣ୍ଟା ପରେ ଭାଙ୍ଗି ଯାଇଥାଏ ତଥାପି କେଇ ମୁହୂର୍ତ୍ତର ସଂକଳ୍ପ ମାନବ ଚେତନାକୁ ଉର୍ଦ୍ଧ୍ୱଗାମୀ କରିଥାଏ। ଭଗବାନ କହିଛନ୍ତି ଯେ ଯଦି ମଣିଷ ମତେ ଅନାସକ୍ତ ଭାବେ ଗୋଟିଏ ମୁହୂର୍ତ୍ତ ସ୍ମରଣ କରିପାରିଲା ତେବେ ମୁଁ ତାକୁ ଜୀବନଯାକର ପାପରୁ ମୁକ୍ତି ଦେବି। ସେହିପରି ଆମେ ଆମର ସଚେତନ ମନରେ ଚଳିତ ବର୍ଷ ପାଇଁ କିଛି ସଂକଳ୍ପ ନେବାର ଆବଶ୍ୟକତା ରହିଛି । ଦେଶ ଆମର ତେଣୁ ଦେଶ ପାଇଁ ଆମେ ପ୍ରଥମେ ଉତ୍ସର୍ଗୀକୃତ ମନଭାବ ନେଇ କିଛି ସେବାକରିବା । ଦେଶ ଓ ଯୁବଗୋଷ୍ଠୀ ନିଜର ଅନ୍ତର୍ନିହିତ ଶକ୍ତିକୁ ଏକାଠି କରି ଦେଶ ଗଠନରେ ହାତ ବଢ଼ାଇବା। ମା' ମାତୃଭୂମି ଓ ମାତୃଭାଷାର ଉନ୍ନତି କଳ୍ପେ ନିସଙ୍କୋଚରେ ସ୍ୱାର୍ଥ ତ୍ୟାଗ କରିବା। ଦେଶ ଓ ଜାତିର କ୍ଷତି ହେଲା ଭଳି କୌଣସି ଚିନ୍ତା ବା କାର୍ଯ୍ୟ କରିବା ନାହିଁ। ଧନୀ, ନିର୍ଧନ ନିର୍ବିଶେଷରେ ସମାଜସେବା ପ୍ରତି ବ୍ରତୀହେବା। କାରଣ ମାନବ ସେବା, ମାଧବ ସେବା। ପ୍ରକୃତିର ସୌନ୍ଦର୍ଯ୍ୟକୁ କୌଣସି ପ୍ରକାରେ ନଷ୍ଟ କରିବା ନାହିଁ। ଗ୍ରାମାଞ୍ଚଳରେ ଜାତି, ଧର୍ମ, ବର୍ଣ୍ଣନିର୍ବିଶେଷରେ ସଂପ୍ରୀତି ଓ ସଂହତି ବଜାୟ ରଖିବା । ଗୋଟିଏ ଜାତିର ଏକତା ତାର ପରମ୍ପରା ଉପରେ ପର୍ଯ୍ୟବେକ୍ଷିତ। ତେଣୁ ଅପସୃୟମାଣ ସଂସ୍କୃତିକୁ ବଞ୍ଚାଇ ରଖିବା ଆମର ପ୍ରଧାନ କର୍ତ୍ତବ୍ୟ। ଯେଉଁ ବାତାବରଣ ଆମର ଚିନ୍ତନ ଓ ଚୈତନ୍ୟକୁ ପ୍ରତ୍ୟୋକ୍ଷରେ ବା ପରୋକ୍ଷରେ ପ୍ରଦୂଷିତ କରୁଛି ତାହା ଠାରୁ ଦୂରେଇ ରହିବା । ନୈତିକତା ମଣିଷର ସବୁଠାରୁ ବଡ଼ ଅନର୍ନ୍ତନିହିତ ଶକ୍ତି। ତାକୁ ସବୁବେଳେ ଯେପରି ସୁରକ୍ଷିତ ରଖିବା ସେଥିପ୍ରତି ଯତ୍ନବାନ ହେବା। ଭାରତ ସବୁବେଳେ ନୈତିକତା ଓ ଆଧାତ୍ମିକତାକୁ ଗୁରୁତ୍ୱ ଦେଇଆସିଛି। ଯେଉଁ ବ୍ୟକ୍ତି ନିଜର ନୈତିକତା ଓ ଆଧାତ୍ମିକତା ହରାଏ ସେ ଆପଣାଛାଏଁ ଦୁର୍ବଳ ହୋଇପଡ଼େ ।

ଆମେ ଆଶା କରୁଛୁ ଚଳିତ ବର୍ଷ ରାଜ୍ୟରେ ରାଜନୈତିକ ଦଳଗୁଡ଼ିକ ସମାଜୋଚିତ ଆଚରଣ ପ୍ରଦର୍ଶନ କରନ୍ତୁ। ନିଜକୁ ପ୍ରକୃତ ସମାଜସେବୀ ଭାବେ ପ୍ରତିପାଦିତ କରି ବ୍ୟକ୍ତି ସମ୍ମାନ ଲାଭ କରନ୍ତୁ। ତଦନୁରୂପ ଯୁବ ସମାଜ କୌଣସି ଅସାମାଜିକ କାର୍ଯ୍ୟ ଓ ହିଂସ୍ର କାମ ନକରନ୍ତୁ। ନୂଆବର୍ଷ ପରେ ପରେ ଆରମ୍ଭ ହୋଇଯାଏ ବିଦ୍ୟାର୍ଥୀ ମାନଙ୍କର ପରୀକ୍ଷାର ଋତୁ । ବିଦ୍ୟାର୍ଥୀମାନେ କାୟ ମନୋକାର୍ଯ୍ୟରେ ଅଧ୍ୟୟନ ପ୍ରତି ଦୃଷ୍ଟି ଦେଇ ପରୀକ୍ଷାରେ କୃତକାର୍ଯ୍ୟ ହୁଅନ୍ତୁ। ଜଣେ ମଣିଷ ଜଟିଳ ଓ ଅଭଦ୍ର ହେବା ସହଜ କିନ୍ତୁ ସରଳ ଓ ଭଦ୍ର ହେବା କଠିନ କାର୍ଯ୍ୟ। ତେଣୁ ସମସ୍ତେ ଭଦ୍ର ହେବା ପାଇଁ ଓ ସରଳ ହେବା ପାଇଁ ଉଦ୍ୟମ ଜାରି ରଖନ୍ତୁ। ପ୍ରତ୍ୟେକ ମଣିଷ ପାଇଁ ପୁନଶ୍ଚ ଭଲ ହେବାର ଓ ଭଦ୍ର ହେବାର ବାଟଟିଏ ଅପେକ୍ଷା କରିଥାଏ। ହତୋତ୍ସାହିତ ନ ହୋଇ ସେଇ ବାଟର ଅନୁସନ୍ଧାନରେ ଗତି କରିବା ବାଞ୍ଛନୀୟ। ମନେରଖନ୍ତୁ ପ୍ରତ୍ୟେକ ମୁହୂର୍ତ୍ତରେ କେହି ନା। କେହି ଜଣେ ଆପଣଙ୍କ କାର୍ଯ୍ୟକଳାପକୁ ଫଟୋ ଉଠାଉଛି ଯାହା ଦିନେ ଇତିହାସର ଅଂଶ ହୋଇପାରେ। ସେଥିପାଇଁ ମହାପୁରୁଷମାନେ ଇତିହାସକୁ ଡରନ୍ତି। କାରଣ ଇତିହାସର ଆଖିରେ ପତା ନଥାଏ। ସମାଜ ଯେହେତୁ ବ୍ୟକ୍ତିବିଶେଷଙ୍କ ସଂଗୋଷ୍ଠୀ ତେଣୁ ବ୍ୟକ୍ତି ପବିତ୍ରତାରେ ସମାଜର ପବିତ୍ରତା ପ୍ରତିଷ୍ଠିତ ହୋଇଥାଏ। ୨୦୨୬ରେ ଆସନ୍ତୁ ଆମେ ସମସ୍ତେ ସକରାତ୍ମକ ଚିନ୍ତାଧାରା ନେଇ ଓଡ଼ିଶା ଗଢ଼ିବା। ମାତୃଭାଷାକୁ ସମ୍ମାନଦେବା। ସଂକଳ୍ପ କରିବା ନୂଆ ବର୍ଷ ଅବସରରେ କେବଳ ନିଜ ଜୀବନ ନୁହେଁ ବା ନିଜ ପରିବାର ନୁହେଁ ଏହା ସହିତ ଏ ରାଜ୍ୟ, ଏ ଦେଶ, ଏ ଜାତି ପାଇଁ ଆମ ଦାୟିତ୍ୱ ସୂଚାରୁରୂପେ ନିର୍ବାହ କରିବା। ଜଗତର ସର୍ବାଙ୍ଗୀନ ଉନ୍ନତିକଳ୍ପେ ଆମ୍ଭମାନଙ୍କର ଦାୟିତ୍ୱକୁ ନିଷ୍ଠାପର ଭାବେ, ନିଃସ୍ୱାର୍ଥପର ଭାବେ ନିର୍ବାହ କରି ଅନ୍ତତଃ ଜଣେ ଭଲ ମଣିଷ ହେବାର ସଂକଳ୍ପବଦ୍ଧ ଜୀବନ ପାଇଁ ଆଜିର ଦିନଟିକୁ ସ୍ମରଣୀୟ କରିବା।


ଯାଜପୁର ରୋଡ଼, ଯାଜପୁର,
ମୋ. ୯୯୩୮୫୩୬୦୭୬


---

# ବଦଳୁଛି ପ୍ରକୃତିର ନିୟମ

■ **ମାୟାଧର ନାୟକ** ■

ପ୍ରତିମୁହୂର୍ତ୍ତରେ ବଦଳୁଛି ପ୍ରକୃତିର ନିୟମ । ଜଳବାୟୁ ପରିବର୍ତ୍ତନରେ ଆସିଛି ବ୍ୟାପକ ଅସ୍ୱାଭାବିକତା । ବହୁପୂର୍ବରୁ ଜଳବାୟୁ ପରିବର୍ତ୍ତନର ପ୍ରଭାବ ପୃଥିବୀ ଉପରେ ପଡିଆସିଛି । ଲଗାତର ଗ୍ରୀଷ୍ମପ୍ରବାହ, ଆକାଶରୁ ନିଆଁବର୍ଷା, ଭୟଙ୍କର ମରୁଡ଼ି, ପ୍ରବଳ ଝଡତୋଫାନବାତ୍ୟା, ଭୂସ୍ଖଳନ, ଭୂମିକମ୍ପ, ସମୁଦ୍ରଜଳପତନ ବୃଦ୍ଧି ପ୍ରଭୃତି ଜଳବାୟୁ ପରିବର୍ତ୍ତନରେ ସମଗ୍ର ବିଶ୍ୱ ଥରହର । ଏହାର କୁପରିଣାମ ଭୋଗୁଛନ୍ତି ସାରାବିଶ୍ୱର ଜୀବଜଗତ । ପୃଥିବୀର ଉତ୍ତାପ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ମନୁଷ୍ୟକୃତ କାର୍ଯ୍ୟ ଇନ୍ଧନ ଦହନ, ଗାଡ଼ିମଟରରୁ ନିର୍ଗତ କାର୍ବନଡାଇଅକ୍ସାଇଡ୍ ଦ୍ୱାରା ଏବଂ ଶକ୍ତିଉତ୍ପାଦନ ପାଇଁ ଇନ୍ଧନ ଜଳାଉ। ୧୮୫୦ ମସିହାରେ ଶିଳ୍ପବିପ୍ଳବରେ କୋଇଲାରୁ ଶକ୍ତିଉତ୍ପାଦନ ହୋଇଥିଲା। ଅଧିକ କୋଇଲା ଜାଳିବାଫଳରେ ବାୟୁମଣ୍ଡଳ ପ୍ରଦୂଷିତ ହୋଇ ଜୀବଜଗତ ଉପରେ ନକାରାତ୍ମକ ପ୍ରଭାବ ପଡ଼େ। ଏହାଦ୍ୱାରା ମ ପାଣିପାଗର ପରିବର୍ତ୍ତନ ଘଟେ। ପାଣିପାଗର ଅସମାନତା ଦେଖାଯାଏ ।

ଗ୍ରୀଷ୍ମପ୍ରବାହ ବୃଦ୍ଧିଦ୍ୱାରା ସ୍ୱାସ୍ଥ୍ୟ ସମସ୍ୟା ବଢୁଛି । ମୃତ୍ୟୁର ତାଣ୍ଡବ ସୃଷ୍ଟି ହେଉଛି । ଜଳବାୟୁ ପରିବର୍ତ୍ତନରେ ପରିବେଶ ପ୍ରଦୂଷଣ ଯୋଗୁ ସଂକ୍ରାମକ ଓ ଅଣସଂକ୍ରାମକ ରୋଗ ବ୍ୟାପକ ଭାବେ ହୋଇ ଚର୍ମକର୍କଟରୋଗ ବ୍ୟାପୁଛି। ପରିବର୍ତ୍ତିତ ଜଳବାୟୁରେ କୃଷି ଭୀଷଣ ଭାବେ ପ୍ରଭାବିତ। ଗଜାମରୁଡି, ରୋଗପୋକ ଯୋଗୁଁ ଖାଦ୍ୟଶସ୍ୟ ଅମଳ କମିଯାଉଛି । ମୃତିକାର ତାପମାତ୍ରା ବୃଦ୍ଧିରେ ବିହନ ଗଜାହେବା କ୍ଷମତା ହରାଏ। ଜଳବାୟୁ ପରିବର୍ତ୍ତନ ପ୍ରାକୃତିକ ପରିବେଶକୁ ବିଗାଡ଼ିଦେଇଛି । କେଉଁଠି ଅତ୍ୟଧିକ ବର୍ଷା ଆଉ କେଉଁଠି ଅସହ୍ୟ ଗରମ ଅନୁଭବ ହେଉଛି । ଛ'ଋତୁ ମଧ୍ୟରୁ ଏବେ କେବଳ ବର୍ଷା, ଶୀତ, ଗ୍ରୀଷ୍ମ ଋତୁ ଜଣାପଡୁଛି । ଅନୁପାତ ମଧ ଠିକ୍ ରହୁନି। ଏହାର ପ୍ରଭାବ ଜନସମାଜ, ବୃକ୍ଷଲତା, ଜୀବଜନ୍ତୁ, ଶୈବାଳ, ସାମୁଦ୍ରିକ ପ୍ରାଣୀ ଉପରେ ପଡୁଛି ।

ଆକାଶରେ ବରଫ ତରଳୁଛି। କଳାବରଫ ଯୋଗୁ ତରଳୁଛି ଗ୍ଲାସିୟର। ଜଳମଗ୍ନ ହୋଇଯିବ ବଡ଼ବଡ଼ ସହର । ପ୍ରାକୃତିକ ପରିବେଶ ବଦଳିଯିବ। ଜଙ୍ଗଲରେ ଲାଗିବ ନିଆଁ । ନିଭୁନିଭୁ ବହୁଦିନ ଲାଗିବ। ପ୍ରତିବର୍ଷ ହେକ୍ଟର ହେକ୍ଟର ଜଙ୍ଗଲ ପୋଡ଼ି ଛାରଖାର ହୋଇଯାଉଛି। ବେଳେବେଳେ ଚାଷପାଇଁ ମଣିଷ ବି ଜଙ୍ଗଲରେ – ଧାନ କଟାହେଲାପରେ ଧାନବିଲରେ ନିଆଁ ଲଗେଇଦିଅନ୍ତି । ଏହାଦ୍ୱାରା ପ୍ରବଳଭାବରେ ପରିବେଶ ପ୍ରଦୂଷଣ ବୃଦ୍ଧି ପାଇବାରେ ଲାଗିଛି । ଜଙ୍ଗଲପୋଡି ମଣିଷ ପାଇଁ ହାନିକାରକ। ବ୍ରାଜିଲର ଆମାଜନ ଜଙ୍ଗଲରୁ ପୃଥିବୀର ୨୦ ପରସେଂଟ୍ ଅମ୍ଳଜାନ ମିଳିଥାଏ । ଆମାଜନ୍ ଜଙ୍ଗଲରେ ନିଆଁଲାଗି ଏହାର ବ୍ୟାପକ କୁପ୍ରଭାବ ବିଶ୍ୱଉପରେ ପଡିଛି । ଏହାର ବିଷାକ୍ତ ଗ୍ୟାସଦ୍ୱାରା ହୃଦ୍‌ରୋଗ, କ୍ୟାନ୍ସର୍ ଭଳି ମାରାତ୍ମକ ରୋଗର ଶିକାର ହେଉଛନ୍ତି। ୧୯୧୯ରେ ଆମାଜନ୍ ଜଙ୍ଗଲରେ ମାସମାସଧରି ନିଆଁ ଲାଗିରହିବା ଫଳରେ ଚାରିଆଡ଼େ ଧୂଆଁମୟ ହୋଇଯାଇଥିଲା। କେବଳ ଆମାଜନ୍ ଜଙ୍ଗଲ ନୁହେଁ – ପୃଥିବୀର ଅନେକ ଜଙ୍ଗଲରେ ପ୍ରତିବର୍ଷ ନିଆଁଲାଗି ବ୍ୟାପକ କ୍ଷୟକ୍ଷତି ହେଉଛି ।

ଗ୍ରୀସ୍‌ରେ ଜଙ୍ଗଲରେ ଲାଗିଛି ନିଆଁ । ଭୟାବହ ଅଗ୍ନିକାଣ୍ଡରେ ଜନଜୀବନ ଅସ୍ତବ୍ୟସ୍ତ। ସମଗ୍ର ଗ୍ରୀସ୍‌ରେ ବାଦଲରେ ଘୋଟିଯାଇଛି କଳାଧୂଆଁ । ଶୁଖିଲା ପାଗ ମେ' ଜୁନ ମାସରେ ସ୍ୱାଭାବିକ ଭାବେ ଜଙ୍ଗଲରେ ନିଆଁ ଲାଗେ । ଏଥର ଜୁଲାଇ ଶେଷସପ୍ତାହରେ ବର୍ଷା ଆରମ୍ଭରୁ ଜଂଗଲରେ ଲାଗିଛି ନିଆଁ । ଏଇଭଳି ଅବସ୍ଥା ଉପୁଜିଲେ ଜଙ୍ଗଲ ସବୁ ଖୁବ୍ କମ୍ ସମୟରେ ନିଶ୍ଚିହ୍ନ ହୋଇଯିବ । ଦିନକୁଦିନ ପ୍ରାକୃତିକ–ମନୁଷ୍ୟକୃତ ନିଆଁର ଆଁରେ ଜଙ୍ଗଲ ଘର ପଶିଯାଉଛି – ଦିନେ ଏ ଦୁନିଆକୁ ଜାଳିପୋଡ଼ି ପାଉଁଶ କରିଦେବ ।

ବାୟୁ ପ୍ରଦୂଷଣ, ଜଳ ପ୍ରଦୂଷଣ, ଧ୍ୱନି ପ୍ରଦୂଷଣ । କଳକାରଖାନା, ମଟରଗାଡ଼ି, ଚିମିନୀ ଆଦିରୁ ନିର୍ଗତ ଧୂଆଁ ଦ୍ୱାରା ବାୟୁମଣ୍ଡଳ ପ୍ରଦୂଷିତ ହୁଏ। ଏହାଦ୍ୱାରା ପୃଥିବୀର ତାପମାତ୍ରା ବୃଦ୍ଧିପାଏ । ପାଣିରେ ଅଧିକ ମାତ୍ରାରେ ଲବଣପଦାର୍ଥ ମିଶିଲେ ଜଳ ପ୍ରଦୂଷିତ ହୁଏ। ସମୁଦ୍ରପାଣି ଲୁଣିଆ । ଏବେ ସାରାବିଶ୍ୱରେ ଯେଉଁ କିଣା ବୋତଲପାଣି, ଅନ୍ୟାନ୍ୟ ଠିପିବନ୍ଦ ପାନୀୟ ବୋତଲ ପାନ କରୁଛେ – ବେପାରୀମାନେ ଅଧିକ ସମୟ ଗୋଦାମରେ ରଖି ବିକ୍ରିକରିବାପାଇଁ କେମିକାଲ ଦେଇଦିଅନ୍ତି । ସେସବୁ ପାନୀୟ ପାଟିକୁ ମିଠା, ପେଟକୁ ବିଷ ସମାନ। ଆମେ ଜାଣି ହେଉ ବା ଅଜଣାରେ ହେଉ ବିଶ୍ୱବିଷଭଣ୍ଡାରରୁ ସେଇ ବିଷସବୁ ପିଇବାରେ ଲାଗିଛେ– ଯାହାଦ୍ୱାରା ମଧୁମେହ ରୋଗଠାରୁ ଯାବତ୍‌ପ୍ରକାର ଦୁରାରୋଗ୍ୟ ବ୍ୟାଧିର ଶିକାର ହେଉଛେ। ଫଳରେ ବିନା ଔଷଧରେ ଦିନ କଟୁନି। ପୁଣି ଔଷଧ ମଧ ଭେଜାଲ୍ ।

ଏବେ ମୌସୁମୀ ବାଟବଣା ହୋଇଗଲାଣି । ଜଳବାୟୁ ପରିବର୍ତନ ଦ୍ୱାରା ଋତୁଚକ୍ରର ମଧ ପରିବର୍ତ୍ତନ ପ୍ରଭାବିତ। ଗ୍ରୀଷ୍ମଋତୁ ବଢ଼ିଯାଉଛି – ବର୍ଷା, ଶୀତଋତୁ କମିଯାଉଛି । ନିଃଶ୍ୱାସପ୍ରଶ୍ୱାସ ପାଇଁ ଶୁଦ୍ଧବାୟୁ, ଉତମ ପାନୀୟଜଳ, ସୁରକ୍ଷିତ ବାସସ୍ଥାନ ମିଳିବା କଷ୍ଟକର ହୋଇପଡୁଛି । ଅତ୍ୟଧିକ ବର୍ଷା ଓ ବନ୍ୟା, ଅନାବୃଷ୍ଟି, ଝଡତୋଫାନ, ଗ୍ରୀଷ୍ମପ୍ରବାହ ଯୋଗୁଁ ପ୍ରତିବର୍ଷ ଲକ୍ଷଲକ୍ଷ ଜୀବଜନ୍ତୁ ମୃତ୍ୟୁମୁଖରେ ପଡୁଛନ୍ତି ।

ଜଳବାୟୁ ପରିବର୍ତ୍ତନର ପ୍ରଭାବରେ ସମଗ୍ର ଜଗତ୍ ଉପରେ ନକାରାତ୍ମକ ପ୍ରଭାବ ପଡୁଛି । କେବଳ ମାନବଜାତି ପ୍ରଭାବିତ ହେଉନାହାଁନ୍ତି – ଜୀବଜନ୍ତୁଙ୍କ ଉପରେ ପ୍ରଭାବ ପଡୁଛି। ଅତ୍ୟଧିକ ତାପମାତ୍ରା ଯୋଗୁଁ ଅନେକ କୀଟପତଙ୍ଗ, ପଶୁପକ୍ଷୀ ମରିଯାଉଛନ୍ତି । ପୋଖରୀ, ନଈ, ସମୁଦ୍ରରେ ଜଳଚର, ମାଛମାନେ ମରି ଭାସୁଛନ୍ତି । ଭୌଗୋଳିକ କ୍ଷେତ୍ର ଓ ବିଭିନ୍ନ ପ୍ରଜାତିଙ୍କ ଠାରେ ଆକାର ପରିବର୍ତନ ଘଟିବାରେ ଲାଗିଛି । ପାଖାପାଖି ୧୦ଲକ୍ଷ ପ୍ରଜାତି ବିଲୁପ୍ତ ହେବାର ଆଶଙ୍କା ପ୍ରକାଶ ପାଇଲାଣି । ଆଉ କୋଇଲିର ଦେଖାନାହିଁ। କୁହୁକୁହୁ ଗୀତ ଗାଉନି। ଭଦଭଦଳିଆ ପକ୍ଷୀ ବିଲୁପ୍ତିର ପଥେ– ବିରଳ ହେବାକୁ ଯାଉଛି ପ୍ରଜାପତିର ଚିତ୍ରିତ କଳେବର । 'ଘରଚଟିଆ' କୁଆଡେ ବୁଲୁଛନ୍ତି – ତାଙ୍କର ଦେଖାନାହିଁ। ସାମୁଦ୍ରିକ କଇଁଛ, ଅତ୍ୟଧିକ ଥଣ୍ଡାରେ ବାସକରୁଥିବା 'ମେରୁଭାଲୁ' ଗରମ ସହ୍ୟ କରିନପାରି ମରମର ଅବସ୍ଥାରେ ।

ଜଳବାୟୁ ପରିବର୍ତ୍ତନ ପାଇଁ ଚୀନ୍ ବହୁଳାଂଶରେ ଦାୟୀ । ଚାଇନା କମ୍ୟୁନିଷ୍ଟ ପାର୍ଟି ସମାଜବାଦ ରାସ୍ତାରୁ ହଟି ସଂଶୋଧନବାଦ, ପୁଞ୍ଜିବାଦ ରାସ୍ତାରେ ଜିଦିଆ ସର୍ବୋଚ୍ଚନେତା ଡେଙ୍ଗ–ସିଆଙ୍ଗଫା ୪୦ବର୍ଷ ପୂର୍ବରୁ ସମୁଦ୍ରରେ ନୂଆ ବିରାଟ ପାଚେରି ସୃଷ୍ଟିକରି ମହାଧନୀ ହେବାକୁ କାର୍ଯ୍ୟ କଲେ। ସଂପତ୍ତି ବୃଦ୍ଧିର ନିଶା ଯେ ଭବିଷ୍ୟତରେ ଧ୍ୱଂସଆଡକୁ ଗତି କରିବ ସେ କଥା ନେତାମାନେ ମନକୁ ହେଜିନଥିଲେ। ସମୁଦ୍ରପତନ ବୃଦ୍ଧି ହେଲେ ସବୁକିଛି ବୁଡ଼ିଯିବ– ଯାହାକି ୨୦୫୦ ବେଳକୁ ହେବାକୁ ଯାଉଛି ବୋଲି ବୈଜ୍ଞାନିକମାନେ ସତର୍କ କରାଇ ଦେଲେଣି । ଚୀନବାସୀ ଝଡତୋଫାନ୍, ବନ୍ୟାରେ ବୁଡିଯିବେ। ଚୀନ୍‌ର ପଶ୍ଚିମରୁ ଦକ୍ଷିଣ–ପୂର୍ବଆଡକୁ ତୋଫାନ୍ ମାଡିଆସିବ। ଡେଙ୍ଗଙ୍କ ଦୂରଦୃଷ୍ଟିବିହୀନ କାର୍ଯ୍ୟକଳାପ ପାଇଁ ଚାଇନାବାସୀ – ଏପରିକି ବିଶ୍ୱବାସୀଙ୍କୁ ମୂଲ୍ୟ ଦେବାକୁ ପଡୁଛି।

ଚାଇନାର ବନ୍ୟାରେ ହଜାରହଜାର ଜନଜୀବନ–ଧନସଂପତ୍ତି ଛାରଖାର ହୋଇଯାଉଛି। କେବଳ ଚୀନ୍ ନୁହେଁ, ବିଭିନ୍ନ ଦେଶରେ ପ୍ରଳୟଙ୍କାରୀ ବନ୍ୟାର ପ୍ରକୋପ ଦେଖାଦେଉଛି। ଚାଇନାର 'ନୀଳସାଗର' ସେ ଦେଶପାଇଁ ଆଗକୁ ବିପଦକୁ ଡାକିଆଣୁଛି। ସଂପ୍ରତି ଜି–ଜିନ୍‌ପିଙ୍ଗ୍ ଯୁଗରେ ବହୁ ଗଣତାନ୍ତ୍ରିକ ଦେଶ ବିମୁଖ। ଚୀନ ୟୁକ୍ରେନ୍ ଯୁଦ୍ଧରେ ରୁଷ ପକ୍ଷରେ ଅଛି। ବର୍ତ୍ତମାନ ସମଗ୍ରବିଶ୍ୱରେ ଚାଇନା ତା'ର ଉତ୍ପାଦିତ ଦ୍ରବ୍ୟକୁ ଶସ୍ତାରେ ବିକ୍ରି କରୁଛି– ଯାହାଫଳରେ ଅନ୍ୟ କେତେକ ଦେଶ ଚୀନ୍ ବିରୁଦ୍ଧରେ ଯାଇପାରୁନାହାଁନ୍ତି କି ନିଜେ ପ୍ରୟୋଜନୀୟ ସାମଗ୍ରୀ ଉତ୍ପାଦନ କରିପାରୁନାହାଁନ୍ତି। ଫଳରେ ଚାଇନା ସାମଗ୍ରୀ ଉପରେ ନିର୍ଭରଶୀଳ। ବ୍ରିଟିଶ୍ ଭଳି ଚୀନ୍ ନେତୃତ୍ୱ ବର୍ତ୍ତମାନ ବିଭେଦନୀତି ଆପଣାଇ ଶାସନ କରୁଛି । ଆମେରିକାକୁ ପଛରେ ପକାଇ ଚୀନ୍ ଆଗେଇଯାଉଛି। ବିଶ୍ୱଜଳବାୟୁ ସଂସ୍ଥାକୁ କିମ୍ବା କୌଣସି ବିଶ୍ୱସଂସ୍ଥାକୁ ଖାତିରିନାହିଁ। ଏହି ଜି–ଜିନ୍‌ପିଙ୍ଗ ବିଶ୍ୱଧ୍ୱଂସର ଜଣେ କାଣ୍ଡାରି ଭାବେ ଇତିହାସରେ ନାଁ ରଖିଦେଇଯିବେ ।

ବିଶ୍ୱଜଳବାୟୁ ପରିବର୍ତ୍ତନ ସଂସ୍ଥାରେ ସବୁଦେଶ ମିଶି ସକାରାତ୍ମକ କାର୍ଯ୍ୟକରିବାକୁ ନିଷ୍ପତ୍ତି ନିଅନ୍ତି। ସେ ନିଷ୍ପତ୍ତିକୁ ଅଧିକାଂଶ ଦେଶ କାର୍ଯ୍ୟକାରୀ କରୁନାହାଁନ୍ତି। ଏହି ସଂସ୍ଥା ପରିଚାଳନା ପାଇଁ ଆମେରିକା ଯେଉଁ ଅର୍ଥ ଦେଇଆସୁଥିଲା – ତା'ର ଅର୍ଥନୈତିକ ସଂକଟ ଯୋଗୁଁ ସେ ଦେଇପାରୁନି। ସିଂହଭାଗ ଅର୍ଥ ନପାଇ ସଂସ୍ଥା ଏକପ୍ରକାର ଅଚଳ ଅବସ୍ଥାରେ ଅଛି। ତା'ହେଲେ ଏ ବିଶ୍ୱ ତିଷ୍ଠିବ କିପରି?

ଏବେ ଭାରତ, ୟୁରୋପୀୟ ଦେଶମାନଙ୍କରେ ଭୀଷଣ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ସାଧାରଣ ଜୀବନଯାତ୍ରା ବ୍ୟାହତ। ପ୍ରବଳ ଗରମ ଓ 'ଲୁ' ପ୍ରବାହ ଯୋଗୁଁ ଅନେକ ଲୋକଙ୍କ ପ୍ରାଣବାୟୁ ଉଡିଯାଉଛି। ଆମେ ଜନ୍ମ ହେଇଛେ ଦିନେନା ଦିନେ ମରିବା। ଆମେ ଅନ୍ୟଦୋଷରୁ ଏବଂ ନିଜଦୋଷରୁ ପୋକମାଛିଭଳି ମରିବା କାହିଁକି?


*ଯାଜପୁର ରୋଡ, ଯାଜପୁର*
*ମୋ : ୯୮୬୧୦୩୪୧୬୩*

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ







# କେଉଁଠି କ'ଣ ଖାଇବେ

ଐତିହାସିକ ଓ ସମାଜବିଦ୍‌ମାନେ କୁହନ୍ତି, ପ୍ରତ୍ୟେକ ସ୍ଥାନର ଖାଦ୍ୟ ଏହାର ପରିବେଶ ଓ ପ୍ରକୃତି ସମ୍ପର୍କରେ ବହୁତ କିଛି କୁହେ । ଯଦି ଆପଣ କୌଣସି ସହରର ଆତ୍ମା ବିଷୟରେ ଜାଣିବା ପାଇଁ ହେଲେ ଏହାର ଖାଦ୍ୟ ବିଶେଷ କରି ରାସ୍ତାକଡ଼ର ଖାଦ୍ୟ ବିଷୟରେ ଜାଣିବା ଉଚିତ୍ । ତେବେ ଭାରତର କେତେକ ସହର ଏହାର ରାସ୍ତାକନର ଖାଦ୍ୟ ବା ଷ୍ଟ୍ରୀଟ୍ ଫୁଡ୍ ପାଇଁ ଖ୍ୟାତ । ଏସବୁ ସହର ପାଇଁ ଖାଦ୍ୟ ସେମାନଙ୍କ ସଂସ୍କୃତି ଓ ପରିଚୟର ଏକ ଅଭିନ୍ନ ଅଙ୍ଗ।





**ମୁମ୍ବାଇ** : ଦେଶର ଆର୍ଥିକ ରାଜଧାନୀ ମୁମ୍ବାଇ ନିଜର ଚମକ ପାଇଁ ଯେତିକି ଖ୍ୟାତ ସେତିକି ଖ୍ୟାତ ନିଜର ସଂସ୍କୃତି ପାଇଁ । ବଲିଉଡର ଗ୍ଲାମର, ଅର୍ଥନୀତିର ପେଣ୍ଠସ୍ଥଳ ହୋଇଥିଲେ ବି ଏହା ନିଜର ପରମ୍ପରାଠାରୁ ଦୂରେଇ ଯାଇନି । ବଡ଼ାପାଓ ଠାରୁ ଆରମ୍ଭ କରି ମସାଲା ଚା' ପର୍ଯ୍ୟନ୍ତ ଷ୍ଟ୍ରୀଟ୍ ଫୁଡ୍ ଏହାର ବିଶେଷ ଆକର୍ଷଣ । ସ୍ଥାନୀୟ ଷ୍ଟ୍ରୀଟ୍ ଫୁଡ୍‌ର ମଜା ନେବାର ବିଶେଷ ସ୍ଥାନଗୁଡ଼ିକ ହେଉଛି ଜୁହୁ ଚୌପଟ୍ଟି ବେଳାଭୂମି କିମ୍ବା ନରିମନ୍ ପଏଣ୍ଟ ।ଜୁହୁ ବେଳାଭୂମିରେ ସମୁଦ୍ରର ଲହଡ଼ିକୁ ଉପଭୋଗ କଲା ବେଳେ କିମ୍ବା ନରିମନ୍ ପଏଣ୍ଟରେ ସୂର୍ଯ୍ୟାସ୍ତର ମଜା ନେବା ବେଳେ ଆପଣ ମୁମ୍ବାଇ ଖାଦ୍ୟର ଅସଲ ମଜା ନେଇପାରିବେ । ଏଠାକୁ ଗଲେ ପାଓଭାଜି, ମସାଲ୍ ପାଓ, ବନ ମସ୍କା, ପାଣି ପୁରି, ଭେଲ୍‌ପୁରୀ ଓ ଚଟା ଭଟୁରା ଆଦିର ସ୍ୱାଦ ଚାଖିବାକୁ ଯେମିତି ନ ଭୁଲନ୍ତି ।

**କୋଲ୍‌କାତା** : ପକେଟ୍ ସହଯୋଗୀ ଷ୍ଟ୍ରୀଟ୍ ଫୁଡ୍ ପାଇଁ କୋଲକାତା ମହାନଗରୀ ଖୁବ୍ ଜଣାଶୁଣା । ସମସ୍ତେ କମ୍ ବଜେଟ୍‌ରେ ସ୍ୱାଦିଷ୍ଟ ଷ୍ଟ୍ରିଟ୍ ଫୁଡ୍‌ର ସ୍ୱାଦ୍ ନେଇପାରିବେ । ଏଠାରେ ଆନନ୍ଦର ସହର ଭାବରେ ଖ୍ୟାତ କୋଲକାତାରେ ନାନାପ୍ରକାର ରୋଲ୍, ଝାଲ୍‌ମୁଢ଼ି, ଚା', ତେଲ୍‌ଭଜା, ଚପ୍, ଘୁଗୁନି ଚାର୍ଟ ଏବଂ ସିଙ୍ଗଡ଼ା ଖୁବ୍ ପ୍ରିୟ ସମସ୍ତଙ୍କର । ଏଠାକୁ ଆସୁଥିବା ଲୋକମାନେ ମଧ୍ୟ ଏହାର ସ୍ୱାଦ ନେବାକୁ ଭୁଲନ୍ତିନି ଆଦୌ। ତେବେ ପାର୍କ ଷ୍ଟ୍ରୀଟ୍ ଏବଂ ନ୍ୟୁ ମାର୍କେଟ୍ ଅଞ୍ଚଳ ହିଁ ଷ୍ଟ୍ରୀଟ୍ ଫୁଡ୍ ପାଇଁ ସବୁଠାରୁ ଶ୍ରେଷ୍ଠ ସ୍ଥାନ ।

**ଲକ୍ଷ୍ନୌ** : ଯଦି ଆପଣ ଏକଦମ୍ ପାରମ୍ପରିକ ସୂକ୍ଷ୍ମତା ଓ ରାଜକୀୟ ଶାଳୀନତା ସହ 'ନବାବୀ' ଖାଦ୍ୟର ସ୍ୱାଦ ଚାଖିବାକୁ ଚାହାନ୍ତି ତେବେ ଆପଣଙ୍କୁ ଉତ୍ତରପ୍ରଦେଶର ରାଜଧାନୀ ଲକ୍ଷ୍ନୌକୁ ଯିବାକୁ ହେବ । ଲକ୍ଷ୍ନୌର ହଜରତ୍‌ଗଞ୍ଜ ଅଞ୍ଚଳରେ ଟୁଣ୍ଡେ କେ କବାବ୍, ଗଲେଔଟି କବାବ୍, କୁର୍ମା, ଶେର୍‌ମାଲ୍ ଆଦି ନବାବୀ ଖାଦ୍ୟର ସ୍ୱାଦ ନେଇପାରିବେ । ଏଥିସହ ଅଓ୍ୱଧ ଶୈଳୀର ପାରମ୍ପରିକ ଖାଦ୍ୟ କୁଲ୍‌ଚା-ନିହାରୀ, ମଲାଇ- ମଖନ୍, ଲସି, କୁଲ୍‌ଫି, କଚୋରି ଚାଟ୍ ସହ ଅନ୍ୟ ସମସାମୟିକ ଷ୍ଟ୍ରୀଟ୍ ଫୁଡ୍ ମଧ୍ୟ ମନଭରି ଉପଭୋଗ କରିପାରିବେ ଏଠାରେ ।

**ଇନ୍ଦୋର** : କେନ୍ଦ୍ର ଭାରତର ଖାଦ୍ୟ ରାଜଧାନୀ ଭାବରେ ଖ୍ୟାତ ଇନ୍ଦୋର । ଏଠାରେ ଖାଦ୍ୟ ଯେତିକି ସ୍ୱାଦିଷ୍ଟ ତା'ଠାରୁ ଅଧିକ ରଙ୍ଗୀନ୍ । କଚୋଡ଼ିରୁ ଟିକି, ପୋହାରୁ ଭୁଟେ ବା କୀସ୍ ଆଦି ଅନେକ ଖାଦ୍ୟ ରାସ୍ତାକଡ଼ରେ ମିଳିଯିବ । ଏହା ଯେପରି ରଙ୍ଗୀନ୍ ଭାବରେ ପ୍ରଦର୍ଶିତ ହୋଇଥାଏ, ଦେଖିବା ଲୋକ ନଖାଇ ସେଠାରୁ ଯିବାକୁ ମନ କରିବେ ନାହିଁ । ରାସ୍ତାକଡ଼ରେ ସଜା ଯାଇଥିବା ଏସବୁ ଖାଦ୍ୟର ଭଣ୍ଡାର ଉତ୍ସବର ପରିବେଶ ସୃଷ୍ଟି କରେ । ଏଠାରେ ଖାଦ୍ୟ ହିଁ ରାଜା ।



**ପାଟଣା** : ଯଦି ଭାବୁଛନ୍ତି ପାଟଣା କେବଳ ଲିଟି ଚୋଖା ପାଇଁ ତା' ହେଲେ ଏହା ଆପଣଙ୍କର ଭୁଲ୍ ଧାରଣା ଦୂରେଇ ଦେବ । ବିହାରର ରାଜଧାନୀ ଅନେକ ସ୍ୱାଦିଷ୍ଟ ଖାଦ୍ୟର ପେଣ୍ଠସ୍ଥଳୀ । ଏହାର ଅନନ୍ୟ ଷ୍ଟ୍ରୀଟ୍ ଫୁଡ୍ ମଧ୍ୟରେ ରହିଛି ଅନାର୍‌ସା, ପୁରୀ-ସବ୍‌ଜି, ଜଲେବି, ଇମର୍ତ୍ତି, ଝାଲ୍‌ମୁଢ଼ି (ବିହାରୀ ଝାଲ୍‌ମୁଢ଼ି), ସମୋସା, କଟ୍‌ଲେଟ୍, ରୋଲ୍, ଛୋଲେ, ସମୋସା ଚାଟ୍, ବିହାରୀ ଗୁପ୍‌ଚୁପ୍, ଘୁଗୁନି, ଖଜା, ଲବଙ୍ଗ ଲତିକା, ବାଲୁସାହି ଏବଂ ମଟନ କବାବ । ଏସବୁ ବିହାରୀ ଖାଦ୍ୟର ସ୍ୱାଦ ଭାରତର ଅନ୍ୟାନ୍ୟ ରାଜ୍ୟର ଖାଦ୍ୟଠାରୁ ଭିନ୍ନ ।

**ହାଇଦ୍ରାବାଦ** : ଏ ସହରରେ ଆପଣ ମୋଗଲାଇ, ତୁର୍କି ଏବଂ ଆନ୍ଧ୍ର ବ୍ୟଞ୍ଜନର ସ୍ୱାଦ ରାସ୍ତାକଡ଼ରୁ ପାଇଯିବେ। ଇରାନୀ ଚା'ଠାରୁ ଆରମ୍ଭ କରି ହାଇଦ୍ରାବାଦୀ ବିରିଆନି ପର୍ଯ୍ୟନ୍ତ ପ୍ରତ୍ୟେକ ବ୍ୟଞ୍ଜନର ସ୍ୱାଦ ଏଠାରେ ନିଆରା । ଏଠାକୁ ଆସିଲେ ବିରିଆନି, ହଲିମ୍, ଫିର୍‌ନି, ଲୁକ୍‌ମି, ନିହାରୀ, ଡବଲ୍‌କା ମିଠା ଏବଂ କିମା ସମୋସା ଆଦି ନେବାକୁ ଯେମିତି ନ ଭୁଲନ୍ତି । ଏସବୁ ଖାଦ୍ୟ ପାଇଁ ହାଇଦ୍ରାବାଦର ଷ୍ଟ୍ରୀଟ୍ ଫୁଡ୍ ବିଶେଷ ଭାବରେ ଖ୍ୟାତ ।



**ଦିଲ୍ଲୀ** : ଦେଶର ରାଜଧାନୀ ଦିଲ୍ଲୀ ଷ୍ଟ୍ରୀଟ୍ ଫୁଡ୍‌ର ମଧ୍ୟ ରାଜଧାନୀ । ପୁରୁଣା ଦିଲ୍ଲୀଠାରୁ ଆରମ୍ଭ କରି ଢାବାଗୁଡ଼ିକ ପର୍ଯ୍ୟନ୍ତ ସବୁଠାରେ ନାନାପ୍ରକାରର ଷ୍ଟ୍ରୀଟ୍ ଫୁଡ୍ ମିଳିଯାଏ । ଏହା ଅନେକ ପ୍ରକାର ସ୍ୱାଦିଷ୍ଟ ସୁବାସର ମିଶ୍ରଣ । ଏହାର ବିଭିନ୍ନ ସ୍ମାରକ ସ୍ଥଳଗୁଡ଼ିକ ଆଖପାଖରେ ଷ୍ଟ୍ରୀଟ୍ ଫୁଡ୍‌ର ସମ୍ଭାର ଦେଖିବାକୁ ମିଳେ । ଏଠାରେ ଦହିଭାଲେ, ଗୋଲଗୋପା, ପାପୁଡ଼ି ଚାଟ୍, ଦୌଲତ ଚାଟ୍ ଆଦି ପୁରୁଣା ଦିଲ୍ଲୀର ପାରମ୍ପରିକ ଖାଦ୍ୟ । ଏହାଛଡ଼ା ଅନ୍ୟାନ୍ୟ ପାରମ୍ପରିକ ଖାଦ୍ୟଗୁଡ଼ିକ ମଧ୍ୟରେ ଛୋଲେ କୁଲ୍‌ଚେ ଏବଂ ଛୋଲେ ଭଟୋରେ । ପେଟପୂରା ଖାଦ୍ୟ ଭାବରେ କଚୋଡ଼ି ଏବଂ ଆଳୁ ତରକାରି ଏଠାରେ ଖୁବ୍ ଖ୍ୟାତ । ଶହ ଶହ ଲୋକଙ୍କ ପାଇଁ ଏହା ପ୍ରାତଃ ଭୋଜନ । ଏସବୁ ପାରମ୍ପରିକ ଖାଦ୍ୟ ବ୍ୟତୀତ ପ୍ରତ୍ୟେକ ଅଞ୍ଚଳରେ ସେ ଅଞ୍ଚଳର ଜନସଂଖ୍ୟା ଅନୁଯାୟୀ ପାରମ୍ପରିକ, ଆଞ୍ଚଳିକ ଷ୍ଟ୍ରିଟ୍ ଫୁଡ୍ ମଧ୍ୟ ମିଳିଯାଏ ।

**ଚେନ୍ନାଇ** :ଯଦି ଆପଣ ଭାବୁଛନ୍ତି ଦେଶର ସବୁ ଅଂଶରେ ଦୋସା ଏବଂ ଇଡ୍‌ଲି ମିଳୁଛି ଏବଂ ଦକ୍ଷିଣ ଭାରତରେ ଏହାର ବିଶେଷତ୍ୱ କ'ଣ ତେବେ ଏହା ଆପଣଙ୍କର ଭୁଲ୍ ଧାରଣା । ପ୍ରକୃତ ଦକ୍ଷିଣ ଭାରତୀୟ ଖାଦ୍ୟର ସ୍ୱାଦ ନେବା ପାଇଁ ଆପଣଙ୍କୁ ତାମିଲନାଡୁର ରାଜଧାନୀ ଚେନ୍ନାଇ ଯିବାକୁ ହେବ । ରାସ୍ତାକଡ଼ର ଦୋସା ଏବଂ ଫିଲ୍‌ଟର କଫିର ମଜା ନେବାକୁ ହେବ । ଏଥିସହ ମୁସ୍‌ମୁସିଆ ମୁରୁକସ୍, ମୋହିଙ୍ଗା ଏବଂ କୋଠୁ ପରଟାର ସ୍ୱାଦ ମଧ୍ୟ ଅନନ୍ୟ ଏଠାରେ ।




**ଶିଲଂ** : ଯଦିଓ ଆପଣ ବର୍ତ୍ତମାନ ଉତ୍ତର-ପୂର୍ବ ଭାରତୀୟ ଖାଦ୍ୟ ଦେଶର ଯେକୌଣସି ସ୍ଥାନରେ ପାଇପାଉଛନ୍ତି ତେବେ ଯଦି ଆପଣ ଅସଲି ଉତ୍ତର-ପୂର୍ବ ଭାରତୀୟ ଖାଦ୍ୟର ମଜା ନେବାକୁ ଚାହାନ୍ତି ତା'ହେଲେ ମେଘାଳୟର ରାଜଧାନୀ ଶିଲଂକୁ ଯାଆନ୍ତୁ । ଶିଲଂ ପୋଲିସ୍ ବଜାର ପାରମ୍ପରିକ ମଙ୍ଗୋଲିୟ ଷ୍ଟ୍ରୀଟ୍ ଫୁଡ୍ ପାଇଁ ଖ୍ୟାତ ।

**ଅମୃତସର** : ଯଦି ଆପଣ ଅସଲି ପଞ୍ଜାବୀ କୁଲ୍‌ଚା ଏବଂ ଲସିର ସ୍ୱାଦ ନେବାକୁ ଚାହାନ୍ତି ତେବେ ଅମୃତସରର ସ୍ୱର୍ଣ୍ଣ ମନ୍ଦିର ଅଞ୍ଚଳ ଏବଂ ୱାଘା ବର୍ଡର ସବୁଠାରୁ ଭଲ ସ୍ଥାନ । ମକାରୁଟି, ସୋରିସ ଶାଗ, ମାଛ ଭଜା ଏବଂ କିମା ନାନ୍ ଏହାର ସବୁଠାରୁ ଲୋକପ୍ରିୟ ଖାଦ୍ୟ ।

**ଅହମ୍ମଦାବାଦ** : ଯଦି ଲକ୍ଷ୍ନୌ ଆମିଷାଶୀମାନଙ୍କ ପାଇଁ ସ୍ୱର୍ଗ ତା'ହେଲେ ଅହମ୍ମଦାବାଦ ନିରାମିଷାସୀଙ୍କ ପାଇଁ ସବୁଠାରୁ ଭଲ ସ୍ଥାନ । ଏଠାରେ ସବୁଠାରୁ ସହଜ ଏବଂ ସୁବିଧାଜନକ ଷ୍ଟ୍ରୀଟ୍ ଫୁଡ୍ ଖାଖ୍ରା, ଫାପ୍‌ଡ଼ା, ଠେପ୍‌ଲା ଏବଂ ବାସୁନ୍ଦି । ସିଜି ରୋଡ୍‌ର ମ୍ୟୁନିସିପାଲ୍ ମାର୍କେଟ୍ ଏସବୁ ଖାଦ୍ୟ ପାଇଁ ବିଶେଷ ଭାବରେ ଖ୍ୟାତ । ତେବେ ଏସବୁ ଖାଦ୍ୟର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏହାକୁ ଅନେକ ଦିନ ପର୍ଯ୍ୟନ୍ତ ସାଇତି ରଖିହୁଏ । ତେଣୁ ଅହମ୍ମଦାବାଦ ଯାଉଥିବା ଅଧିକାଂଶ ପର୍ଯ୍ୟଟକ ଏସବୁ ଖାଦ୍ୟ ନିଜ ସହ ନେଇ ଫେରନ୍ତି ।









---

# ଓଷ୍ଟିଓ ପୋରୋସିସ୍



ଅଷ୍ଟିଓପୋରୋସିସ୍ ଶରୀରରେ ଏପରି ଏକ ସ୍ଥିତି ଯେଉଁଥିରେ ଅସ୍ଥିଗୁଡ଼ିକ ଖୁବ୍ ଦୁର୍ବଳ ହୋଇପଡ଼େ ଏବଂ ସାମାନ୍ୟ ଆଘାତରେ ବି ଭାଙ୍ଗିଯାଏ । ୨୦ରୁ ୩୦ ବର୍ଷ ବୟସ ମଧ୍ୟରେ ଅସ୍ଥି ସବୁଠାରୁ ଅଧିକ ମଜବୁତ ରହେ । ଏହାପରେ ଏହାର ଘନତ୍ୱ କ୍ରମେ କମିଚାଲେ । ବିଶେଷକରି ପୁରୁଷଙ୍କ ତୁଳନାରେ ମହିଳାଙ୍କ ଠାରେ ଏହି ରୋଗ ଅଧିକ ଦେଖାଯାଏ । କାରଣ ରଜୋନିବୃତ୍ତି ବା ମେନୋପଜ୍ ପରେ ମହିଳାଙ୍କ ଶରୀରରେ ଏଷ୍ଟ୍ରୋଜେନ୍ ନାମକ ହରମୋନ୍ କ୍ଷରଣ ବନ୍ଦ ହୋଇଯାଏ ଏବଂ ଏହି ହରମୋନ୍ ଅସ୍ଥି ମଜବୁତ୍ ରଖିବା ଲାଗି ଖୁବ୍ ଆବଶ୍ୟକ।

**ଖା**ଦ୍ୟରେ କ୍ୟାଲ୍‌ସିୟମ୍ ଏବଂ ଭିଟାମିନ୍ ଡି ଅଭାବ, ଠିକ୍ ଭାବେ ସୂର୍ଯ୍ୟକିରଣ ନପାଇବା, ବ୍ୟାୟାମ ନକରିବା, ଧୂମପାନ, ନିଶାସେବନ ଏବଂ ଦୀର୍ଘଦିନ ଧରି ଷ୍ଟେରଏଡ୍ ସେବନ କରିଚାଲିବା ଅଷ୍ଟିଓପୋରୋସିସ୍‌ର ଆଶଙ୍କା ବଢ଼ାଇଦେଇଥାଏ ।

**ଲକ୍ଷଣ** : ଏହାର ସେପରି କିଛି ବିଶେଷ ଲକ୍ଷଣ ଶରୀରରେ ଦେଖାଯାଏ ନାହିଁ । କାରଣ, ହାଡ଼ ଦୁର୍ବଳ ହୋଇପଡୁଥିବା କେହି ଦେଖିପାରିବେ ନାହିଁ । କେବଳ କୌଣସି ସାମାନ୍ୟ ଦୁର୍ଘଟଣା ବା ହାଲ୍‌କା ଆଘାତ ଲାଗିଲେ ଯଦି ହାତ ଭାଙ୍ଗିଯାଏ ତେବେ ଏହା ଜଣାପଡ଼େ । ମେରୁଦଣ୍ଡର ହାଡ଼ କ୍ଷୟ ହୋଇଚାଲିଲେ ଉଚ୍ଚତା କମିଯାଏ । ତଥାପି ୬୦-୭୫ ବର୍ଷ ବୟସର ହୋଇଥିଲେ ଏବଂ ଯଦି ଆପଣଙ୍କୁ ଲାଗୁଥାଏ ଯେ, ଆପଣଙ୍କ ଉଚ୍ଚତା କମିଯାଉଛି ତେବେ ଏହି ରୋଗ ବୋଲି ସନ୍ଦେହ କରିପାରିବେ । ଏହା ବ୍ୟତୀତ ଡେକ୍ସା ଟେଷ୍ଟରୁ ବି ଅଷ୍ଟିଓପୋରୋସିସ୍ ବାବଦରେ ଜଣାପଡ଼େ ।

**ସ୍ୱାସ୍ଥ୍ୟକର ଖାଦ୍ୟ** : ଶୈଶବ ଏବଂ ଯୌବନାବସ୍ଥାରେ ଏପରି ଖାଦ୍ୟ ଖାଇବା ଉଚିତ ଯେଉଁଥିରେ ପର୍ଯ୍ୟାପ୍ତ ପରିମାଣରେ କ୍ୟାଲସିୟମ୍ ରହିଥିବ । କ୍ଷୀର, ଦହି, ଛେନା ଏବଂ ଛେନା ପାଣି, ଚୋକଡ଼ଯୁକ୍ତ ଅଟା, ପାଳଙ୍ଗ, ଫୁଲ ଏବଂ ବନ୍ଧାକୋବି, ସବୁଜ ପତ୍ରଜାତୀୟ ଖାଦ୍ୟ ଇତ୍ୟାଦିରେ ପ୍ରଚୁର କ୍ୟାଲସିୟମ ଥାଏ । ପିଲାଦିନୁ ଅସ୍ଥିରେ କ୍ୟାଲସିୟମ ସଞ୍ଚିତ ହୋଇ ରହିଲେ ବୃଦ୍ଧାବସ୍ଥାକୁ ଅଷ୍ଟିଓପୋରୋସିସ୍‌ର ଆଶଙ୍କା ସେତେ ବା ମୋଟେ ରହିବ ନାହିଁ।

**ଭିଟାମିନ୍ ଡି** : ଶରୀର କ୍ୟାଲସିୟମ୍ ଗ୍ରହଣ କରିବା ଲାଗି ଭିଟାମିନ୍ ଡି ନିହାତି ଜରୁରୀ । ଚର୍ମରେ ସୂର୍ଯ୍ୟକିରଣ ପଡ଼ିଲେ ହିଁ ଭିଟାମିନ୍ ଡି ପ୍ରସ୍ତୁତ ହୋଇଥାଏ । ଏଥିପାଇଁ ସକାଳୁ ଅତି କମ୍‌ରେ ଅଧଘଣ୍ଟା ଖରାରେ ବସିବା ପର୍ଯ୍ୟାପ୍ତ ।

**ବ୍ୟାୟାମ** : ପିଲାମାନେ ଖେଳକୁଦ ତଥା ହାଡ଼ ମଜବୁତ କରୁଥିବା ଅନ୍ୟପ୍ରକାରର ବ୍ୟାୟାମ କରିବା ଉଚିତ । ସେହିପରି ବୟସ୍କମାନେ ଅତି କମ୍‌ରେ ଅବସର ପର୍ଯ୍ୟନ୍ତ ଶାରୀରିକ କ୍ରିୟାଶୀଳ ରହିବା ସହିତ ଓଜନ ଧରି ବ୍ୟାୟାମ କରିବା, ଚଲାବୁଲା, ଦୌଡ଼, ପହଁରା ଏବଂ ସାଇକେଲ ଚଳାନା ପରି ବ୍ୟାୟାମ କଲେ ହାଡ଼ ମଜବୁତ ରହେ ।



**ଖାସ୍ ମହିଳାଙ୍କ ପାଇଁ** : ମହିଳାଙ୍କ କ୍ଷେତ୍ରରେ ସାଧାରଣତଃ ୪୫ ବର୍ଷ ବା ଏହା ପରେ ପରେ ମାସିକ ଋତୁସ୍ରାବ ବନ୍ଦ ହେଉଥିବାରୁ ଉଭୟ ଏଷ୍ଟ୍ରୋଜେନ୍ ଏବଂ ପ୍ରୋଜେଷ୍ଟେରନ୍ ହରମୋନ୍ କ୍ଷରଣ ବନ୍ଦ ହୋଇଯାଏ । ଏହି ସମୟରେ ସେମାନଙ୍କ ମଧ୍ୟରେ ଅନେକ ଶାରୀରିକ ତଥା ମାନସିକ ପରିବର୍ତ୍ତନ ବି ଆସିଥାଏ । ଓଜନ ବଢ଼ିବା, ଜନନେନ୍ଦ୍ରିୟରେ ଶୁଷ୍କତା, ପରିସ୍ରାପୋଡ଼ା, ହାତ ଦୁର୍ବଳ ହୋଇଯିବା, ଖୁବ୍ ଝାଳବୋହିବା, ଚିଡ଼୍‌ଚିଡ଼ାପଣ ଇତ୍ୟାଦି ଇତ୍ୟାଦି ।

ମେନୋପଜ୍ ପରେ ନୂଆ ହାଡ଼ ତିଆରି ହେବା ପ୍ରକ୍ରିୟା କମ୍ ହେଉଥିବାରୁ ଅଷ୍ଟିଓପୋରୋସିସ୍ ହେବାର ଆଶଙ୍କା ବଢ଼ିଯାଏ । ବୋନ୍ ମାସ ଡେନ୍‌ସିଟି ପରୀକ୍ଷଣରୁ ଏ ବାବଦରେ ଜଣାପଡ଼େ । ପୁଣି ୩୦ ବର୍ଷ ପରେ ଶରୀରରେ କ୍ୟାଲସିୟମର ସଞ୍ଚିତ ଭଣ୍ଡାର କମ୍ ହୋଇଆସେ । ତେଣୁ ଶରୀରରେ କ୍ୟାଲସିୟମ୍ ମାତ୍ରା ସନ୍ତୁଳିତ ରଖିବା ପାଇଁ ଖାଦ୍ୟରେ ଉଚିତ ମାତ୍ରାରେ କ୍ୟାଲ୍‌ସିୟମ ନେବା ଜରୁରୀ ।

**ହାଡ଼ ମଜବୁତ କରିବାକୁ** : ଡାକ୍ତର କିମ୍ବା ଡ଼ାଏଟ୍‌ସିଆନ୍‌ଙ୍କ ପରାମର୍ଶକ୍ରମେ ଖାଦ୍ୟ ତାଲିକା ପ୍ରସ୍ତୁତ କରି ବ୍ୟବହାର କରନ୍ତୁ । କେଉଁ କେଉଁ ଖାଦ୍ୟରେ କ୍ୟାଲ୍‌ସିୟମ ପର୍ଯ୍ୟାପ୍ତ ରହିଛି ତାହା ଜାଣିବା ଜରୁରୀ । ଡାକ୍ତରଙ୍କ ପରାମର୍ଶରେ କ୍ୟାଲ୍‌ସିୟମ ସପ୍ଲିମେଣ୍ଟସ୍ ବି ନେଇପାରନ୍ତି । ଦୁଗ୍ଧ ତଥା ଦୁଗ୍ଧଜାତ ଖାଦ୍ୟରେ କ୍ୟାଲ୍‌ସିୟମ ଥିବାରୁ ଏହାକୁ ପର୍ଯ୍ୟାପ୍ତ ପରିମାଣରେ ଖାଇପାରିବେ। ନିୟମିତ ବ୍ୟାୟାମ କରିବା ସହିତ ଶାରୀରିକ ଗତିବିଧି ଯେମିତି ଲିଫ୍ଟ ବଦଳରେ ସିଡ଼ିରେ ଯିବା ଆଦି ନିଶ୍ଚୟ କରିବେ । କ୍ୟାଲସିୟମ୍ ତଥା ଭିଟାମିନ ଡିଯୁକ୍ତ ହେଲ୍‌ଥ ଡ୍ରିଙ୍କ ପିଇବା ଭଲ ।ଏହା ବ୍ୟତୀତ ମେନୋପଜ୍ ହେବା ପୂର୍ବରୁ ଖାସ୍ କରି ୩୦ ବର୍ଷ ପରେ ମହିଳାମାନଙ୍କୁ ପ୍ରଚୁର ମାତ୍ରାରେ କ୍ୟାଲ୍‌ସିୟମ ଏବଂ ଅନ୍ୟ ପୋଷକ ତତ୍ତ୍ୱ ଯୁକ୍ତ ଖାଦ୍ୟ ଗ୍ରହଣ କରିବା ଦରକାର । ଖାଦ୍ୟରେ କାର୍ବୋନେଟେଡ୍ ଡ୍ରିଙ୍କସ୍, କଫି, ଚା'ଆଦି ଅଧିକ ହେଲେ ହାଡ଼ରେ କ୍ୟାଲସିୟମ୍ ପରିମାଣ କମି ଆସେ । ତେଣୁ ଏଥିପ୍ରତି ଦୃଷ୍ଟି ଦିଅନ୍ତୁ ।





---

# କ୍ୟାନ୍‌ସର ରହିତ ଟ୍ୟୁମରର ଆଧୁନିକ ଉପଚାର

**ଫା**ଇବ୍ରଏଡ୍ ଗର୍ଭାଶୟରେ ଉତ୍ପନ୍ନ ହେଉଥିବା କ୍ୟାନସର ରହିତ ଟ୍ୟୁମରକୁ ବୁଝାଇଥାଏ । ଏହି ପ୍ରକାରର ଟ୍ୟୁମର ମଧ୍ୟରୁ ୯୯ ପ୍ରତିଶତ ଟ୍ୟୁମର ନନ୍ କ୍ୟାନସର ଟ୍ୟୁମର ଭାବରେ ପରିଚିତ । ବର୍ତ୍ତମାନ ସମୟରେ ଫାଇବ୍ରଏଡ୍ ମହିଳା ମାନଙ୍କ ଠାରେ ଏକ ସାଧାରଣ ସ୍ୱାସ୍ଥ୍ୟ ସମସ୍ୟା ଭାବରେ ପରିଗଣିତ ହେଲାଣି । ତେଣୁ 'ଲାପ୍ରୋସ୍କୋପିକ ୟୁଟେରାଇନ୍ ଆର୍ଟେରୀ ଲାଇଗେସନ' ନାମକ ଆଧୁନିକ ଚିକିତ୍ସା ପଦ୍ଧତି ଦ୍ୱାରା ସୁବିଧାଜନକ ହେଉଛି । ଏହି ପ୍ରକାରର ଚିକିତ୍ସା ପଦ୍ଧତିରେ ରୋଗୀ ଶରୀରକୁ କଟାକଟି ନକରି ଲାପ୍ରୋସ୍କୋପିକ୍ ସର୍ଜରୀ ଦ୍ୱାରା ପେଟରେ ଏକ ଛୋଟ ଛିଦ୍ର କରାଯାଇ ଟ୍ୟୁମରକୁ ଅପରେସନ କରାଯାଇଥାଏ । ଏହା ଦ୍ୱାରା ରୋଗୀକୁ ବେଶି କଷ୍ଟ ମଧ୍ୟ ହୋଇନଥାଏ । ସାଧାରଣ ଅପରେସନ ଭଳି ରୋଗୀକୁ ବେଶୀ ଦିନ ଡାକ୍ତରଖାନାରେ ରହିବାକୁ ମଧ୍ୟ ପଡ଼ିନଥାଏ । ଅପରେସନର ଦିନେ ଦୁଇଦିନ ମଧ୍ୟରେ ରୋଗୀ ଘରକୁ ଫେରିଆସିଥାଏ ।



ଫାଇବ୍ରଏଡ୍ ହେବା କାରଣରୁ ମହିଳା ମାନଙ୍କୁ ନିମ୍ନ ଲିଖିତ ସ୍ୱାସ୍ଥ୍ୟ ସମସ୍ୟାଗୁଡ଼ିକୁ ସାମ୍ନା କରିବାକୁ ପଡ଼ିଥାଏ, ଯେପରି ଫାଇବ୍ରଏଡ୍ ଯୋଗୁଁ ବନ୍ଧ୍ୟାପଣ ଏବଂ ଗର୍ଭଧାରଣରେ ସମସ୍ୟା ସୃଷ୍ଟି ହୋଇଥାଏ । ମାସିକ ଋତୁସ୍ରାବ ସମୟରେ ଅଧିକ ରକ୍ତସ୍ରାବ ହୋଇଥାଏ । ପେଟରେ ଦରଜ ହୋଇଥାଏ । ବାରମ୍ବାର ପରିସ୍ରା ଲାଗିଥାଏ । କେତେକଙ୍କ କ୍ଷେତ୍ରରେ କୋଷ୍ଠକାଠିନ୍ୟ ମଧ୍ୟ ଦେଖାଦେଇଥାଏ ।

**ଆଧୁନିକ ବିଧି** : ପୂର୍ବରୁ ଫାଇବ୍ରଏଡ୍ ଦୂର କରିବା ପାଇଁ ପୀଡ଼ିତା ମହିଳାଙ୍କର କେବଳ ଓପନ ସର୍ଜରୀ କରାଯାଉଥିଲା । ବର୍ତ୍ତମାନ ସମୟରେ ଯେଉଁଠାରେ ଏଲୟୁଏଲ୍ ଟେକ୍‌ନିକ୍ ଉପଲବ୍ଧ ନୁହେଁ ସେଠାରେ ମଧ୍ୟ ପାରମ୍ପରିକ ଓପନ ସର୍ଜରୀ କରାଯାଉଛି । ଏବେ ଚିକିତ୍ସା ବିଜ୍ଞାନର ଉନ୍ନତି ହେତୁ କୌଣସି ପ୍ରକାରର ଫାଇବ୍ରଏଡ୍‌କୁ ଲାପ୍ରୋସ୍କୋପି କିମ୍ବା ହିଷ୍ଟେରୋସ୍କୋପି ସାହାଯ୍ୟ ଅପରେସନ କରି ବାହାର କରାଯାଇପାରୁଛି । ଯଦି ଅଭିଜ୍ଞ ସର୍ଜନଙ୍କ ଦ୍ୱାରା ନୂତନ ପଦ୍ଧତିରେ ଅପରେସନ କରାଯାଏ ତେବେ ଗର୍ଭବତୀ ମହିଳାଙ୍କୁ ମଧ୍ୟ ସୁରକ୍ଷିତ ଭାବରେ ଆରୋଗ୍ୟ କରାଯାଇପାରେ । କିନ୍ତୁ ମନେ ରଖିବା ଉଚିତ ଯେ, ଫାଇବ୍ରଏଡ୍ ସମସ୍ୟା ବାରମ୍ବାର ଉତ୍ପନ୍ନ ହେବାର ଅନେକ ସମ୍ଭାବନା ଥାଏ, ଏପରିକି ସର୍ଜରୀର ଅଳ୍ପ କିଛି ବର୍ଷ ପରେ ମଧ୍ୟ ଫାଇବ୍ରାଇଡ଼ ସମସ୍ୟା ପୁଣି ଥରେ ଦେଖା ଯିବାର ସମ୍ଭାବନା ରହିଥାଏ । କିନ୍ତୁ ଡରିବାର କିଛି ନାହିଁ, ଏହି ସମସ୍ୟାର ସମାଧାନ ଏବେ ବାହାରିଲାଣି ଏଲୟୁଏଲ ଚିକିତ୍ସା ପଦ୍ଧତି ଦ୍ୱାରା ଏହି ସମସ୍ୟାକୁ ଦୂର କରାଯିବାର ସମାଧାନ ଏବେ ଉପଲବ୍ଧ ହେଲାଣି।




**ଏଥି ଜନିତ ଲାଭ** : ଏଲୟୁଏଲ୍ ଟେକ୍‌ନିକ୍‌କୁ ଲାପ୍ରୋସ୍କୋପିକ୍ ଆଧାରରେ ପ୍ରୟୋଗ କରାଯାଇଥାଏ । ଏହି ପଦ୍ଧତିରେ ୟୁଟେରାଇନ ଆର୍ଟେରୀକୁ ତା'ର ଆରମ୍ଭ ସ୍ଥଳରୁ କ୍ଲିପ୍ କରାଯାଇଥାଏ । ଏହି ଟେକ୍‌ନିକ୍‌ରେ ବହୁତ କମ ରକ୍ତ ନଷ୍ଟ ହୋଇଥାଏ । ପୀଡ଼ିତା ମହିଳାଙ୍କୁ ରକ୍ତ ଦେବା ଆବଶ୍ୟକ ପଡ଼ିନଥାଏ ଏବଂ ଅପରେସନ ପରେ ପୀଡ଼ିତା ମହିଳା ବିଶେଷ କଷ୍ଟ ଅନୁଭବ କରିନଥାନ୍ତି । ଏହି ଅପରେସନ ପାଇଁ ପୀଡ଼ିତାଙ୍କୁ ମାତ୍ର ଗୋଟିଏ ଦିନ ଡାକ୍ତରଖାନାରେ ରହିବାକୁ ପଡ଼ିଥାଏ ଏବଂ ଖୁବ୍ କମ୍ ସମୟରେ ସେ ନିଜର ସାଧାରଣ ଜୀବନଚର୍ଯ୍ୟାକୁ ପ୍ରତ୍ୟାବର୍ତ୍ତନ କରନ୍ତି । ଏହି ପ୍ରକାରର ଅପରେସନରେ ଶତକଡ଼ା ୮୦ ଭାଗ ମହିଳାଙ୍କ କ୍ଷେତ୍ରରେ ପୁନର୍ବାର ଫାଇବ୍ରଏଡ୍ ହେବାର ସମ୍ଭାବନାକୁ ରୋକିବାରେ ସମର୍ଥ ହୋଇଥାଏ । ଭବିଷ୍ୟତରେ ଗର୍ଭଧାରଣ ଜନିତ କୌଣସି ପ୍ରକାରର ଅସୁବିଧାକୁ ଦୃଷ୍ଟିରେ ରଖି ଏହା ଅପରେସନ କରାଯାଇଥାଏ । ତେଣୁ ଏହି ଅପରେସନ ଯୋଗୁଁ ଭବିଷ୍ୟତରେ ଗର୍ଭଧାରଣ ଜନିତ କୌଣସି ସମସ୍ୟା ଦେଖାଯାଇନଥାଏ ଏବଂ ମହିଳା ଯେବେ ଚାହିଁବେ ସେତେବେଳେ ଗର୍ଭଧାରଣ କରିପାରିବେ ।

***ଡାକ୍ତର ଦେବୀଦତ୍ତ ମହାନ୍ତି***

## ସମସ୍ତ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କଲେ ଜିଲ୍ଲାପାଳ

**କେନ୍ଦ୍ରାପଡ଼ା,୨।୧ ଏକ୍ସପ୍ରେସ୍ ନ୍ୟୁଜ୍**

ନୂଆଁ ବର୍ଷ ଅବସରରେ ପୂର୍ବାହ୍ନ ୧୧ଟାରେ ଜିଲ୍ଲାପାଳ ରଘୁରାମ ଆର ଆୟର ସ୍ଥାନୀୟ ସମ୍ମିଳନୀ କକ୍ଷଠାରେ ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ବିଭିନ୍ନ ବିଭାଗର ଆଗାମୀ କାର୍ଯ୍ୟାପନ୍ଥା ସମ୍ପର୍କରେ ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ। ଅଧିକାରୀମାନେ ନିଜ ନିଜ ବିଭାଗର ପ୍ରସ୍ତାବିତ କାର୍ଯ୍ୟ ଯେପରିକି ଅଡ଼ିଟରିୟମ ନିର୍ମାଣ, ଅତିଥି ଭବନ, ଇଣ୍ଡୋର ହଲ, ସୁଇମିଂ ପୁଲ୍ ନିର୍ମାଣ, ଶୀତଳ ଭଣ୍ଡାର, ନୂତନ ରାସ୍ତା ନିର୍ମାଣ ସହିତ ଅନ୍ୟ ବିଭାଗର ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ବିଭାଗ ବିଭାଗ ମଧ୍ୟରେ ଉତ୍ତମ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ଜିଲ୍ଲାପାଳ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ପ୍ରତ୍ୟେକ ବିଭାଗର ସଫଳତା ହିଁ ଜିଲ୍ଲାର ସଫଳତା ବୋଲି ଜିଲ୍ଲାପାଳ କହିଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିଥି ଜିଲ୍ଲାପାଳ (ସାଧାରଣ) ନବକ୍ରିଷ୍ଣ ଜେନା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକ, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ସମେତ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ବିଡ଼ିଓ, ତହସିଲଦାରମାନେ ଉପସ୍ଥିତ ଥିଲେ।

## ବରିଷ୍ଠ ନାଗରିକ ମଞ୍ଚର ବନ୍ଧୁ ମିଳନ



**ଖଣ୍ଡଗିରି,୨।୧ ଏକ୍ସପ୍ରେସ୍ ନ୍ୟୁଜ୍**

କଳିଙ୍ଗ ନଗର ବରିଷ୍ଠ ନାଗରିକ ମଞ୍ଚ ଦ୍ୱାରା ନୂଆ ବର୍ଷରେ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଦୀପ ପ୍ରଜ୍ୱଳନ ଦ୍ୱାରା ସଭାପତି ବୃନ୍ଦାବନ ବସ୍ତିଆ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ପରେ ସମ୍ପାଦକ ସାଂସ୍କୃତିକ ବିଚିତ୍ରାର ସୂଚନା ଦେବା ସଂଗେ ସଂଗେ ନୂତନ ସଦସ୍ୟମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଗୋବର୍ଦ୍ଧନ ହାତୀ ବେଦ ପାଠ କରିବା ପରେ ନିହାରିକା ମିଶ୍ର ଓ ମହାଲକ୍ଷ୍ମୀ ସରାଫ ସଂଗୀତ ପରିବେଷଣ କରିଥିଲେ। ଟିଭି କଳାକାର ନମିତା ଦାଶ ଓ ଅଭି ଅର୍ଜୁନ ପ୍ରଧାନ ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଯାଦୁଗର ପ୍ରସନ୍ନ କୁମାର ସାହୁ ଓ ସହଯୋଗୀ ଦେବାଙ୍ଗସି ଯାଦୁ ପ୍ରଦଶନ ଦ୍ୱାରା ସମସ୍ତଙ୍କୁ ସମ୍ମୋହିତ କରିଥିଲେ। ସହ ସମ୍ପାଦକ ଚନ୍ଦ୍ରକାନ୍ତ ଦାସ ମହାପାତ୍ର ପରିଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଗିରିଜା ପ୍ରସାଦ ମହାପାତ୍ର, ପ୍ରମୋଦ କୁମାର ଶତପଥି, ବିରଂଚି ନାରାୟଣ ଧଳ, ବିଜୟ ନାୟକ, ଭୀମସେନ ମୂଳିଆ, ଆର୍ତ୍ତତ୍ରାଣ ବସ୍ତିଆ, ନିରଞ୍ଜନ ସାହୁ, ଉମେଶ ଚନ୍ଦ୍ର ସାହୁ, ପ୍ରଫୁଲ୍ଲ ସାହୁ, ଗଦାଧର ଦାସ, ପ୍ରଶାନ୍ତ ଲେଙ୍କାଙ୍କ ସମେତ ଉନ୍ନୟନ ପରିଷଦ, କୁଶଳେଶ୍ୱର ମନ୍ଦିର କମିଟି ଓ ଅପୂର୍ବ ମହିଳା ସଂଗଠନର ସଦସ୍ୟମାନେ ସହଯୋଗ କରିଥିଲେ।

## ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ

**ରାଜନଗର,୨।୧ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ଡାଙ୍ଗମାଳ ସ୍ଥିତ ପିଏମଶ୍ରୀ ନାଗା ନାରାୟଣ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଉଦଯାପିତ ହୋଇଯାଇଛି। ପୁରାତନ ଛାତ୍ର ସଂସଦ ସଭାପତି ସନାତନ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଦ୍ୱିତୀୟ ଦିନ ପ୍ରାତଃ ଅଧିବେଶନରେ ଆୟୋଜିତ ଗୁରୁ ପୂଜନ ବନ୍ଧୁ ମିଳନ ଉତ୍ସବରେ ମୁଖ୍ୟଅତିଥି ଭାବରେ ପୂର୍ବତନ ବିଧାୟକ ଅଲେଖ ଚନ୍ଦ୍ର ଜେନା ମୁଖ୍ୟବକ୍ତା ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ବାରିକ ଓଡ଼ିଆ ଅଧ୍ୟାପକ ରବିନାରାୟଣ ପତି ଛାତ୍ର ସଂସଦ ସମ୍ପାଦକ ଲଳିତ କୁମାର ବେହେରା ଏବଂ ଅଧ୍ୟକ୍ଷ ମାନସ ମିଶ୍ର ପ୍ରମୁଖ ଯୋଗଦେଇ ଗୁରୁଶିଷ୍ୟ ସମ୍ପର୍କ ଅତୁଟ ରହିବ ବୋଲି ମତବ୍ୟକ୍ତ କରି ଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଶିକ୍ଷା କର୍ମଚାରୀଙ୍କ ସମେତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଗୁରୁ ପୂଜନ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଅପରାହ୍ନ ଅଧିବେଶନରେ ମୁଖ୍ୟଅତିଥି ଭାବେ ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ, ମୁଖ୍ୟବକ୍ତା ଭାବେ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପୁରୀର ଅବସରପ୍ରାପ୍ତ କୁଳପତି ପ୍ରଫେସର ହରିହର ହୋତା ଯୋଗଦାନ କରି ଛାତ୍ରଛାତ୍ରୀମାନଙ୍କର ଆଦର୍ଶ ଦେଶ ଗଠନ ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଉଦଯାପନୀ ଦିବସରେ ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡା ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟରିଆ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ବନ୍ୟପ୍ରାଣୀ ବିଶେଷଜ୍ଞ ଡଃ ସୁଧାକର କର, ସହକାରୀ ବନ ସଂରକ୍ଷକ ମାନସ ଦାସ ଯୋଗଦେଇ ପୁରାତନ ଛାତ୍ରଛାତ୍ରୀମାନଙ୍କର ବିଦ୍ୟାଳୟ ଗଠନ ଓ ଉନ୍ନତିରେ ମତ ବ୍ୟକ୍ତ କରି ଥିଲେ। ଏହି ଅବସରରେ ବିଦ୍ୟାଳୟ ପ୍ରତିଷ୍ଠାରେ ପ୍ରମୁଖ ଭୂମିକା ନିର୍ବାହ କରିଥିବା ବ୍ୟକ୍ତି ବିଶେଷ ଏବଂ ବିଦ୍ୟାଳୟ ଶୁଭେଚ୍ଛୁମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜ୍ୟ ଓ ଜିଲ୍ଲାସ୍ତରୀୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ସନ୍ଧ୍ୟା ସମୟରେ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହା ସହିତ ଏକ ରକ୍ତ ଦାନ ଶିବିରି ଅନୁଷ୍ଠିତ ହୋଇଥିଲା।

## କୁଶଳେଶ୍ୱର ମନ୍ଦିରରେ ଭାଗବତ ସପ୍ତାହ



**ଭୁବନେଶ୍ୱର,୨।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଉପକଣ୍ଠ କଳିଙ୍ଗନଗର (କେ୮) କୁଶଳେଶ୍ୱର ମନ୍ଦିରର ପ୍ରତିଷ୍ଠା ଦିବସ ଓ ସପ୍ତାହ ବ୍ୟାପି ଭାଗବତ ସପ୍ତାହ ଭବ୍ୟ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଡିସେମ୍ବର ମାସ ୨୫ରୁ ୩୧ ପର୍ଯ୍ୟନ୍ତ ଭାଗବତ ପାଠ କରାଯିବା ସହିତ ଆଧ୍ୟାତ୍ମିକ ପ୍ରବଚନ ଓ ଆଲୋଚନା ଅନୁଷ୍ଠିତ ହୋଇଥିଲା। ବିଧାୟକ ବାବୁ ସିଂହ, ସାଂସଦ ଅପରାଜିତା ଷଡଙ୍ଗୀ, ପୂର୍ବତନ ବିଧାୟକ ଅଶୋକ ପଣ୍ଡା ଏହି ଉତ୍ସବରେ ଅତିଥି ଭାବେ ଯୋଗ ଦେଇଥିଲେ। ସ୍ୱନାମଧନ୍ୟ ଯୁବ ପ୍ରବଚକ ତଥା ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାରକ ଆମ ଜଗନ୍ନାଥ ଅନୁଷ୍ଠାନ ସଭାପତି ଡ଼.ଭୁବନାନନ୍ଦ ଅଧିକାରୀ ଓ ବିଶିଷ୍ଟ ବିଦ୍ୱାନ କଥାବାଚକ ଲିଙ୍ଗରାଜ ଚଇନି ଆୟୋଜିତ ସନ୍ଧ୍ୟା ଗୁଡ଼ିକରେ ପ୍ରବକ୍ତା ଭାବେ ଯୋଗଦେଇ ଭାଗବତ ଚର୍ଚ୍ଚା ତଥା ଆଧ୍ୟାତ୍ମିକ ପ୍ରବଚନ ଦେଇଥିଲେ। ଏହି ସପ୍ତ ଦିବସ ବ୍ୟାପି କାର୍ଯ୍ୟକ୍ରମର ପ୍ରଥମ ଦିନ ୨୫ ତାରିଖ ଦିନ ସୂର୍ଯ୍ୟପୂଜା, ଭାଗବତ ଗାଦି ପୂଜା ଓ ପାଠ ଆରମ୍ଭ ହୋଇଥିଲା। ୨୬ରୁ ୩୦ ତାରିଖ ପର୍ଯ୍ୟନ୍ତ ଭାଗବତ ପାରାୟଣ, ପ୍ରବଚନ ଓ ପ୍ରସାଦ ସେବନ କାର୍ଯ୍ୟକ୍ରମ ହୋଇଥିଲାବେଳେ ୩୧ ତାରିଖ ଦିନ ବାର୍ଷିକ ଉତ୍ସବ ଆୟୋଜିତ ହୋଇଥିଲା। ମନ୍ଦିର କମିଟି ସଭାପତି କମଳାକାନ୍ତ ପାଣିଗ୍ରାହୀ, ସମ୍ପାଦକ ରବୀନ୍ଦ୍ର କୁମାର ବେଉରିଆ, କୋଷାଧ୍ୟକ୍ଷ ତପନ କୁମାର ସ୍ୱାଇଁଙ୍କ ସମେତ ବିରଞ୍ଚି ଧଳ, ମମତା ଲେଙ୍କା, କବିତା ମହାନ୍ତି, ପ୍ରହ୍ଲାଦ ପଣ୍ଡା, ମଧୁସୂଦନ ସାହୁ, ନୀଳମଣି ରାଉତ, ଶଙ୍କର ଦଳାଇ, ବିନୋଦ ମିଶ୍ର, ଜିତେନ୍ଦ୍ର ଘଡ଼େଇ, ପ୍ରଫେସର ସରୋଜ କୁମାର ମହାନ୍ତି, ଶର୍ମିଳା ପଣ୍ଡା ଓ ପଦ୍ମା ମହାନ୍ତି ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ। ଏହି ଉତ୍ସବର ସଫଳ ଆୟୋଜନ ପାଇଁ ମନ୍ଦିର କମିଟିକୁ କେ ୮ ଆବାସିକ ଉନ୍ନୟନ ପରିଷଦ ଓ ଅପୂର୍ବା ମହିଳା ସମିତି ସହଯୋଗ କରିଥିଲେ। ଏହି ଅବସରରେ କେ ୮ ଅଞ୍ଚଳ ସମେତ ଅନେକ ସ୍ଥାନରୁ ଶତାଧିକ ଭକ୍ତ ଓ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ।

## ଓଡ଼ିଆ ଏକ ପ୍ରାଚୀନ ଓ ଗରୀମାମୟ ଭାଷା



### ଉତ୍କଳ ଉନ୍ନୟନ ନ୍ୟାସୀ ମଣ୍ଡଳର ବାର୍ଷିକ ଅଧିବେଶନ

**ଭୁବନେଶ୍ୱର,୨।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଓଡ଼ିଆ ଏକ ପ୍ରାଚୀନ ଓ ଗରୀମାମୟ ଭାଷା, ଏହାର ସୁରକ୍ଷା ଓ ଅଭିବୃଦ୍ଧି ମୁଖ୍ୟତ ଯୁବପିଢ଼ି ଉପରେ ନିର୍ଭର କରେ ବୋଲି ପୂର୍ଣ୍ଣାଙ୍ଗ ଉତ୍କଳ ଉନ୍ନୟନ ନ୍ୟାସୀ ମଣ୍ଡଳର ବାର୍ଷିକ ଅଧିବେଶନରେ ମତ ପ୍ରକାଶ ପାଇଛି। ନ୍ୟାସୀ ମଣ୍ଡଳର ସଭାପତି ସୀତା ବଲ୍ଲଭ ମହାପାତ୍ରଙ୍କ ପୌରୋହିତରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପଦ୍ମଶ୍ରୀ ଡାକ୍ତର ଅଶୋକ କୁମାର ମହାପାତ୍ର, ସମ୍ମାନିତ ଅତିଥି ଭାବେ ପୂର୍ବତନ କୁଳପତି କୁମରବର ଦାସ, ବକ୍ତା ଭାବେ ଅନନ୍ୟ ଜଗନ୍ନାଥ ସଂସ୍ଥାନର ପ୍ରତିଷ୍ଠାତା ପୀତବାସ ରାଉତରାୟ ଓ ପ୍ରଫେସର ଶରତ ଚନ୍ଦ୍ର ରଥ ଚନ୍ଦ୍ର ରଥ ଯୋଗଦେଇ ବିନା ସରକାରୀ ଅନୁଦାନରେ ପୂର୍ଣ୍ଣାଙ୍ଗ ଉତ୍କଳ ଉନ୍ନୟନ ନ୍ୟାସୀ ମଣ୍ଡଳ ଯେପରି ନିଜସ୍ୱ ସଭ୍ୟମାନଙ୍କ ସହଯୋଗରେ ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଶିକ୍ଷା ପାଇଁ ଚାଟଶାଳୀ ଚଳାଉଛି, ଭାଗବତ ଟୁଙ୍ଗୀ ପ୍ରତିଷ୍ଠା କରୁଛି, ବର୍ଣ୍ଣବୋଧ, ଲକ୍ଷ୍ମୀପୁରାଣ, ସୁଦଶା ବ୍ରତ ଓ ତଅପୋଇ ଓଷା ପୁସ୍ତକ ବଣ୍ଟନ କରୁଛି ସେଥି ନିମନ୍ତେ ସାଧୁବାଦ ଅର୍ପଣ କରିଥିଲେ। ବିଚ୍ଛିନ୍ନାଞ୍ଚଳରେ ଦୀର୍ଘବର୍ଷ ଧରି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରଚାର ଓ ପ୍ରସାର ନିମନ୍ତେ କାର୍ଯ୍ୟ କରିଥିବା ପରିଣତ ବୟସ୍କ ବରିଷ୍ଠ ସାହିତ୍ୟିକ ଏବଂ ଅନୁଷ୍ଠାନର ଅନ୍ୟତମ ପ୍ରତିଷ୍ଠାତା ତଥା ସାଧାରଣ ସମ୍ପାଦକ ପର୍ଶୁରାମ ଦ୍ୱିବେଦୀ ସେଠାର ଓଡ଼ିଆ ଭାଷାଭାଷୀଙ୍କ ଆଥିତେୟତା ଓ ଭାଷାପ୍ରେମ ସମ୍ପର୍କରେ ତାଙ୍କର ପ୍ରତ୍ୟକ୍ଷ ଅନୁଭୂତି ବର୍ଣ୍ଣନା କରିଥିଲେ ଓ ଯୁବକମାନେ ସେ ସବୁ ଅଞ୍ଚଳକୁ ଯାଇ ଭାବର ଆଦାନ ପ୍ରଦାନ କରିବାକୁ ଆହ୍ୱାନ ଦେଇଥିଲେ। ନ୍ୟାସୀ ମଣ୍ଡଳର ଉପ ସଭାପତି ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ନିକଟରେ ତାଙ୍କର ଷଢେଇକଳା ଓ ଖରସୁଆଁ ଗସ୍ତର ଅନୁଭୂତି ତଥା ସେଠାରେ ଓଡ଼ିଆ ଶିକ୍ଷା ବ୍ୟବସ୍ଥାର ଅଧୋଗତି ସମ୍ପର୍କରେ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ମୁଖପତ୍ର 'ମୈତ୍ରୀ - ସମ୍ପର୍କର ସେତୁ' ଓ ଅଲେଖ ନନ୍ଦୀଙ୍କ ରଚିତ ପୁସ୍ତକ 'ନାଗଫେଣୀ', ଅନୁଷ୍ଠାନର ଲୋଗୋ ଓ ସାରଳା କ୍ୟାଲେଣ୍ଡରକୁ ଉନ୍ମୋଚନ କରାଯାଇଥିଲା ଏବଂ ବିଶିଷ୍ଟ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ସମାଜସେବୀ ନିରଞ୍ଜନ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ ରାମ ନାରାୟଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲା ବେଳେ ବିରଜା ପ୍ରସାଦ ଶତପଥୀ ଓ କୈଳାଶ ଚନ୍ଦ୍ର ରଥ ସଭାଟିକୁ ପରିଚାଳନା କରିଥିଲେ। ଏହି ଉପଲକ୍ଷେ ଭଜକୃଷ୍ଣ ମହାନ୍ତି, ଆରତି କର ଓ ଗୋଲକ ନାୟକଙ୍କ ସଂଯୋଜନାରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା।

## କୃପାସାଗର ସାହୁଙ୍କ ଗଳ୍ପ ସଂକଳନ ଶ୍ରୀରାଧା ପାଠକାର୍ପିତ



**ଭୁବନେଶ୍ୱର,୨।୧ ଏକ୍ସପ୍ରେସ୍ ନ୍ୟୁଜ୍**

ବିଶିଷ୍ଟ କଥାକାର ତଥା ଔପନ୍ୟାସିକ ଓ ଭାରତୀୟ ରେଳ ଟ୍ରାଫିକ୍ ସେବାର ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସକ କୃପାସାଗର ସାହୁଙ୍କ ଗଳ୍ପ ସଙ୍କଳନ ଓ କୁସୁମିତା ସାହୁଙ୍କ ଇଂରାଜୀ ଶିଶୁ ଗଳ୍ପ ସଙ୍କଳନ 'ସାଧବ ଷ୍ଟୋରିଜ୍' ଗୁରୁବାର ସନ୍ଧ୍ୟାରେ ସ୍ଥାନୀୟ ବୁଦ୍ଧ ମନ୍ଦିର ପରିସରରେ ପାଠକାର୍ପିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦାନ କରି ମୂର୍ତ୍ତିଦେବୀ ଓ ଶାରଳା ପୁରସ୍କାର ପ୍ରାପ୍ତ କବି ହରପ୍ରସାଦ ଦାସ ଶ୍ରୀରାଧାଙ୍କ ରହସ୍ୟମୟ ଚରିତ୍ରକୁ ବିଶ୍ଳେଷଣ କରି କହିଲେ ଶ୍ରୀରାଧାଙ୍କ ଉପରେ ଗଳ୍ପ ଓ ଉପନ୍ୟାସ ପ୍ରାୟତଃ ଲେଖାଯାଇ ନାହିଁ ସେଥିପାଇଁ କୃପାସାଗର ସାହୁ ଏହି ଦାୟିତ୍ୱ ବହନ କରନ୍ତୁ। ସାଧବ ଗଳ୍ପ ଉପରେ ଆଲୋକପାତ କରି ମଧ୍ୟ କହିଲେ, ଏକଦା ଓଡ଼ିଶାରେ ସାଧବମାନଙ୍କ ପ୍ରଭାବ ଅଧିକ ଥିଲା। ଆଜିଯାଏ ସାଧବମାନଙ୍କ ଉପରେ ମଧ୍ୟ ଉପନ୍ୟାସ ଲେଖାଯାଇନାହିଁ।

ଏହି ଉତ୍ସବରେ ମୁଖ୍ୟବକ୍ତାଭାବେ ପ୍ରାବନ୍ଧିକା ଡ. ବାସନ୍ତୀ ମହାନ୍ତି, ସମ୍ମାନିତ ଅତିଥିଭାବେ ସାହିତ୍ୟିକ ପ୍ରବୀର ପଟ୍ଟନାୟକ ଓ ଅନୁବାଦିକା ମାଳବିକା ପଟେଲ ଯୋଗଦାନ କରି ଶ୍ରୀରାଧା ଓ ସାଧବ ଗଳ୍ପ ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲେଖକ ରାଧାମୋହନ ମହାପାତ୍ର, ପ୍ରାବନ୍ଧିକ ପୀତବାସ ରାଉତରାୟ, ପ୍ରିୟବ୍ରତ ପାତ୍ର, ବରିଷ୍ଠ କବି ନିରାକାର ଦାସ, ଶତଦ୍ରୁର ସମ୍ପାଦକ ଉପେନ୍ଦ୍ର ନାୟକ, ଅନୁବାଦିକା କନକ ମଂଜରୀ ସାହୁ, କବୀ ଜୟନ୍ତୀ ସାହୁ ଯୋଗଦାନ କରିଥିଲେ। କବୀ ଓ ସ୍ତମ୍ଭକାର ଶ୍ରୁତକୀର୍ତ୍ତି ତ୍ରିପାଠୀ ଏହି ଉତ୍ସବକୁ ପରିଚାଳନା ଓ ସଂଯୋଜନା କରିଥିଲେ। କୁସୁମିତା ପବ୍ଲିକେସନ୍ ଦ୍ୱାରା ଏହି ଦୁଇଟି ପୁସ୍ତକ ପ୍ରକାଶିତ ହୋଇଛି। ଲେଖିକା କୁସୁମିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## କୃଷକ ପ୍ରଶିକ୍ଷଣ ଶିବିର

**ମାହାଙ୍ଗା,୨।୧ ଏକ୍ସପ୍ରେସ୍ ନ୍ୟୁଜ୍**

କଟକ ଜିଲ୍ଲା ମାହାଙ୍ଗା ବ୍ଲକ ଅନ୍ତର୍ଗତ ମୂଳବସନ୍ତ ପଞ୍ଚାୟତସ୍ଥିତ ଫୋରଏସ ଫୋରଆର ସିଡ଼ ଫାର୍ମର ପ୍ରତ୍ୟୁସର କମ୍ପାନୀ ପରିସରରେ କୃଷକ ପ୍ରଶିକ୍ଷଣ ଶିବିର ଆଇସିଏଆର ଜାତୀୟ ଧାନ ଗବେଷଣା ଅନୁଷ୍ଠାନ କଟକ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। କୃଷି ବୈଜ୍ଞାନିକ ସୁଶାନ୍ତ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ଅତିଥି ଭାବେ ଡକ୍ଟର ସୁଦୀପ୍ତ ପାଲ, ଡକ୍ଟର ଏଲକେ ବୋଷ, ଡକ୍ଟର ଏସକେ ଦାଶ, ଡକ୍ଟର ଏକେ ଦାଶ, ଡକ୍ଟର ଗୋଲିଭ ପ୍ରଶାନ୍ତି, ଡକ୍ଟର ଅମିତ କୁମାର ଦାଶ, ଫୋରଏସଫୋର ଆର ପ୍ରାକ୍ତନ ପରିଚାଳନା ନିର୍ଦ୍ଦେଶକ କୈଳାସ ବଳବନ୍ତରାୟ, ମାହାଙ୍ଗା କୃଷି ଅଧିକାରୀ ରାଧେଶ୍ୟାମ ଦାସ, ସହକାରୀ ଉଦ୍ୟାନ ଅଧିକାରୀ ଅବିନାଶ ସାହୁ, ସରପଞ୍ଚଙ୍କ ପ୍ରତିନିଧି ପ୍ରଶାନ୍ତ କୁମାର କର ପ୍ରମୁଖ ଯୋଗଦେଇ ଜଳବାୟୁ ପ୍ରତିରୋଧକ ଧାନ ପ୍ରଜାତିର ଗୁଣାତ୍ମକ ବୀଜ ଉତ୍ପାଦନ ମାଧ୍ୟମରେ କୃଷକଙ୍କ କ୍ଷମତା ବୃଦ୍ଧି ଏବଂ ଉପକୂଳ ଲବଣୀୟ ମାଟି ଓ ବନ୍ୟା ପ୍ରବଣ ଅଞ୍ଚଳରେ ଧାନ ଚାଷ କିପରି କରାଯାଇପାରିବ ସେ ଉପରେ ଉପସ୍ଥିତ କୃଷକମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ଫୋର ଏସଫୋରଆର ନିର୍ଦ୍ଦେଶକ ଦୀନବନ୍ଧୁ ନାୟକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଚୈତନ୍ୟ ଚରଣ ପାଣି ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଗଙ୍ଗାଧର ସାହୁ, ହେମନ୍ତ ରାଉତ, କମଳ ଲୋଚନ ମଲ୍ଲ, ଧୀରେନ୍ଦ୍ର ସାହୁ, ସୂର୍ଯ୍ୟ ନାରାୟଣ ଦ୍ୱିବେଦୀ, ଧନେଶ୍ୱର ସ୍ୱାଇଁ, ଜୟଶ୍ରୀ ରାଉତ, ମନୋରଞ୍ଜନ ଦାସ, ଶ୍ୟାମ ସୁନ୍ଦର ଦାସ ପ୍ରମୁଖ ପରିଚାଳନା କରିଥିବା ବେଳେ ମାହାଙ୍ଗା ବ୍ଲକର ବହୁ କୃଷକ ଉପସ୍ଥିତ ରହିଥିଲେ।

## ମଣ୍ଡି ଶୁଭାରମ୍ଭ କଲେ ବିଧାୟକ

**କବିସୂର୍ଯ୍ୟନଗର,୨।୧ ଏକ୍ସପ୍ରେସ୍ ନ୍ୟୁଜ୍**

ସୁନାପଲ୍ଲୀ ପଞ୍ଚାୟତରେ ମାରାଥନ ଉଦଘାଟନ ସାଙ୍ଗକୁ ଧାନ ମଣ୍ଡିର ଶୁଭାରମ୍ଭ କଲେ ବିଧାୟକ।

ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ବ୍ଲକ ସୁନାପଲ୍ଲୀ ପଞ୍ଚାୟତରେ ଶୁକ୍ରବାର ଆସିକା ବିଧାୟକ ସରୋଜ ପାଢ଼ୀଙ୍କ ଦ୍ୱାରା ଗ୍ରାମୀଣ ବଜାର, ଭୋଗ ମଣ୍ଡପ ଉଦଘାଟିତ ହୋଇଯାଇଛି। ସେହିପରି ଚାଷୀଙ୍କ ପାଇଁ ଧାନ ମଣ୍ଡିର ଶୁଭାରମ୍ଭ କଲେ ବିଧାୟକ। ଏହି ଅବସରରେ ଶୁକ୍ରବାର ଆସିକା ବିଧାୟକ ପଞ୍ଚାୟତରେ ପହଞ୍ଚିବା ପରେ ସରପଞ୍ଚଙ୍କ ସହ ଶତାଧିକ ଗ୍ରାମବାସୀ ବିଧାୟକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରି ଉଦଘାଟନସ୍ଥଳକୁ ନେଇଥିଲେ। ପରେ ପରେ କଲ୍ୟାଣ ମଣ୍ଡପ ଠାରେ ପାଇକ ଯମୁନା ସରପଞ୍ଚ ସତ୍ୟବାନ ସାହୁଙ୍କ ସଂଯୋଜନାରେ ସରପଞ୍ଚ ଝୁନୁଲତା ଦାସଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ପଞ୍ଚାୟତରେ କିଭଳି ସରକାରଙ୍କ ବିଭିନ୍ନ ଯୋଜନା ରୂପାୟନ ହୋଇପାରିବ ସେ ନେଇ ଲୋକଙ୍କ ସଚେତନ ଜରୁରୀ ବୋଲି ବିଧାୟକ ମତବ୍ୟକ୍ତ କରିଥିଲେ ଏବଂ ଚାଷୀଙ୍କ ପାଇଁ ଖୋଲା ଯାଇଥିବା ମଣ୍ଡିରେ ଧାନ ବିକ୍ରି କରି ଚାଷୀ କିଭଳି ପ୍ରାପ୍ୟ ପାଇବେ ସେନେଇ ଆଲୋଚନା ହୋଇଥିଲା। ଅନୁଷ୍ଠିତ ସଭାରେ ବିଡ଼ିଓ, ତହସିଲଦାର, ଯୋଗାଣ ଅଧିକାରୀ, ବିପିଏମ, ବିପିସି, ସମିତି ସଭ୍ୟା ଗୀତା ଯାନୀ, ରମେଶ ସ୍ୱାଇଁ ପ୍ରମୁଖ ମଞ୍ଚାସିନ ଥିବା ବେଳେ, ବିଭିନ୍ନ ପଞ୍ଚାୟତରୁ ବହୁ ସରପଞ୍ଚ, ସମିତି ସଭ୍ୟ, ନିର୍ବାଚିତ ପ୍ରତିନିଧି, ଏମବିକେ, ସିଆରପି, ଗ୍ରାମବାସୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ରାଜେଶ ଦାଶ ଓ ତାଙ୍କ ସହଯୋଗୀମାନେ ପରିଚାଳନା କରିଥିଲେ।


**ଭାରତ ସରକାର**
**ପ୍ରତିରକ୍ଷା ମନ୍ତ୍ରଣାଳୟ**
**ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଂଗଠନ (DRDO)**
**ପ୍ରମାଣ ଏବଂ ପରୀକ୍ଷଣ ପ୍ରତିଷ୍ଠାନ**
**ଚାନ୍ଦିପୁର, ବାଲେଶ୍ୱର-୭୫୬୦୨୫, ଓଡ଼ିଶା**

ଇମେଲ- admin.pxe@gov.in

ନଂ.- PXE/CC/1/26/AP/RF ତାରିଖ- ୯ ଡିସେମ୍ବର ୨୦୨୫

**ଜୁନିୟର ରିସର୍ଚ୍ଚ ଫେଲୋ ପଦବୀ ପାଇଁ ଅନଲାଇନ୍ ସାକ୍ଷାତକାର (ଭିଡିଓ କନଫରେନ୍ସିଂ ମାଧ୍ୟମରେ)**

ପରୀକ୍ଷାମୂଳକ ପ୍ରତିଷ୍ଠାନର ପ୍ରମାଣ (ପିଏକ୍ସଇ), ଚାନ୍ଦିପୁର, ବାଲେଶ୍ୱର, ଓଡ଼ିଶା ଜୁନିୟର ରିସର୍ଚ୍ଚ ଫେଲୋ ଭାବରେ ପ୍ରତିରକ୍ଷା ସମ୍ବନ୍ଧୀୟ ଗବେଷଣା କରିବାକୁ ଇଚ୍ଛୁକ ଯୁବ ଏବଂ ମେଧାବୀ ଭାରତୀୟ ନାଗରୀକମାନଙ୍କ ଠାରୁ ଆବେଦନ ଆମନ୍ତ୍ରଣ କରୁଛନ୍ତି। ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଅନୁଷ୍ଠିର ସାକ୍ଷାତକାର ଆଧାରରେ ଚୟନ କରାଯିବ। ନିମ୍ନଲିଖିତ ଯୋଗ୍ୟତା ଥିବା ପ୍ରାର୍ଥୀମାନଙ୍କ ଠାରୁ ଆବେଦନ ପତ୍ର ଆମନ୍ତ୍ରଣ କରାଯାଉଅଛି।

| ଫେଲୋସିପର ବିଷୟ | ଫେଲୋସିପର ସଂଖ୍ୟା | ଅତ୍ୟାବଶ୍ୟକ ଯୋଗ୍ୟତା | ଫେଲୋସିପର ଅବଧି | ବୟସସୀମା |
|---|---|---|---|---|
| ଇଲେକ୍ଟ୍ରୋନିକ୍ସ ଏବଂ କମ୍ୟୁନିକେଶନ ଇଂଜିନିୟରିଂ | ୦୨ | ଗେଟ୍ ଯୋଗ୍ୟତା ସହିତ ଇଲେକ୍ଟ୍ରୋନିକ୍ସ ଏବଂ କମ୍ୟୁନିକେଶନ ଇଂଜିନିୟରିଂ ରେ ପ୍ରଥମ ଡିଭିଜନ ବୃତ୍ତିଗତ ପାଠ୍ୟକ୍ରମ (B.E./B.Tech)ରେ ସ୍ନାତକ ଡିଗ୍ରୀ। ଏବଂ ଗ୍ରାଜୁଏଟ ଏବଂ ପୋଷ୍ଟ ଗ୍ରାଜୁଏଟ୍ ଲେବଲ ରେ ଯୋଗ୍ୟତା ଥିବା ଇଲେକ୍ଟ୍ରୋନିକ୍ସ ଏବଂ କମ୍ୟୁନିକେଶନ ଇଂଜିନିୟରିଂ ରେ ପ୍ରଥମ ଡିଭିଜନ ବୃତ୍ତିଗତ ପାଠ୍ୟକ୍ରମ (M.E./M.Tech)ରେ ପୋଷ୍ଟ ଗ୍ରାଜୁଏଟ୍ ଡିଗ୍ରୀ। | ୦୨ ବର୍ଷ (ନିୟମ ଅନୁସାରେ ଆହୁରି ବଢ଼ିଯାଇ ଏସଆରଏଫ କୁ ଅପଗ୍ରେଡ କରାଯାଇ ପାରିବ।) | ୨୮ ବର୍ଷ (ଓବିସି ନିମନ୍ତେ ୦୩ ବର୍ଷର ବୟସ ଏବଂ ଏସସି/ଏସଟି ପାଇଁ ୦୫ ବର୍ଷର ବୟସ କୋହଳ କରାଯିବ।) |
| ମେକାନିକାଲ ଇଂଜିନିୟରିଂ | ୦୧ | ଗେଟ୍ ଯୋଗ୍ୟତା ସହିତ ମେକାନିକାଲ ଇଂଜିନିୟରିଂ ରେ ପ୍ରଥମ ଡିଭିଜନ ବୃତ୍ତିଗତ ପାଠ୍ୟକ୍ରମ (B.E./B.Tech)ରେ ସ୍ନାତକ ଡିଗ୍ରୀ। ଏବଂ ଗ୍ରାଜୁଏଟ ଏବଂ ପୋଷ୍ଟ ଗ୍ରାଜୁଏଟ୍ ଲେବଲ ରେ ଯୋଗ୍ୟତା ଥିବା ମେକାନିକାଲ ଇଂଜିନିୟରିଂ ରେ ପ୍ରଥମ ଡିଭିଜନ ବୃତ୍ତିଗତ ପାଠ୍ୟକ୍ରମ (M.E./M.Tech)ରେ ପୋଷ୍ଟ ଗ୍ରାଜୁଏଟ୍ ଡିଗ୍ରୀ। | ୦୨ ବର୍ଷ (ନିୟମ ଅନୁସାରେ ଆହୁରି ବଢ଼ିଯାଇ ଏସଆରଏଫ କୁ ଅପଗ୍ରେଡ କରାଯାଇ ପାରିବ।) | ୨୮ ବର୍ଷ (ଓବିସି ନିମନ୍ତେ ୦୩ ବର୍ଷର ବୟସ ଏବଂ ଏସସି/ଏସଟି ପାଇଁ ୦୫ ବର୍ଷର ବୟସ କୋହଳ କରାଯିବ।) |

**ଷ୍ଟାଇପେଣ୍ଡ- ନିୟମ ଅନୁସାରେ ଟ.୩୭,୦୦୦.୦୦ ମାସିକ ସହିତ ଏଚଆରଏ ଏବଂ ମେଡିକାଲ ଫାସିଲିଟି ଦିଆଯିବ।**

__ଆବେଦନ ପ୍ରକ୍ରିୟା:__ ଆବେଦନ ଫର୍ମ ୱେବସାଇଟ୍ ଅର୍ଥାତ୍ www.drdo.gov.in ରୁ ଡାଉନଲୋଡ୍ କରାଯାଇପାରିବ ଏବଂ ଯୋଗ୍ୟ ପ୍ରାର୍ଥୀମାନେ ଅନଲାଇନ୍ ସାକ୍ଷାତକାର ପୂର୍ବରୁ ବିଜ୍ଞାପନରେ ଦିଆଯାଇଥିବା ଫର୍ମାଟ୍ ଅନୁଯାୟୀ ସେମାନଙ୍କର ସଠିକ୍ ଭାବରେ ପୂରଣ କରାଯାଇଥିବା ଆବେଦନପତ୍ର ଇ-ମେଲ୍ ମାଧ୍ୟମରେ ପଠାଇପାରିବେ। **ଇ-ମେଲ୍ (admin.pxe@gov.in)** ମାଧ୍ୟମରେ ଆବେଦନପତ୍ର ଗ୍ରହଣ କରିବାର ଶେଷ ତାରିଖ ହେଉଛି **08.01.2026** । ଯୋଗଦାନ ତାରିଖରେ ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ରର ମୂଳ ଏବଂ ଫଟୋ କପି ସହିତ ସଠିକ୍ ଭାବରେ ପୂରଣ ହୋଇଥିବା ଆବେଦନପତ୍ରର ଏକ କପି ମଧ୍ୟ ଆଣିବା ଉଚିତ। କେବଳ ଇ-ମେଲ୍ ମାଧ୍ୟମରେ ପ୍ରାପ୍ତ ଆବେଦନପତ୍ରଗୁଡ଼ିକୁ ଗ୍ରହଣ କରାଯିବ।

ଉପରୋକ୍ତ ବିଷୟରେ ବୈଧ ଗେଟ୍ ସ୍କୋର ବାଧ୍ୟତାମୂଳକ। **ପ୍ରାର୍ଥୀମାନେ ଆବେଦନ ଫର୍ମରେ ସେମାନଙ୍କର ମୋବାଇଲ୍ ନମ୍ବର ଏବଂ ଇମେଲ୍ ଆଇଡି ସ୍ପଷ୍ଟ ଭାବରେ ଲେଖିବାକୁ ପଡିବ।**
**ସାକ୍ଷାତକାରର ଆପାତକାଳୀନ ତାରିଖ (ଭିଡିଓ କନଫରେନ୍ସିଂ ମାଧ୍ୟମରେ) - ୧୦ ଫେବୃଆରୀ ୨୦୨୬**
**ଯୋଗ୍ୟତାର ଗୁରୁତ୍ୱପୂର୍ଣ୍ଣ ତାରିଖ : ୦୮ ଜାନୁଆରୀ ୨୦୨୬**

ଭିଡିଓ କନଫରେନ୍ସିଂ ମାଧ୍ୟମରେ ସାକ୍ଷାତକାରରେ ଯୋଗଦେବା ପୂର୍ବରୁ, ପ୍ରାର୍ଥୀଙ୍କୁ ଆବେଦନପତ୍ରର ଉପର ଡାହାଣ କୋଣରେ ଲାଗିଥିବା ଏକ ସାମ୍ପ୍ରତିକ ପାସପୋର୍ଟ ଆକାର ଫଟୋଗ୍ରାଫ ଏବଂ ସମସ୍ତ ଡିଗ୍ରୀ/ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର, ମାର୍କ ସିଟ୍ ଇତ୍ୟାଦିର ଯଥାର୍ଥ ଭାବରେ ସ୍ୱ-ପ୍ରମାଣିତ କପି ଇମେଲ୍ ମାଧ୍ୟମରେ ପଠାଇବାକୁ ପଡିବ।

__ସାଧାରଣ ସର୍ତ୍ତାବଳୀ-__

କ) ପ୍ରାର୍ଥୀ ଯୋଗ୍ୟତାର ଗୁରୁତ୍ୱପୂର୍ଣ୍ଣ ତାରିଖରେ ନିର୍ଦ୍ଧାରିତ ବୟସ ସୀମା ମଧ୍ୟରେ ରହିବା ଆବଶ୍ୟକ।
ଖ) SC/ST ପାଇଁ 5 ବର୍ଷ ପର୍ଯ୍ୟନ୍ତ ଏବଂ OBC ପ୍ରାର୍ଥୀଙ୍କ ପାଇଁ 3 ବର୍ଷ ପର୍ଯ୍ୟନ୍ତ ବୟସ ଛାଡ଼ ଅନୁମତି ଦିଆଯାଇଛି। ଯେଉଁମାନେ SC/ST/OBC ବର୍ଗର ଅଟନ୍ତି ସେମାନଙ୍କୁ ଯୋଗଦାନ ସମୟରେ ସକ୍ଷମ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି କରାଯାଇଥିବା ମୂଳ ଜାତି ପ୍ରମାଣପତ୍ର ଦାଖଲ କରିବାକୁ ପଡିବ।
ଗ) ଚୟନ ହେଲେ ଯୋଗଦାନ ସମୟରେ କୌଣସି TA/DA ପ୍ରଦାନ କରାଯିବ ନାହିଁ।
ଘ) ସାଂଗଠନିକ ଆବଶ୍ୟକତା ଅନୁସାରେ ପ୍ରକୃତ ଖାଲି ପଦବୀ ସଂଖ୍ୟା ଭିନ୍ନ ହୋଇପାରେ।
ଙ) ସରକାରୀ ବିଭାଗ/PSU/ସ୍ୱାୟତ୍ତ ସଂସ୍ଥାରେ ବର୍ତ୍ତମାନ ନିଯୁକ୍ତ ପ୍ରାର୍ଥୀମାନଙ୍କୁ ଯୋଗଦାନ ସମୟରେ NOC ଦାଖଲ କରିବାକୁ ପଡିବ।
ଚ) ଯୋଗଦାନ ସମୟରେ ଯାଞ୍ଚ ପାଇଁ ଏହାର ମୂଳ ପ୍ରମାଣପତ୍ର ଦାଖଲ କରିବାକୁ ପଡିବ।
ଛ) ଯୋଗ୍ୟତା ପାଇଁ ସ୍କ୍ରିନିଂ ସମୟରେ ଅସମ୍ପୂର୍ଣ୍ଣ ଆବେଦନପତ୍ରଗୁଡ଼ିକୁ ପ୍ରତ୍ୟାଖ୍ୟାନ କରାଯିବ।
ଜ) କେବଳ PDF ଫର୍ମାଟ୍ ଆବେଦନ ଗ୍ରହଣ କରାଯାଏ।
ଝ ) ଚୟନ ହେଲେ ପ୍ରାର୍ଥୀଙ୍କ ପୂର୍ବପୁରୁଷ ଯୋଗଦାନ ପରେ ଯାଞ୍ଚ କରାଯିବ।
ଞ) ଫେଲୋସିପ୍ ପ୍ରଦାନ ପ୍ରସ୍ତାବ ପ୍ରାର୍ଥୀମାନଙ୍କୁ DRDO ରେ ସାମିଲ ହେବାର କୌଣସି ଅଧିକାର ପ୍ରଦାନ କରେ ନାହିଁ।
ଟ) କୌଣସି ପ୍ରାର୍ଥୀ ଅଧିକାର ଭାବରେ ପ୍ରବେଶ ଦାବି କରିବେ ନାହିଁ। ପ୍ରବେଶ ସମ୍ପୂର୍ଣ୍ଣ ଭାବରେ ପ୍ରତିଷ୍ଠାନର ଚୟନ କମିଟିର ବିଚାର ଉପରେ ହେବ, ଯାହା କୌଣସି କାରଣ ନ ଦର୍ଶାଇ ଯେକୌଣସି ପ୍ରାର୍ଥୀଙ୍କୁ ପ୍ରବେଶ କରିବାକୁ ମନା କରିପାରେ।
ଠ) ପ୍ରତିଷ୍ଠାନର କୌଣସି କାରଣ ନ ଦର୍ଶାଇ ଯେକୌଣସି ସମୟରେ ପ୍ରବେଶ ପ୍ରକ୍ରିୟା/ଚୟନ ବାତିଲ କରିବାର ସମସ୍ତ ଅଧିକାର ରହିଛି।

__ଗୁରୁତ୍ୱପୂର୍ଣ୍ଣ ତାରିଖ-__

**ଇ-ମେଲ୍ ମାଧ୍ୟମରେ ଆବେଦନ ଫର୍ମ ଗ୍ରହଣ କରିବାର ଶେଷ ତାରିଖ: ୦୮.୦୧.୨୦୨୬**
**ଅନଲାଇନ୍ ସାକ୍ଷାତକାରର ଅସ୍ଥାୟୀ ତାରିଖ: ୧୦ ଫେବୃଆରୀ ୨୦୨୬ (୦୯୦୦ ପୂର୍ବାହ୍ନ ରୁ )**

(ଅଙ୍କିତ ଦିୱାନ)
ଉପ ନିର୍ଦ୍ଦେଶକ
ନିର୍ଦ୍ଦେଶକଙ୍କ ତରଫରୁ

**BIO-DATE FORMAT**
**APPLICATION FORM FOR JRF IN PXE, CHANDIPUR**
**Sub of Fellowship_______________/Advt.No____________**

Affix recent passport size photograph

| | | |
|---|---|---|
| 01. | Full Name in block letters | |
| 02. | Father's Name | |
| | Mother's Name | |
| | Spouse Name (if applicable | |
| 03. | Gender (Male/Female/ Third Gender) | |
| | Category (Gen/SC/ST/OBC) | |
| | Date of Birth (DD/MM/YYYY) | |
| | Age (Years/Months) | |
| 04. | Correspondence Address with PIN Code | |
| 05. | Present Address with PIN Code | |
| 06. | Contact details (Mobile No. & Alternate Mobile No.) | |
| 07. | Email ID | |
| | Alternate Email ID | |
| 08. | Educational qualification (form Matric/10th/HSC onwards, self attested copies to be enclosed) | |

| Exam passed | Subjects | Board/University | Month & year of passing | Division/Class/ Grade | Percentage/ CGPA |
|---|---|---|---|---|---|
| | | | | | |
| | | | | | |
| | | | | | |

09. Experience (if any) Note : attach sheets if required period of service job description in brief.

| Name of Post/ Designation | Name of the organisation/Deptt | From | To |
|---|---|---|---|
| | | | |

| 10. Whether qualified UGC/CSIR/NET/GATE examination : YES/NO (if yes, give details (proof to be enclosed | Enrollment/Roll No. | Year | Score | Validity |
|---|---|---|---|---|
| | | | | |

11. Have you ever been debarred for recruitment examination by any Govt. Agency: Yes/No (if yeas give details)

12. Declaration : I hereby declare that, the above furnished particulars are correct to the best of my knowledge and no information is suppressed. If at any time I am found to have conccaled / distorted any information, my fellowship shall be liable to summarily terminated without any prior notice. I am ready, to take up and discharge the duties assigned to me anywhere in India, as and when required.

Place:
Date:
Signature of the candidate

**CBC 10301/11/0142/2526**

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର | ପୃଷ୍ଠା : ୭

● ୩ ଜାନୁଆରୀ ୨୦୨୬ ● ଶନିବାର


## ଷଣ୍ଢକୁ ଖଣ୍ଡିଆ ଖାବରା କରିଦେଲେ ଦୁର୍ବୃତ୍ତ

**ଫୁଲନଖରା:ଏକ୍ସପ୍ରେସ୍ ନ୍ୟୁଜ୍**

ପାହାଳ ଥାନା ଅନ୍ତର୍ଗତ ମନ୍ଦାରିଆପାଟଣା ଗ୍ରାମରେ କିଛି ଅଜଣା ଦୁର୍ବୃତ୍ତମାନଙ୍କ ଦ୍ୱାରା ଏକ ଷଣ୍ଢକୁ ନିର୍ମମ ଭାବେ ଆକ୍ରମଣ କରାଯାଇଥିବା ଘଟଣା ସାମ୍ନାକୁ ଆସିଛି। ଘଟଣାରେ ଷଣ୍ଢଟି ଗୁରୁତର ଭାବେ ଆହତ ହୋଇଥିବା ଜଣାପଡ଼ିଛି। ଗ୍ରାମବାସୀଙ୍କ କହିବାନୁସାରେ, ସନ୍ଧ୍ୟା ସମୟରେ ଦୁର୍ବୃତ୍ତମାନେ ଷଣ୍ଢଟି ଉପରେ ଆକ୍ରମଣ କରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଗ୍ରାମର ଯୁବକ ତଥା ଗୋ ସେବକ ଭାଇମାନେ ଘଟଣା ସ୍ଥଳରେ ପହଞ୍ଚି ଷଣ୍ଢଟିକୁ ରକ୍ତାକ୍ତ ଅବସ୍ଥାରେ ଦେଖି ପ୍ରଶାସନ ଓ ପଶୁଚିକିତ୍ସା ବିଭାଗକୁ ସୂଚନା ଦେଇଥିଲେ। ଘଟଣା ସମ୍ପର୍କରେ ପାହାଳ ଥାନାକୁ ଖବର ଦିଆଯାଇଛି ଓ ପୋଲିସ ମାମଲାର ତଦନ୍ତ ଆରମ୍ଭ କରିଛି। ଦୁର୍ବୃତ୍ତମାନଙ୍କୁ ଶୀଘ୍ର ଚିହ୍ନଟ କରି କଠୋର କାନୁନିକ ପଦକ୍ଷେପ ନିଆଯିବ ବୋଲି ପୋଲିସ କହିଛି। ଏପରି ଅମାନବିକ ଘଟଣା ଗ୍ରାମ ଅଞ୍ଚଳରେ ଘଟୁଥିବାରୁ ସାଧାରଣ ଲୋକମାନଙ୍କ ମଧ୍ୟରେ ଆକ୍ରୋଶ ପ୍ରକାଶ ପାଇଛି।

## ସାମନ୍ତ ମହୋତ୍ସବ ନେଇ ଭୂମିପୂଜା



**ଖଣ୍ଡପଡ଼ା:ଏକ୍ସପ୍ରେସ୍ ନ୍ୟୁଜ୍**

ଗଡଜାତ ଖଣ୍ଡପଡ଼ା ଅଞ୍ଚଳର କଳା, ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ଉଦଜାଗିତ କରିବା ସହ ବିଶ୍ୱ ବିଖ୍ୟାତ ଜ୍ୟୋତିର୍ବିଦ ପଠାଣିସାମନ୍ତଙ୍କ ସୁଦୂର ପ୍ରସାରୀ ପ୍ରତିଭାକୁ ଲୋକଲୋଚନକୁ ଆଣିବାର ମହତ ଲକ୍ଷ୍ୟ ନେଇ ଚଳିତ ବର୍ଷ ଠାରୁ ପ୍ରଥମ କରି ସାମନ୍ତ ମହୋତ୍ସବ ଅନୁଷ୍ଠିତ ହେବ। ଖଣ୍ଡପଡ଼ା ସହରର ବାଇପାସ ରାସ୍ତା ପାର୍ଶ୍ୱସ୍ଥିତ ନୂତନ ମହୋତ୍ସବ ପଡିଆରେ ଚଳିତ ମାସ ଜାନୁଆରୀ ୨୩ ରୁ ୨୫ ତାରିଖ ୩ ଦିନ ଧରି ମହୋତ୍ସବ ଅନୁଷ୍ଠିତ ହେବ। ଏ ପରିପ୍ରେକ୍ଷୀରେ ମହୋତ୍ସବ ପଡିଆ ପରିସରରେ ଶୁକ୍ରବାର ଆୟୋଜିତ ଭୂମିପୂଜନ କାର୍ଯ୍ୟକ୍ରମରେ ମହୋତ୍ସବ କମିଟିର ସଭାପତି ବରିଷ୍ଠ ଆଇନଜୀବି ଗିରିଜା ପ୍ରସାଦ ମିଶ୍ରଙ୍କ ସମେତ ମହୋତ୍ସବ କମିଟିର ଆବାହକ ଯୁବ ସମାଜସେବୀ ବିଧାନ ଚନ୍ଦ୍ର ପ୍ରଧାନ, ଖଣ୍ଡପଡ଼ା ବ୍ଲକ ଅଧ୍ୟକ୍ଷା ଉପମା ବେହେରା, ଏନଏସି ଅଧ୍ୟକ୍ଷା ଆରତୀ ପ୍ରଧାନ, ବିଭିନ୍ନ ସ୍ତରର ଜନ ପ୍ରତିନିଧି ଓ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗ ଦେଇଥିଲେ। ପ୍ରଥମ କରି ଆୟୋଜିତ ହେଉଥିବା ସାମନ୍ତ ମହୋତ୍ସବର ସଫଳତା ନେଇ ମହୋତ୍ସବ କମିଟିର କର୍ମକର୍ତ୍ତାମାନେ ଅଞ୍ଚଳବାସୀଙ୍କ ସକ୍ରୀୟ ସହଯୋଗ କାମନା କରିଛନ୍ତି।

## ରାଷ୍ଟ୍ର ପାଇଁ ମଧ୍ୟସ୍ଥତା ୨.୦

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

ଜାତୀୟ ଆଇନସେବା ପ୍ରାଧୀକରଣ, ମଧ୍ୟସ୍ଥତା ଏବଂ ସମାଧାନ ପ୍ରକଳ୍ପ କମିଟି ଓ ଭାରତର ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ଦେଶବ୍ୟାପୀ ୯୦ଦିନ ବ୍ୟାପୀ ମଧ୍ୟସ୍ଥତା କାର୍ଯ୍ୟକ୍ରମ ପୁନଃ ଆରମ୍ଭ ହୋଇଛି। ଆଜିଠାରୁ ସମସ୍ତ କଟକ ଜିଲ୍ଲା କୋର୍ଟ ତଥା ସମସ୍ତ ତାଲୁକ କୋର୍ଟ ପରିସରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଅଦାଲତରେ ଦୀର୍ଘ ସମୟ ଧରି ଚାଲିଥିବା ମାମଲାଗୁଡ଼ିକୁ ମଧ୍ୟସ୍ଥତା ମାଧ୍ୟମରେ ସହଜ ଏବଂ ଦ୍ରୁତ ସମ୍ମତିମୂଳକ ଭାବେ ସମାଧାନ କରିବା। ଏହା ମାଧ୍ୟମରେ ମକୋଦ୍ଦମାର ସଂଖ୍ୟା କମିବା ସହିତ ସମୟ, ଧନ ଓ ମାନସିକ ଚାପର ହ୍ରାସ ହେବ। ମଧ୍ୟସ୍ଥତା କାର୍ଯ୍ୟକ୍ରମ ମାଧ୍ୟମରେ କୋର୍ଟରେ ବିଚାରଧୀନ ଥିବା ସମସ୍ତ ଘରୋଇ ହିଂସା, ଦୁର୍ଘଟଣାଜନିତ ମକୋଦ୍ଦମା, ଚେକ ବାଉନ୍ସ କେସ, ରଫାଯୋଗ୍ୟ ଫୌଜଦାରୀ, ବାଣିଜ୍ୟିକ ମକୋଦ୍ଦମା, ସେବା ମାମଲା, ସମସ୍ତ ଦେଓ୍ୱାନୀ ମକୋଦ୍ଦମାର ମଧ୍ୟସ୍ଥତା ମାଧ୍ୟମରେ ସମାଧାନ କରାଯିବ। ଆଇନ ଲଢ଼େଇ ପରିବର୍ତ୍ତେ ସମ୍ମତିରେ ସମାଧାନ ପାଇଁ ସାଧାରଣ ଜନତାଙ୍କୁ ଏହି ଅଭିଯାନର ଲାଭ ନେବାକୁ ଆହ୍ୱାନ କରାଯାଇଛି।

## ଲୁଟେରାକୁ ପୁଲିସ ଜିମା ଦେଲେ ଲୋକେ




**ବାଲିଅନ୍ତା:ଏକ୍ସପ୍ରେସ୍ ନ୍ୟୁଜ୍**

ଆଜି ପୂର୍ବାହ୍ନରେ ବାଲିଅନ୍ତା ଥାନା ପୁଲିସ ପ୍ରତାପରୁଦ୍ରପୁର ପଞ୍ଚାୟତ ଅଧୀନ ପାରିବାସୁଦେଇପୁର ଛକରେ ଜଣେ ସିନ୍ଧି ଚୋରକୁ ସ୍ଥାନୀୟ ଲୋକେ କାବୁ କରି ବାଲିଅନ୍ତା ପୁଲିସ ଜିମା ଦେଇଛନ୍ତି। ବାଲିଅନ୍ତା ଥାନା ପୁଲିସ ଲୁଟେରାକୁ ଥାନାରେ ଅଟକ ରଖି ପଚ଼ରାଉଚ଼ରା କରୁଛି। ବାଲିଅନ୍ତା ଥାନା ଅଞ୍ଚଳରେ ସିନ୍ଧି ଚୋରି ବୃଦ୍ଧି ପାଉଛି। ହେଲେ ପୁଲିସ ସିନ୍ଧି ଚୋରକୁ କାବୁ କରିବାରେ ସକ୍ଷମ ହେଉ ନାହିଁ। ଗତ ୨ ଦିନ ତଳେ ବାସୁଦେଇପୁର ଗ୍ରାମର ପ୍ରଦୀପ୍ତ ପଣ୍ଡାଙ୍କ ଭେରାଇଟି ଷ୍ଟୋରରୁ ବିଭିନ୍ନ ମୂଲ୍ୟବାନ ସାମଗ୍ରୀ ଏବଂ କ୍ୟାସ ଡ୍ରରୁ ନଗଦ ୨ ହଜାର ଟଙ୍କା ଲୁଟ ହୋଇଯାଇଥିଲା। ଏସମ୍ପର୍କରେ ସେ ବାଲିଅନ୍ତା ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ପୁଲିସ ସିନ୍ଧି ଚୋରକୁ ଠାବ କରିବାରେ ସକ୍ଷମ ହୋଇନଥିଲା। ସ୍ଥାନୀୟ ଲୋକେ ସିସି କ୍ୟାମେରା ଯାଞ୍ଚ କରି ସିଲୁ ଭୋଇ ନାମକ ଜଣେ ଯୁବକ ଲୁଟ କରୁଥିବା ଜାଣିବାକୁ ପାଇଥିଲେ। ହେଲେ ପୁଲିସ ସିଲୁକୁ କାବୁ କରିବାରେ ବିଫଳ ହୋଇଥିଲା। ସିଲୁ ଆଜି ବଜାରରେ ବୁଲୁଥିବା ବେଳେ ସ୍ଥାନୀୟ ବ୍ୟବସାୟୀ କାବୁ କରି ବାଲିଅନ୍ତା ପୁଲିସକୁ ଫୋନ କରି ଜଣାଇଥିଲେ। ପୁଲିସ ପହଞ୍ଚିବା ପରେ ସିଲୁକୁ ହସ୍ତାନ୍ତର କରିଥିଲେ।

## ୪ରୁ ଖୋର୍ଦ୍ଧା ଗିନି କପ କ୍ରିକେଟ

**ଖୋର୍ଦ୍ଧା:ଏକ୍ସପ୍ରେସ୍ ନ୍ୟୁଜ୍**

ଚଳିତ ମାସ ୪ ତାରିଖରୁ ଖୋର୍ଦ୍ଧା ଗିନିକପି କ୍ରିକେଟ ମ୍ୟାଚ଼ର ତୃତୀୟ ସଂସ୍କରଣ ସ୍ଥାନୀୟ ଖୋର୍ଦ୍ଧା ଷ୍ଟାଡିୟମ ଠାରେ ଅନୁଷ୍ଠିତ ହେବ। ୨୦ ଓଭର ବିଶିଷ୍ଟ ଅନୁଷ୍ଠିତ ହେବାକୁ ଥିବା ମ୍ୟାଚ଼ରେ କଟକ, ଭୁବନେଶ୍ୱର, ବ୍ରହ୍ମପୁର ଏବଂ ଖୋର୍ଦ୍ଧା ଦଳ ଭାଗ ନେଉଛନ୍ତି। ପ୍ରତ୍ୟେକ ମ୍ୟାଚ଼ ସକାଳ ୧୦ଟାରୁ ଆରମ୍ଭ ହେବ। ୪ ତାରିଖରୁ ଆରମ୍ଭ ହୋଇ ୧୧ ତାରିଖରେ ଉଦଯାପିତ ହେବ। ସେହିପରି ପ୍ରଥମ ମ୍ୟାଚ଼ରେ ସୋଲାର କ୍ଲବ କଟକ ସହିତ ଜାଗୃତି କ୍ଲବ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହେବାକୁ ଥିବାବେଳେ ୭ ତାରିଖ ମଙ୍ଗଳ ବାର ପ୍ରଥମ ସେମି ଫାଇନାଲ ଏବଂ ୧୦ ତାରିଖ ରେ ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ଼ ଅନୁଷ୍ଠିତ ହେବ। ୧୧ ତାରିଖରେ ଫାଇନାଲ ମ୍ୟାଚ଼ ଅନୁଷ୍ଠିତ ହେବ ବୋଲି ଆୟୋଜକ ଖୋର୍ଦ୍ଧା କ୍ରିକେଟ ଆସୋସିଏସନ ପକ୍ଷରୁ ସୂଚ଼ନା ଦିଆଯାଇଛି। ସେହିପରି ୧୦ ତାରିଖରେ ଅବସର ପ୍ରାପ୍ତ ବରିଷ୍ଠ ଖେଳାଳିଙ୍କୁ ନେଇ ଏକ ପ୍ରଦର୍ଶନୀ ମ୍ୟାଚ଼ ଅନୁଷ୍ଠିତ ହେବବୋଲି ଆସୋସିଏସନ ପକ୍ଷରୁ ସୌର୍ଯ୍ୟଞ୍ଜନ ମହାନ୍ତି (ଟିଟନ), ଭବାନି ଶଙ୍କର ପଣ୍ଡା (ମୁନା) ମନୋଜ ପ୍ରଧାନ, ଦେବୀ ଶଙ୍କର ପଣ୍ଡା (କୁନା) ସୁରେଶ ଭୂଷଣ ପଟନୟାକ, ତନ୍ମୟ ବୋଷ ପ୍ରମୁଖ ସୂଚ଼ନା ଦେଇଛନ୍ତି।

## ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ରେକର୍ଡ ପଣ୍ୟ ପରିବହନ

**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ର ପ୍ରଥମ ତିନି ତ୍ରୈମାସିକରେ ପଣ୍ୟ ପରିବହନ ଏବଂ ଟ୍ରାଫିକ୍ ପରିଚାଳନାରେ ଉଲ୍ଲେଖନୀୟ ପ୍ରଦର୍ଶନ ରେକର୍ଡ କରିଛି ଯାହା ନିରନ୍ତର ଅଭିବୃଦ୍ଧି, ଅଧିକ ୱାଗନ୍ ବ୍ୟବହାର ଏବଂ ବର୍ଦ୍ଧିତ କାର୍ଯ୍ୟକ୍ଷମତାକୁ ପ୍ରତିଫଳିତ କରୁଅଛି।

୨୦୨୫ ଏପ୍ରିଲରୁ ଡିସେମ୍ବର ସମୟ ମଧ୍ୟରେ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ୧୩୦.୩୬ ନିୟୁତ ଟନ୍ ପଣ୍ୟ ପରିବହନ କରିଛି ଯାହା ପୂର୍ବ ଆର୍ଥିକ ବର୍ଷର ସମାନ ଅବଧିରେ ୧୧୯.୫୬ ନିୟୁତ ଟନ୍ ପଣ୍ୟ ପରିବହନ ତୁଳନାରେ ୯% ବୃଦ୍ଧି କରି ଗତ ବର୍ଷ ତୁଳନାରେ ୧୦.୮୦ ନିୟୁତ ଟନ୍ ଅଧିକ ପଣ୍ୟ ବୋଝେଇ କରିପାରିଛି।

ଏହି ସମୟ ମଧ୍ୟରେ ପୂର୍ବତଟ ରେଳପଥ ସମୁଦାୟ ୨୦୯.୯୭ ନିୟୁତ ଟନ୍ ପଣ୍ୟ ପରିବହନ କରି ପୂର୍ବ ଆର୍ଥିକ ବର୍ଷର ସମାନ ଅବଧି ମଧ୍ୟରେ ପଣ୍ୟ ପରିବହନ ୧୮୮.୬୪ ନିୟୁତ ଟନ୍ ତୁଳନାରେ ୧୧.୩% ପ୍ରଭାବଶାଳୀ ଅଭିବୃଦ୍ଧି ହାସଲ କରିଛି ଯାହା ଅତିରିକ୍ତ ୨୧.୩୩ ନିୟୁତ ଟନ୍ ଅଧିକ ବୋଝେଇ ହାସଲ କରିଛି।

କେବଳ ଡିସେମ୍ବର ୨୦୨୫ରେ, ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ୧୫.୨୩ ନିୟୁତ ଟନ୍ ପଣ୍ୟ ପରିବହନ କରିଥିଲା ଯାହା ଡିସେମ୍ବର ୨୦୨୪ ର ପଣ୍ୟ ପରିବହନ ୧୪.୭୩ ନିୟୁତ ଟନ୍ ବୋଝେଇ ତୁଳନାରେ ୩% ବୃଦ୍ଧି ପାଇଛି। ସେହିପରି, କେବଳ ଡିସେମ୍ବର ମାସରେ ପୂର୍ବ ତଟ ରେଳପଥ ପୂର୍ବ ଆର୍ଥିକ ବର୍ଷ ପଣ୍ୟ ବୋଝେଇ ୨୩.୨୭ ନିୟୁତ ଟନ୍ ତୁଳନାରେ ୨୫.୨୫ ନିୟୁତ ଟନ୍ ପଣ୍ୟ ପରିବହନ କରି ୯% ଅଭିବୃଦ୍ଧି ଆଣିପାରିଛି।

ଏପ୍ରିଲରୁ ଡିସେମ୍ବର ୨୦୨୫ ସମୟ ମଧ୍ୟରେ, ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ପ୍ରତିଦିନ ହାରାହାରି ୭୦୬୮ ୱାଗନ୍ ବ୍ୟବହାର କରିଥିଲା ଯାହା ପୂର୍ବ ଆର୍ଥିକ ବର୍ଷର ସମାନ ସମୟ ମଧ୍ୟରେ ୬୫୯୬ ୱାଗନ୍ ବ୍ୟବହାର ଠାରୁ ୭% ଅଧିକ ଅଟେ। ଏହି ସମୟ ମଧ୍ୟରେ ପୂର୍ବତଟ ରେଳପଥ ପ୍ରତିଦିନ ହାରାହାରି ୧୧,୩୮୯ ୱାଗନ୍ ବ୍ୟବହାର କରିଥିଲା ଯାହା ପୂର୍ବ ଆର୍ଥିକ ବର୍ଷର ସମାନ ସମୟ ମଧ୍ୟରେ ୧୦୪୧୫ ୱାଗନ୍ ବ୍ୟବହାର ଠାରୁ ୯% ଅଭିବୃଦ୍ଧି କରିପାରିଛି।

କେବଳ ଡିସେମ୍ବର ୨୦୨୫ ରେ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ପ୍ରତିଦିନ ହାରାହାରି ୭,୩୩୧ ୱାଗନ୍ ବ୍ୟବହାର ହାସଲ କରି ଡିସେମ୍ବର ୨୦୨୪ ରେ ହାରାହାରି ଦୈନିକ ୭,୦୮୮ ୱାଗନ୍ ବ୍ୟବହାର ତୁଳନାରେ ୩% ବୃଦ୍ଧି ଆଣିପାରିଛି। ଏହି ମାସରେ ପୂର୍ବତଟ ରେଳପଥ ଦୈନିକ ହାରାହାରି ୧୨,୧୧୨ ୱାଗନ୍ ବ୍ୟବହାର କରି ଗତ ଆର୍ଥିକ ବର୍ଷର ସମାନ ସମୟ ମଧ୍ୟରେ ୱାଗନ୍ ବ୍ୟବହାର ୧୧୨୫୦ ତୁଳନାରେ ୮% ଅଭିବୃଦ୍ଧି ପଞ୍ଜିକରଣ କରିଛି।

ଏହି ସମୟ ମଧ୍ୟରେ ପୂର୍ବତଟ ରେଳପଥ ବିଭିନ୍ନ ସାମଗ୍ରୀରେ ଯଥେଷ୍ଟ ପଣ୍ୟ ପରିବହନ ରେକର୍ଡ କରିଛି ଯାହା ମୁଖ୍ୟତଃ ଶିଳ୍ପ ଏବଂ ଅତ୍ୟାବଶ୍ୟକୀୟ ଯୋଗାଣକୁ ସମର୍ଥନ କରିବାରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଉଲ୍ଲେଖ କରିଛି। ପଣ୍ୟ ବୋଝେଇରେ ୧୧୭.୮୩ ନିୟୁତ ଟନ୍ କୋଇଲା, ଷ୍ଟିଲ୍ ପ୍ଲାଣ୍ଟ ପାଇଁ ୭.୮୯ ନିୟୁତ ଟନ୍ କଞ୍ଚାମାଲ, ୧୯.୭୬ ନିୟୁତ ଟନ୍ ଲୁହା ଏବଂ ଇସ୍ପାତ, ୨୭.୫୧ ନିୟୁତ ଟନ୍ ଲୁହା ପଥର, ୦.୭୫ ନିୟୁତ ଟନ୍ ସିମେଣ୍ଟ, ୨.୪୩ ନିୟୁତ ଟନ୍ ଖାଦ୍ୟଶସ୍ୟ, ୭.୨୨ ନିୟୁତ ଟନ୍ ସାର, ୨.୪୩ ନିୟୁତ ଟନ୍ ଖଣିଜ ତୈଳ ଏବଂ ୪.୦୩ ନିୟୁତ ଟନ୍ କଣ୍ଟେନରରେ ପରିବହନ ହେଉଥିବା ସାମଗ୍ରୀ ଅନ୍ତର୍ଭୁକ୍ତ ଅଟେ। ଏହା ବ୍ୟତୀତ, ୨୦.୧୩ ନିୟୁତ ଟନ୍ ଅନ୍ୟାନ୍ୟ ସାମଗ୍ରୀ ବୋଝେଇ କରାଯାଇଥିଲା ଯେଉଁଥିରେ ଇସ୍ପାତ କାରଖାନା ପାଇଁ କଞ୍ଚାମାଲ, ଆଲୁମିନା, ବକ୍ସାଇଟ୍, କଷ୍ଟିକ୍ ସୋଡା, ଜିପସମ୍, କ୍ୱାର୍ଟଜାଇଟ୍, ଫ୍ଲାଏ ଆସ୍, ମାଙ୍ଗାନିଜ୍ ଇତ୍ୟାଦି ଅନ୍ତର୍ଭୁକ୍ତ ଅଟେ ଯାହା ଶିଳ୍ପ ଅଭିବୃଦ୍ଧି ଏବଂ ଜାତୀୟ ଲଜିଷ୍ଟିକ୍ସରେ ପୂର୍ବତଟ ରେଳପଥର ଦୃଢ଼ ଅବଦାନକୁ ରେଖାଙ୍କିତ କରୁଛି।

## ବୁଗୁଡ଼ା ଅଞ୍ଚଳରେ ଶୀତର ପ୍ରଭାବ ଜାରି: ସକାଳ ୯ଟା ପର୍ଯ୍ୟନ୍ତ କୁହୁଡ଼ି

**ବୁଗୁଡ଼ା:ଏକ୍ସପ୍ରେସ୍ ନ୍ୟୁଜ୍**

ଗତ କିଛି ସପ୍ତାହ ହେଲା ପାରଦ ତଳକୁ ଖସୁଥିବାବେଳେ ସୀମାନ୍ତ ବୁଗୁଡା ଅଞ୍ଚଳରେ ଏହାର ପ୍ରଭାବ ଦେଖିବାକୁ ମିଳୁଛି। ଫଳରେ ସହରରେ ଜାଡ଼ର ପ୍ରକୋପ ବଢ଼ୁଥିବା ସହ ସକାଳ ୯ଟା ପର୍ଯ୍ୟନ୍ତ ଘନକୁହୁଡ଼ି ଅନୁଭୂତ ହେଉଥିବା ଫଳରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହେଉଛି। ସଂପ୍ରତି ଦିନସାରା ମେଘୁଆ ପାଗ ସହ ଥଣ୍ଡା ଅନୁଭୂତ ହେଉଥିବା ବେଳେ ରାତିରେ ତାପମାତ୍ରା ୧୨ ଡିଗ୍ରି ତଳକୁ ଖସୁଛି। ଅପରାହ୍ନରୁ ଧିରେ ଧିରେ କୋହଲା ପବନ ହେଉଥିବା ବେଳେ ସନ୍ଧ୍ୟା ପରେ ଶୀତର ପ୍ରକୋପ ବଢ଼ି ଅସହ୍ୟ ଥଣ୍ଡା ହେଉଛି। ଏଥି ସହ ରାତିରେ କୁହୁଡ଼ି ଆଚ୍ଛାଦିତ ହୋଇ ରହୁଛି ଏବଂ ପାହାନ୍ତିଆ ବେଳକୁ ଘନକୁହୁଡ଼ି କାରଣରୁ ଗାଡ଼ି ଦୁର୍ଘଟଣା ଘଟିବାର ସମ୍ଭାବନା ସୃଷ୍ଟି କରୁଛି। ଏଥିପାଇଁ ଲୋକେ ବିଳମ୍ବରେ ଘରୁ ବାହାରୁଛନ୍ତି। ତେବେ ଗାଡ଼ି ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବାକୁ ପରିବହନ ବିଭାଗ ପକ୍ଷରୁ ଲୋକଙ୍କୁ ସଚେତନ କରାଯାଉଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ସ୍ଥାନୀୟ ଲୋକେ ଶୀତର ମଜା ଉଠାଉଛନ୍ତି। ଖେଳପଡ଼ିଆ ଓ ଚାହା ଦୋକାନରେ ଭିଡ଼ ଜମୁଛି। ଶୀତବସ୍ତ୍ର ପିନ୍ଧି ଲୋକେ ଦଳଦଳ ହୋଇ ପ୍ରାତଃଭ୍ରମଣରେ ବାହାରୁଛନ୍ତି। ସେହିପରି ସନ୍ଧ୍ୟା ଓ ସକାଳେ ବିଭିନ୍ନ ସ୍ଥାନରେ ଲୋକେ ଶୀତରୁ ରକ୍ଷା ପାଇବାକୁ ନିଆଁ ଜାଳୁଛନ୍ତି। ଗତ କିଛି ବର୍ଷ ହେଲା ଏଭଳି ଶୀତ ଉଭେଇ ଯାଇଥିଲା। କିନ୍ତୁ ଚଳିତ ବର୍ଷ ଶୀତ ଅନୁଭୂତ ହେଉଥିବା ବେଳେ ଆଗକୁ ବି ଏହାର ପ୍ରକୋପ ବଢ଼ିବ ବୋଲି ପାଣିପାଗ ବିଭାଗ ଆକଳନ କରିଥିବା ଜଣାଯାଇଛି।



## ଲକ୍ଷ୍ମୀସାଗର ମେଳଣ ପଡିଆରେ ବିଶାଳ ସାଇ ଭଜନ ସନ୍ଧ୍ୟା

**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ଗତକାଲି ପ୍ରତିବର୍ଷ ଭଳି କେ-୧ ଏଣ୍ଟରଟେନ୍‌ମେଣ୍ଟ ତରଫରୁ ଅନୁଷ୍ଠାନର ଅଧ୍ୟକ୍ଷ ମାନସ ଚୌଧୁରୀଙ୍କ ଆବାହକତ୍ୱରେ ୧୫ତମ ବିଶାଳ ସାଇ ଭଜନ ସନ୍ଧ୍ୟା ଭୁବନେଶ୍ୱର ଲକ୍ଷ୍ମୀସାଗର ମେଳଣ ପଡିଆରେ ଅନୁଷ୍ଠିତ ହୋଇଥିଲା। ସଂଧ୍ୟା ୫.୧୫ ମିନିଟରେ ସଂଧ୍ୟା ଆରତି ଏବଂ ସନ୍ଧ୍ୟା ୬ ଘଟିକା ସମୟରେ ଭଜନ ଆରମ୍ଭ ହୋଇଥିଲା। ରାତି ୧୦.୩୦ ମିନିଟ୍ ପର୍ଯ୍ୟନ୍ତ ଏହି ଭଜନ କାର୍ଯ୍ୟକ୍ରମ ଚାଲୁରହିଥିଲା। ଯେଉଁଥିରେ ହଜାର ହଜାର ସାଇ ଭକ୍ତ ଅଂଶ ଗ୍ରହଣ କରି ସାଇ ଭଜନ ଶ୍ରବଣରେ ନିଜକୁ ହଜାଇ ଦେଇଥିଲେ ଏବଂ ହଜାର ହଜାର ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟାପକ ବ୍ୟବସ୍ଥା ହୋଇଥିଲା।



ଏହି କାର୍ଯ୍ୟକ୍ରମରେ ପିସିସି ସଭାପତି ଭକ୍ତ ଚରଣ ଦାସ ମୁଖ୍ୟ ଅତିଥି ଭାବରେ ଯୋଗ ଦେବାସହିତ ତାଙ୍କର ସହଧର୍ମିଣୀ ସୁନନ୍ଦା ଦାସ ମଧ୍ୟ ଯୋଗ ଦେଇଥିଲେ। ମେ ଫେୟାର ଗ୍ରୁପର ଡାଇରେକ୍ଟର ପୂଜା ରାୟ ମଧ୍ୟ ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ଯୋଗ ଦେଇଥିଲେ।

ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପିସିସି ସଭାପତି ନିରନ ପଟ୍ଟନାୟକ, ଜୟଦେବ ଜେନା, ପୂର୍ବତନ ବିଧାୟକ ସମୀର ରାଉତରାୟ, ମଧ୍ୟମ ଭୁବନେଶ୍ୱର ବିଧାୟକ ଅନନ୍ତ ନାରାୟଣ ଜେନା, କର୍ପୋରେଟର ଭରତ କୁମାର ଲେଙ୍କା, ମୁ ପରିଡା, ନବଜ୍ୟୋତି ପଟ୍ଟନାୟକ, ବିଶ୍ୱଜିତ ଦାସ, ରଣଜିତ ପାତ୍ର, ୟାସିର ନୱାଜ, ସିଦ୍ଧାର୍ଥ ଦାସ, ଅମୀୟ ପାଣ୍ଡବ, ମିଳନ ପଟ୍ଟନାୟକ, ସଂଜୟ ତ୍ରିପାଠୀ, ମହମ୍ମଦ ପରଭେଜ, ମନୋଜ ବିଶ୍ୱାଳ, ଶିଶିର ରଥ, ଲଳିତେନ୍ଦୁ ଶତପଥି, ବଟକୃଷ୍ଣ ରାଉତରାୟ ପ୍ରମୁଖ ଯୋଗ ଦେଇ ସାଇ ଭଜନ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ।

ଜୱାନ କ୍ଲବର ସଭାପତି ମାନସ ରାଉତ, ଗୋପବନ୍ଧୁ କ୍ଲବ ସଭାପତି ଶରତ ଚନ୍ଦ୍ର ସାହୁ, ଲକ୍ଷ୍ମୀସାଗର ମେଳଣ ସଭାପତି ରମେଶ ଚନ୍ଦ୍ର ନାୟକ ଓ ସମାଜସେବୀ ଶ୍ରୀନିବାସ ରାଉତ, ସମୀର ରାଉତ ଓ ଜ୍ୟୋସ୍ନା ସେନାପତିଙ୍କୁ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ସୁଚାରୁ ରୂପେ ସମ୍ପାଦନ ପାଇଁ ସହଯୋଗ କରିଥିବାରୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଭଜନ ସଂଧ୍ୟା କାର୍ଯ୍ୟକ୍ରମକୁ ଡ. ମିଳନ ପରିଚାଳନ କରିଥିବାବେଳେ ଖ୍ୟାତନାମ କଣ୍ଠଶିଳ୍ପୀ ଗଗନ ବିହାରୀ ହରିଶର୍ମା, ଦିପ୍ତିମୟୀ ଦାସ, ସନତ ପାଣିଗ୍ରାହୀ, ପ୍ରଜ୍ଞା ହୋତା, ପ୍ରଦିପ ପଲାଇ, ମୋନାଲି ମଧୁସ୍ମିତା, ଅଭିରାମ ଖଟୁଆ ଭାଗପୂର୍ଣ୍ଣ ସାଇଭଜନ ଗାନ କରି ଭକ୍ତଙ୍କ ମନଛୁଇଁଥିଲେ। ସାଇ ପୂଜା କାର୍ଯ୍ୟକ୍ରମକୁ ପବିତ୍ର ସାମଲ ଓ ପ୍ରଦୀପ କୁମାର ମହାନ୍ତି ସମ୍ପାଦନ କରିଥିଲେ।

## ପେଟାନାଳର ଉନ୍ନତିକରଣ ପାଇଁ ୨୯କୋଟି ମଞ୍ଜୁର

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

କଟକ ସହରର ସର୍ବପୁରାତନ ନାଳ ଭାବେ ପରିଚିତ ପେଟାନାଳର ଉନ୍ନତିକରଣ ପାଇଁ ରାଜ୍ୟ ଜଳସମ୍ପଦ ବିଭାଗ ପକ୍ଷରୁ ୨୯କୋଟି ୩୬ଲକ୍ଷ ୨୩ ହଜାର ଟଙ୍କାର ଆର୍ଥିକ ଅନୁଦାନ ମଞ୍ଜୁର କରାଯାଇଛି। ଏଥିପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ଆସନ୍ତା ୧୮ ମାସ ମଧ୍ୟରେ କାର୍ଯ୍ୟ ସଂପୂର୍ଣ୍ଣ ହେବ ବୋଲି ଡ୍ରେନେଜ ବିଭାଗର ମୁଖ୍ୟ ଯନ୍ତ୍ରୀ ଅବିନାଶ ରାଉଳ ସୂଚନା ଦେଇଛନ୍ତି। ମିଳିଥିବା ତଥ୍ୟ ଅନୁସାରେ ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ରେ ଏହି ପରିମାଣର ଅର୍ଥ ମିଳିଥିବାରୁ ଫେଜ-୧ର ବଳକା କାର୍ଯ୍ୟ କରାଯିବ। କୃଷକ ବଜାର ପୋଲଠାରୁ ୨.୭ କିଲୋମିଟର ନାଳ ବିଡ଼ାନାସୀ ପୋଲ ପର୍ଯ୍ୟନ୍ତ ସଂପୂର୍ଣ୍ଣ କରାଯିବ। ସୂଚନାଯୋଗ୍ୟ, ସହରର ଉନ୍ନତିକରଣ ପାଇଁ ବାରବାଟୀ କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋଷ ବିଧାନସଭାରେ ଦାବି ଉପସ୍ଥାପନ କରି ପେଟାନାଳର ଉନ୍ନତିକରଣ ଉପରେ ଗୁରୁତ୍ୱ ଦେଇଥିଲେ। ବାରବାଂର ଦାବି ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟ ଫ୍ଲଡ଼ କଣ୍ଟ୍ରୋଲ ବୋର୍ଡ଼କୁ ତଦାରଖ ଓ ତଦନ୍ତ ରିପୋର୍ଟ ମାଗିବା ପରେ ଏଫସିବି ଫେଜ-୧ର ବକେୟା କାର୍ଯ୍ୟ ପାଇଁ ରିପୋର୍ଟ ଦେବା ପରେ ମୁଖ୍ୟମନ୍ତ୍ରୀଙ୍କ ସୁପାରିଶ କ୍ରମେ ଆର୍ଥିକ ଅନୁଦାନ ମଞ୍ଜୁର କରାଯାଇଛି। ଏହି ଅର୍ଥ ବିନିଯୋଗରେ ଆସନ୍ତା ୨୦୨୭ ଜୁନ ମଧ୍ୟରେ କାର୍ଯ୍ୟ ସଂପୂର୍ଣ୍ଣ ହେବ ବୋଲି ନିର୍ବାହୀ ଯନ୍ତ୍ରୀ ସୌରଭ ସାହୁ କହିଛନ୍ତି।

## ଓବିସି ମଞ୍ଚର ଗାଁକୁ ଚାଲ ଅଭିଯାନ



**ବଲାଙ୍ଗୀର:ଏକ୍ସପ୍ରେସ୍ ନ୍ୟୁଜ୍**

ଜିଲ୍ଲା ଓବିସି ମଞ୍ଚର କାର୍ଯ୍ୟକାରୀଣି ବୈଠକ ରାଜ୍ୟ ସଭାପତି ଶଙ୍କର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷା, ଚାକିରି ତଥା ରାଜନୀତିରେ ଓବିସି ବର୍ଗର ଲୋକମାନେ ସମାନୁପାତିକ ସଂରକ୍ଷଣ ପାଉ ନଥିବା, ଉଚ୍ଚନ୍ୟାୟାଳୟ, ସର୍ବୋଚ୍ଚ ନ୍ୟାୟାଳୟରେ ତଥା ସରକାରଙ୍କ ବରିଷ୍ଠ ପଦ ପଦବୀରେ ନିଯୁକ୍ତି କ୍ଷେତ୍ରରେ ଓବିସି ବର୍ଗର ପ୍ରାର୍ଥୀଙ୍କୁ ସଂରକ୍ଷଣ ଦିଆଯାଉନଥିବାରୁ ସମ୍ପାଦକ ପ୍ରଦେଶୀ ବିଶ୍ୱାଲ କ୍ଷୋଭ ପ୍ରକାଶ କରିଥିଲେ। ଓବିସିଙ୍କ ସାମ୍ବିଧାନିକ ସଚେତନତା ପାଇଁ ଜିଲ୍ଲାର ସମସ୍ତ ଗାଁକୁ ଯାଇ ସଚେତନତା ଅଭିଯାନ ‘ଗାଁ କୁ ଚାଲ ‘କରିବା ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଥିଲା। ଏହି କମିଟି ଏକ ଯୌଥ ଏକାଉଣ୍ଟ୍ ସମ୍ପାଦକ ପ୍ରଦେଶୀ ବିଶ୍ୱାଲ ଏବଂ କୋଷାଧ୍ୟକ୍ଷ ମଧୁସୂଦନ ଖେତୀ ସର୍ବସମ୍ମତିକ୍ରମେ କ୍ରମେ କ୍ଷମତା ଅର୍ପଣ କରାଗଲା। ଏହି କମିଟି ପରିବର୍ଦ୍ଧିତ କରି ଅତିରିକ୍ତ ଭାବରେ, ପଞ୍ଚାନନ ସାଙ୍କୁ ଯୁବ ସଂଗଠନ ଦାୟିତ୍ୱ ଦିଆଗଲା। ଏଥିରେ ପ୍ରଦିପ କୁମାର ବେହେରା, ରାମଚନ୍ଦ୍ର ବେହେରା, ଉତ୍ତମ ଖମାରୀ, ମଧୁସୂଦନ ଖେତୀ, ଶୁସାନ୍ତ କଲତା, ଟଙ୍କଧର ଗଡତ୍ୟା, ବ୍ରଜଭୁଷଣ ସାଏ, ନିରଞ୍ଜନ ଡାଙ୍ଗ, ପୁର୍ଣ୍ଣଚନ୍ଦ୍ର ବିଶ୍ୱାଳ, ମଞ୍ଜରୀ ପଟେଲ, ସସ୍ମିତା ମେହେର, ଲକ୍ଷ୍ମୀ ଜୁଏଡ, ସୁବାସୀନି ସାହୁ,ଆନନ୍ଦ ପଧାନ, କିଶୋର ଚନ୍ଦ୍ର ସାଏ, ପ୍ରମୁଖ ଉପସ୍ଥିତ ଥିଲେ। ଓବିସି ମଞ୍ଚ ସଂଯୋଜକ ସରୋଜ କୁମାର ମେଶ୍ରା ସଭାକାର୍ଯ୍ୟ ପରିଚାଳନା କରିଥିଲେ।

## ତ୍ରୟମାସିକ ଯୁଗ୍ମଜନ ଅଭିଯୋଗ ଶୁଣାଣି

**ଜଗତସିଂହପୁର:ଏକ୍ସପ୍ରେସ୍ ନ୍ୟୁଜ୍**

ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଜାନୁୟାରୀ-୨୦୨୬ ଠାରୁ ମାର୍ଚ୍ଚ-୨୦୨୬ ମାସ ପର୍ଯ୍ୟନ୍ତ ଜିଲ୍ଲାର ବିଭିନ୍ନ ବ୍ଲକ୍ କାର୍ଯ୍ୟାଳୟ ଓ ଜିଲ୍ଲା କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହେବ। ଜାନୁୟାରୀ ମାସ ୫ ତାରିଖ ଦିନ ତିରତ୍ତୋଲ ବ୍ଲକ କାର୍ଯ୍ୟାଳୟ, ଜାନୁୟାରୀ ୧୨ ତାରିଖ ଦିନ କୁଜଙ୍ଗ ବ୍ଲକ୍ କାର୍ଯ୍ୟାଳୟ, ଜାନୁୟାରୀ ୧୯ ତାରିଖ ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଜାନୁୟାରୀ ୨୭ ତାରିଖ ଦିନ ବିରିଡ଼ି ବ୍ଲକ୍ କାର୍ଯ୍ୟାଳୟ ଠାରେ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ସେହିପରି ଫେବୃଆରୀ ମାସ ୨ ତାରିଖ ଦିନ ନାଉଗାଁ ବ୍ଲକ୍ କାର୍ଯ୍ୟାଳୟ, ଫେବୃଆରୀ ୯ ତାରିଖ ଦିନ ବାଲିକୁଦା ବ୍ଲକ୍ କାର୍ଯ୍ୟାଳୟ, ଫେବୃଆରୀ ୧୬ ତାରିଖ ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓ ଫେବୃଆରୀ ୨୩ ତାରିଖ ଦିନ ଏରସମା ବ୍ଲକ୍ କାର୍ଯ୍ୟାଳୟ ଠାରେ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ସେହିପରି ମାର୍ଚ୍ଚ ମାସ ୨ ତାରିଖ ଦିନ ରଘୁନାଥପୁର ବ୍ଲକ୍ କାର୍ଯ୍ୟାଳୟ, ମାର୍ଚ୍ଚ ୯ ତାରିଖ ଦିନ ତିର୍ତ୍ତୋଲ ବ୍ଲକ୍ କାର୍ଯ୍ୟାଳୟ, ମାର୍ଚ୍ଚ ୧୬ ତାରିଖ ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ମାର୍ଚ୍ଚ ୨୩ ତାରିଖ ଦିନ କୁଜଙ୍ଗ ବ୍ଲକ୍ କାର୍ଯ୍ୟାଳୟ ଓ ମାର୍ଚ୍ଚ ୩୦ ତାରିଖ ଦିନ ବିରିଡ଼ି ବ୍ଲକ୍ କାର୍ଯ୍ୟାଳୟ ଠାରେ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ଏହିସବୁ ଶିବିରରେ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ, ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲା ପରିଷଦର ମୁଖ୍ୟ ବିକାଶ- ତଥା-ନିର୍ବାହୀ ଅଧିକାରୀ, ଉପ-ଜିଲ୍ଲାପାଳ, ଜିଲ୍ଲାସ୍ତରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କର ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିବେ। ଜିଲ୍ଲାର ଜନସାଧାରଣ ବହୁ ସଂଖ୍ୟାରେ ଯୋଗ ଦେବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଉଛି।

## ଠାକୁର ନିଗମାନନ୍ଦଙ୍କ ବାର୍ଷିକୋତ୍ସବ

**ଚାରିଛକ:ଏକ୍ସପ୍ରେସ୍ ନ୍ୟୁଜ୍**

ଚାରିଛକ ନିକଟସ୍ଥ ବାହାରଣା ନୀଳାଚଳ ସାରସ୍ୱତ ସଂଘର ୪୫ତମ ବାର୍ଷିକ ପୂଜା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ନୀଳାଚଳ ସାରସ୍ୱତ ସଂଘର କୋଷାଦକ୍ଷ ଶରତ ଭାଇ ସଭାପତିତ୍ୱ କରିଥିଲେ। ଆଗାମୀ ନୂତନ ବର୍ଷରେ ବିଶ୍ୱର ମଙ୍ଗଳ କାମନା କରି ଠାକୁର ଶ୍ରୀ ଶ୍ରୀ ନିଗମାନନ୍ଦଙ୍କ ନିକଟରେ ସମୂହ ପାର୍ଥନା କରିଥିଲେ। ପ୍ରତ୍ୟେକ ମଣିଷଙ୍କ ଭିତରେ କିପରି ଆଧାତ୍ମିକ ମନ ଭାବ ବିଚାର ରହିବ ଏହି ଉତ୍ସବର ମୂଳ ଲକ୍ଷ୍ୟ ବୋଲି ଗୁରୁ ଭାଇମାନେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଆବାହକ କମିଟିର ସଭାପତି କୃଷ୍ଣଚନ୍ଦ୍ର ସାବୁତ, ବାହାରଣା ଶାଖାର ସଭାପତି ସୁଶାନ୍ତ କୁମାର ନାୟକ, ସମ୍ପାଦକ ସଞ୍ଜୟ କୁମାର ସ୍ୱାଇଁ ସହ ବିଭିନ୍ନ ଶାଖାରୁ ଶତାଧିକ ଗୁରୁ ଭାଇ ଓ ମାମାନେ ଉପସ୍ଥିତ ରହି ସହଯୋଗ କରିଥିଲେ। ଏହି ୪୫ତମ ବାର୍ଷିକ ପୂଜାଉତ୍ସବରେ ଭଜନ ନାମ କୀର୍ତ୍ତନରେ ଆଶ୍ରମ ମଧ୍ୟରେ ଭାବ ଭକ୍ତି ଭରା ପରିବେଶ ସୃଷ୍ଟି ହୋଇଥିଲା।

## ବ୍ରାଉନସୁଗାର ସହ ଜଣେ ଗିରଫ

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

ବ୍ରାଉନସୁଗାର ବେପାର କରିବା ଅଭିଯୋଗରେ କଟକ ଅବକାରୀ ଫ୍ଲାଇଙ୍ଗ ସ୍କ୍ୱାର୍ଡ଼ ଶୁକ୍ରବାର ଭୁବନେଶ୍ୱର ଭରତପୁର ଅଂଚଳରେ ଚଢ଼ାଉ କରି ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ, ଭୁବନେଶ୍ୱର ଭରତପୁର ଅଂଚଳର ସୁନିଲ ଦାସ (୨୮)। ଅବକାରୀ ପୋଲିସ ଅଭିଯୁକ୍ତଙ୍କ ଠାରୁ ୧୦୭ଗ୍ରାମ ବ୍ରାଉନସୁଗାର ଜବତ କରିଚି। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ପାଖାପାଖି ୧୧ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଏହି ଚଢ଼ାଉରେ ଅବକାରୀ ଇନ୍ସପେକ୍ଟର ଏସକେ ସାକିର, ଏସଆଇ ଅମିତ ବିଶ୍ୱାଳ, ଏଏସଆଇ କର୍ଣ୍ଣଓରାମ ଓ ଏଆର ମଲ୍ଲିକ, କନେଷ୍ଟବଳ ଗୌରାଙ୍ଗ ନାୟକ, ଚନ୍ଦ୍ରକାନ୍ତ ସାହୁ, ପବିତ୍ର ଦାଶ, ପଦ୍ମିନୀ ନାୟକ ଓ ଅନ୍ନପୂର୍ଣ୍ଣା ଗଣ୍ଡ ପ୍ରମୁଖ ସାମିଲ ହୋଇଥିଲେ। ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।


**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCECONIIIBBS 2025062, ତା.24.12.2025ରିଖ

**କାର୍ଯ୍ୟର ନାମ :** ଫିଲ୍ଡ ସର୍ଭେ ଭାବରେ ଯାଞ୍ଚ, ପରିବର୍ତ୍ତନ, ସଂଶୋଧନ ଏବଂ ବ୍ୟକ୍ତିଗତ ଜମି / ସରକାରୀ ଜମି ପାଇଁ ଦାଖଲ ହୋଇଥିବା ଜମି ଅଧିଗ୍ରହଣ ପ୍ରସ୍ତାବର ଚୂଡ଼ାନ୍ତ ପାଇଁ ସହାୟତା ପ୍ରଦାନ କରିବା, ବନ ସଂରକ୍ଷଣ ଆଇନ - 1980 ଅନୁସାରେ ବନ ବିଭାଜନ ପ୍ରସ୍ତାବ ପାଇଁ ଯୋଜନା ପ୍ରସ୍ତୁତ, ଷ୍ଟ୍ରକଚର ଭାଙ୍ଗିବା, ବିଦ୍ୟମାନ ରେଳ ଜମିରେ ଗଛ କାଟିବା ପାଇଁ ଅନୁମତି ପାଇବା, ଗଛ କାଟିବା, ଅନୁପଯୋଗୀ ସ୍ଲିପର ସହିତ ଜମି ସୀମା ପୋଷ୍ଟ ଲଗାଇବା ଏବଂ ଖୋର୍ଦ୍ଧା ରୋଡ଼ - ଇଚ୍ଛାପୁରମ ସେକ୍ସନ ଏବଂ ଷ୍ଟେସନ ପରିସର ମଧ୍ୟରେ ତୃତୀୟ ଲାଇନ ନିର୍ମାଣ ତଥା ପୂର୍ବ ତଟ ରେଳପଥର ଫ୍ଲାଏଓଭର ପ୍ରକଳ୍ପର ନିର୍ମାଣ ସମ୍ବନ୍ଧୀୟ ଅନ୍ୟାନ୍ୟ ସମସ୍ତ କାର୍ଯ୍ୟ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 105.29 ଲକ୍ଷ, EMD : ₹ 2,02,700/-, କାର୍ଯ୍ୟ ଶେଷ ହେବା ଅବଧି : 12 (ବାର) ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.23.01.2026ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ଼ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଚ୍ଚର୍ଟର୍ଡ଼ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଉତ୍ସରୁ 2ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍)ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-213/CI/25-26


## ଖଣି ଏବଂ ଭିତ୍ତିଭୂମି ଅନ୍ତର୍ଜାତୀୟ ଏକ୍ସପୋର ଚତୁର୍ଥ ସଂସ୍କରଣ ଆୟୋଜନ କରିବ ଓଡ଼ିଶା

**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

‘ଭାରତର ଖଣିଜ କେନ୍ଦ୍ର’ ଭାବରେ ପରିଚିତ ଓଡ଼ିଶା, ଜାନୁଆରୀ ୮ରୁ ୧୧ ତାରିଖ, ୨୦୨୬ ପର୍ଯ୍ୟନ୍ତ ଭୁବନେଶ୍ୱରର ବରମୁଣ୍ଡା ଗ୍ରାଉଣ୍ଡରେ ଓଡ଼ିଶା ଖଣି ଏବଂ ଭିତ୍ତିଭୂମି ଆନ୍ତର୍ଜାତୀୟ ଏକ୍ସପୋ ୨୦୨୬ର ଚତୁର୍ଥ ସଂସ୍କରଣ ଆୟୋଜନ କରି ଖଣି ଏବଂ ଶିଳ୍ପ କ୍ଷେତ୍ରରେ ଏହାର ନେତୃତ୍ୱକୁ ବଜାୟ ରଖିବାକୁ ପ୍ରସ୍ତୁତ ହୋଇଯାଇଛି।

ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ବିକାଶିତ ଓଡ଼ିଶା ଦୃଷ୍ଟିକୋଣ ୨୦୩୬ ଏବଂ ୨୦୪୭ ଉନ୍ମୋଚନ ପରେ, ଖଣି ଶିଳ୍ପର ବିକଶିତ ଦୃଷ୍ଟିକୋଣକୁ ବାସ୍ତବରେ ପରିଣତ କରିବା ପାଇଁ ଉପଯୁକ୍ତ ଇକୋ ସିଷ୍ଟମକୁ ପ୍ରୋତ୍ସାହିତ କରିବା ପାଇଁ ଏହି ଆନ୍ତର୍ଜାତୀୟ ଏକ୍ସପୋ ଏକ ସଠିକ୍ ପଦକ୍ଷେପ।

ଆଗାମୀ ଚତୁର୍ଥ ସଂସ୍କରଣ ଓଡ଼ିଶା ମାଇନିଂ ଆଣ୍ଡ ଇନଫ୍ରାଷ୍ଟ୍ରକ୍‌ଚର ଇଣ୍ଟରନ୍ୟାସନାଲ ଏକ୍ସପୋ ୨୦୨୬ ଘୋଷଣା କରି, ଫ୍ୟୁଚରେକ୍ସ ଟ୍ରେଡ୍ ଫେୟାର ଆଣ୍ଡ ଇଭେଣ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍ର ଅଧ୍ୟକ୍ଷ ସ୍ୱାମୀ ପ୍ରେମ ଅନୱେଶୀ କହିଛନ୍ତି, “ଗତ ତିନି ବର୍ଷ ଧରି, ମାଇନିଂ ଆଣ୍ଡ ଇନଫ୍ରାଷ୍ଟକ୍‌ଚର ଇଣ୍ଟରନ୍ୟାସନାଲ ଏକ୍ସପୋ ଭାରତ ଏବଂ ବାହାରେ ଖଣିର ଭବିଷ୍ୟତ ପାଇଁ ଏକ ଶକ୍ତିଶାଳୀ ଉତ୍ପ୍ରେରକ ଭାବରେ ଉଭା ହୋଇଛି।

ନାଲକୋର ପୂର୍ବତନ ଅଧ୍ୟକ୍ଷ ଏବଂ ଏମ୍ ଡି ତଥା ଏକ୍ସପୋ ଆୟୋଜନ କମିଟିର ଅଧ୍ୟକ୍ଷ ତପନ କୁମାର ଚାନ୍ଦ କହିଛନ୍ତି, “ଏହି ଏକ୍ସପୋର ମୁଖ୍ୟ ଲକ୍ଷ୍ୟ ହେଉଛି ସ୍ଥାୟୀ ଖଣି, ଶୂନ୍ୟ ନେଟ୍ ଖଣିକୁ ପ୍ରୋତ୍ସାହିତ କରିବା, ବିଶ୍ୱ ଖଣି କ୍ଷେତ୍ରର ଭବିଷ୍ୟତ ଗଠନ ପାଇଁ କନକ୍ଲେଭ ଏବଂ ସମ୍ମିଳନୀଗୁଡ଼ିକରେ ନୀତି ଆଲୋଚନା ପାଇଁ ଓଡ଼ିଶାକୁ ବିଶ୍ୱ ଖଣି କେନ୍ଦ୍ର ସ୍ତରକୁ ନେଇଯିବା ଏବଂ ବିଶ୍ୱ ସଂଯୋଗ ସ୍ଥାପନ ପାଇଁ ଯୁବ ଉଦ୍ୟୋଗୀ, ଷ୍ଟାର୍ଟଅପ୍ସକୁ ସଶକ୍ତ କରିବା।




ଏହି ଏକ୍ସପୋକୁ ୮ରେ ରାଜ୍ୟପାଳ ଡକ୍ଟର ହରି ବାବୁ କାମଭାମପତିଙ୍କୁ ଉଦଘାଟନ କରିବାକୁ ନିମନ୍ତ୍ରଣ କରାଯାଇଛି। ଏହି ଅବସରରେ ସମ୍ମାନିତ ଅତିଥି ଭାବରେ ଆଇନ, କାର୍ଯ୍ୟ ଏବଂ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ଓଡ଼ିଶା ସରକାରଙ୍କ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା ଉପସ୍ଥିତ ରହିବେ।

୯ ତାରିଖରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ଏକ୍ସପୋ ପରିଦର୍ଶନ କରିବା ସହ ତାଙ୍କ ଉପସ୍ଥିତିରେ ଖଣି କ୍ଷେତ୍ରରେ ସଫଳ ମହିଳାଙ୍କୁ ପୁରସ୍କାର ପ୍ରଦାନ କରାଯିବ। ୧୦ରେ ଇସ୍ପାତ ଏବଂ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ଏବଂ ବିଜେପି ଓଡ଼ିଶା ରାଜ୍ୟ ସଭାପତି ମନମୋହନ ସାମଲ ଏକ୍ସପୋ ପରିଦର୍ଶନ କରିବେ ଏବଂ ରାଜ୍ୟରେ ବୈଷୟିକ ଏବଂ ପରିଚାଳନା ଶିକ୍ଷାର ଉତ୍କର୍ଷତାରେ ଅବଦାନ ରଖିଥିବା ବୃତ୍ତିଗତ ପ୍ରତିଷ୍ଠାନଗୁଡ଼ିକୁ ପୁରସ୍କାର ପ୍ରଦାନ କରିବେ। ୧୧ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବରେ ବିଦାୟ ସମାରୋହରେ ଯୋଗଦେବେ ଏବଂ ଶ୍ରେଷ୍ଠ ସିଇଓ ଏବଂ ସର୍ବଶ୍ରେଷ୍ଠ ଅବଦାନ ପାଇଁ ପୁରସ୍କାର ପ୍ରଦାନ କରିବେ।

ଏହି ଅବସରରେ ଉପସ୍ଥିତ ଥିବା ଫ୍ୟୁଚରେକ୍ସ ବାଣିଜ୍ୟ ମେଳା ଏବଂ ଇଭେଣ୍ଟସ୍ ପ୍ରାଇଭେଟ୍ ଲିମିଟେଡର ନିର୍ଦ୍ଦେଶକ ନମିତ ଗୁପ୍ତା କହିଛନ୍ତି, ଗତ ତିନି ବର୍ଷ ଧରି, ଖଣି ଏବଂ ଭିତ୍ତିଭୂମି ଆନ୍ତର୍ଜାତୀୟ ଏକ୍ସପୋ ଭାରତ ଏବଂ ବାହାରେ ଖଣିର ଭବିଷ୍ୟତ ପାଇଁ ଏକ ଶକ୍ତିଶାଳୀ ଉତ୍ତେଜକ ଭାବରେ ଉଭା ହୋଇଛି।

ଏହି ଅବସରରେ ଲୁମିନସ୍ ଇନଫୋର ପରିଚାଳନା ନିର୍ଦ୍ଦେଶକ ଶ୍ରୀମତୀ ଜୟଶ୍ରୀ ମହାନ୍ତି, ଜ୍ୟୋତିଷ ସୂଚନା, ରୋଟାରୀ କ୍ଲବର ପୂର୍ବତନ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ଯଜ୍ଞାଶିଷ ମହାପାତ୍ର, ଆସ୍ତା ବିଶ୍ୱବିଦ୍ୟାଳୟର ଅଧ୍ୟକ୍ଷ କୃପା ଚୌଧୁରୀ, ଲଘୁ ଉଦ୍ୟୋଗ ଭାରତୀର ଗୋପାଳ ଦାସ ଅଗ୍ରୱାଲ, ୱାଲେଟ୍ ୪ ୱେଲଥର ପରିଚାଳନା ନିର୍ଦ୍ଦେଶକ ତ୍ରିନାଥ ଲେଙ୍କା, ଅବିନାଶ ପଟ୍ଟନାୟକ (ବିଜେପି), ଆୟୋଜକ କମିଟିର ଉପାଧ୍ୟକ୍ଷ, ସୁଦର୍ଶନ ସେଖର ମହାନ୍ତି, ଇକ୍ୟୁପେଜ୍ ଇନଫ୍ରାକୋର ପ୍ରାଇଭେଟ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ, ସଞ୍ଜୀବ ନାୟକ, କେ.ସି.ସି.ଏଲର ପରିଚାଳନା ନିର୍ଦ୍ଦେଶକ ଡକ୍ଟର ଏସଆର ସାମଲ, ଫ୍ୟୁଚରଏକ୍ସର ନିର୍ଦ୍ଦେଶକ ନିଧି ଶର୍ମା, ଫ୍ୟୁଚରଏକ୍ସର ପ୍ରୋଜେକ୍ଟ ନିର୍ଦ୍ଦେଶକ ସୌମୋ ରାୟ ଆଦି ଉପସ୍ଥିତ ଥିଲେ।

ଶେଷ ପୃଷ୍ଠା

# ଓଡ଼ିଶା ଏକ୍ସପ୍ରେସ୍

କେନ୍ଦ୍ରାପଡ଼ା | 3rd January, 2026 Saturday | RNI Regd. No. ODIODI/2009/28880

## ମଦ୍ୟପର ଉପଲବ୍ଧି

### ହେଲ୍ଥ ଟନିକ୍



ଜଣେ ନାମୀ ଅଭିନେତାଙ୍କୁ ଜଣେ ମଦ୍ୟପ କହିଲା- ମୁଁ ଆପଣଙ୍କର ଅନେକ ଅଭିନୟ ଦେଖିଛି। ଆପଣ ଖୁବ୍ ଜୀବନ୍ତ ଅଭିନୟ କରନ୍ତି। ଆଚ୍ଛା କହିଲେ, କେଉଁ ରୋଲ୍ ଆପଣଙ୍କୁ ବେଶୀ କଷ୍ଟ ଲାଗେ ?

ଅଭିନେତା କହିଲେ- ମଦୁଆ ରୋଲ୍ ! ମଦୁଆ ରୋଲ୍ ଭାରି କଷ୍ଟ। ମଦ ନପିଇ ମଦ ପିଇଥିବାର ଅଭିନୟ ସହଜ କଥା ନୁହେଁ।

ମଦ୍ୟପ ଏ ଉତ୍ତରରେ ସନ୍ତୁଷ୍ଟ ନହୋଇ କହିଲା- ଆପଣ ସଂପୂର୍ଣ୍ଣ ଠିକ୍ କହିନାହାନ୍ତି। ମଦ ନପିଇ ମଦୁଆ ରୋଲ୍ କରିବା କିଛିଟା କଷ୍ଟ। କିନ୍ତୁ ନାକଯାଏ ପିଇ ଘରେ ପହଞ୍ଚି ମଦ ପିଇନଥିବାର ଅଭିନୟ କରିବା ତା'ଠୁ କଷ୍ଟ।

# ସରକାରୀ ସ୍କୁଲରେ ମୌଳିକ ସୁବିଧାର ଅଭାବ

**ଭୁବନେଶ୍ୱର,୨।୧ ତଥ୍ୟ**

ରାଜ୍ୟରେ ଥିବା ସରକାରୀ ବିଦ୍ୟାଳୟଗୁଡ଼ିକୁ ଉଭୟ ଅଭିଭାବକ ଓ ଛାତ୍ରଛାତ୍ରୀମାନେ ମୁହଁ ମୋଡୁଥିବାବେଳେ ବିଦ୍ୟାଳୟରେ ମୌଳିକ ସୁବିଧାର ଅଭାବକୁ ଏଥିପାଇଁ କେତେକାଂଶରେ ଦାୟୀ କରାଯାଉଛି । ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ଦେଢ ହଜାରରୁ ଅଧିକ ସରକାରୀ ବିଦ୍ୟାଳୟରେ ବିଦ୍ୟୁତ୍ ସଂଯୋଗ ଥିବାବେଳେ ୫ଶହରୁ ଅଧିକ ବିଦ୍ୟାଳୟରେ ଛାତ୍ରୀଙ୍କ ପାଇଁ ଶୌଚାଳୟ ସୁବିଧା ନଥିବା ଜଣାଯାଇଛି ।

ବିଦ୍ୟାଳୟ ସଂକ୍ରାନ୍ତରେ ହୋଇଥିବା ସର୍ବଶେଷ ସମୀକ୍ଷାରୁ ଜଣାଯାଇଛି ଯେ ରାଜ୍ୟରେ ମୋଟ୍ ୪୮,୪୬୩ଟି ସରକାରୀ ବିଦ୍ୟାଳୟ ରହିଥିବାବେଳେ ଏଥି ମଧ୍ୟରୁ ୩୩୭୨ଟି ବିଦ୍ୟାଳୟର ପାଚେରୀ ନାହିଁ । ଏହିସବୁ ବିଦ୍ୟାଳୟରେ ଦିନବେଳା ପାଠପଢ଼ା ହେଉଥିବାବେଳେ ରାତିବେଳା ଗାଈଗୋରୁ ଶୋଉଛନ୍ତି । ସେହିଭଳି ଏହି ବିଦ୍ୟାଳୟଗୁଡ଼ିକରେ ଗଛଟିଏ ଲଗାଇବା ବି ସମ୍ଭବପର ହେଉନାହିଁ। ଏଥିରୁ ସର୍ବାଧିକ ୬୩୦ ବିଦ୍ୟାଳୟ ରହିଛି କୋରାପୁଟ ଜିଲ୍ଲାରେ । ରାୟଗଡାରେ ୪୫୩ଟି ବିଦ୍ୟାଳୟର ବି ପାଚେରୀ ନାହିଁ। ଖୋର୍ଦ୍ଧା ଜିଲ୍ଲାରେ ୮୧ଟି ବିଦ୍ୟାଳୟରେ ପାଚେରୀ ନଥିବାବେଳେ ପୁରୀ ଜିଲ୍ଲାରେ ୨୦୦ ବିଦ୍ୟାଳୟ ଏହି ତାଲିକାରେ ରହିଛି।

ତେବେ ରାଜ୍ୟରେ ମାତ୍ର ୧୩ଟି ବିଦ୍ୟାଳୟକୁ ବାଦ୍ ଦେଲେ ଅନ୍ୟ ସମସ୍ତ ବିଦ୍ୟାଳୟର ପକ୍କା ଘର ରହିଛି । ଏହି ୧୩ଟି ବିଦ୍ୟାଳୟ ମଧ୍ୟରୁ



କେନ୍ଦ୍ରାପଡା, ମାଲକାନଗିରି ଓ ଗଞ୍ଜାମରେ ଦୁଇଟି କରି ବିଦ୍ୟାଳୟ ରହିଥିବାବେଳେ କଟକ, ଯାଜପୁର, କେନ୍ଦୁଝର, କୋରାପୁଟ, ନବରଙ୍ଗପୁର, ମୟୁରଭଞ୍ଜ ଓ ନୟାଗଡ ଜିଲ୍ଲାରେ ଗୋଟିଏ କରି ବିଦ୍ୟାଳୟ ରହିଛି ।

ସେହିଭଳି ରାଜ୍ୟରେ ଥିବା ସରକାରୀ ବିଦ୍ୟାଳୟଗୁଡିକ ମଧ୍ଯ ୧୪୫୪ଟି ବିଦ୍ୟାଳୟରେ ଛାତ୍ରଙ୍କ ପାଇଁ ଶୌଚାଳୟ ସୁବିଧା ନାହିଁ । ଏହି ତାଲିକାରେ ରାୟଗଡା ଜିଲ୍ଲାର ସର୍ବାଧିକ ୨୪୯ଟି ବିଦ୍ୟାଳୟ ରହିଥିବାବେଳେ ବରଗଡ ଜିଲ୍ଲାରେ ୧୭୩ ଓ କେନ୍ଦୁଝର ଜିଲ୍ଲାରେ ୧୩୮ଟି ରହିଛି । ସେହିଭଳି ୫୭୪ ଟି ବିଦ୍ୟାଳୟରେ ଛାତ୍ରୀଙ୍କ ପାଇଁ ଶୌଚାଳୟ ବ୍ୟବସ୍ଥା ନାହିଁ । ଏହି ତାଲିକାରେ ନୂଆପଡା ଜିଲ୍ଲାର ୫୪ଟି ବିଦ୍ୟାଳୟ ରହିଥିବାବେଳେ ବାଲେଶ୍ୱର ଜିଲ୍ଲାର ୪୦ଟି ବିଦ୍ୟାଳୟ ରହିଛି । ତେବେ ଭଦ୍ରକ ଓ ଜଗତ୍‌ସିଂହପୁର ଜିଲ୍ଲାର ସମସ୍ତ ସରକାରୀ ବିଦ୍ୟାଳୟରେ ଛାତ୍ରୀଙ୍କ ପାଇଁ ଶୌଚାଳୟ ବ୍ୟବସ୍ଥା ରହିଛି ।

ତେବେ ରାଜ୍ୟର ୯୫୨୫ଟି ସରକାରୀ ବିଦ୍ୟାଳୟରେ ପିଲାଙ୍କ ପାଇଁ ଖେଳପଡିଆ ଟିଏ ନାହିଁ। ଏଥି ମଧ୍ୟରେ କୋରାପୁଟ ଜିଲ୍ଲାର ୧୫୩୧ଟି ବିଦ୍ୟାଳୟ ରହିଥିବାବେଳେ ବଲାଙ୍ଗିର ଜିଲ୍ଲାର ୮୯୯ଟି ବିଦ୍ୟାଳୟ ରହିଛି । ତେବେ ଯାଜପୁର ଜିଲ୍ଲାରେ ଥିବା ୧୭୬୩ଟି ବିଦ୍ୟାଳୟ ମଧ୍ୟରୁ ମାତ୍ର ୩ଟିକୁ ବାଦ୍ ଦେଲେ ଅନ୍ୟ ସମସ୍ତ ବିଦ୍ୟାଳୟରେ ଖେଳପଡିଆ ସୁବିଧା ରହିଛି ଯାହାକି ରାଜ୍ୟରେ ଏକ ରେକର୍ଡ ।

ସେହିଭଳି ରାଜ୍ୟର ୧୫୮୮ଟି ବିଦ୍ୟାଳୟରେ ବିଦ୍ୟୁତ୍ ସୁବିଧା ନାହିଁ । ବିଦ୍ୟୁତ୍ ସୁବିଧା ନଥିବା ସ୍କୁଲ ତାଲିକାରେ ଭଦ୍ରକ, ଝାରସୁଗୁଡାକୁ ବାଦ୍ ଦେଲେ ଅନ୍ୟ ସମସ୍ତ ଜିଲ୍ଲାର ସରକାରୀ ବିଦ୍ୟାଳୟ ରହିଛି । ଏହିସବୁ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଖରାଦିନେ କେବଳ ଗରମରେ ଆଉଟୁ ପାଉଟୁ ହେଉନାହାନ୍ତି, ସେମାନଙ୍କ ବିଦ୍ୟାଳୟରେ ଟିଭିଟିଏ ଚାଲିବା ବି ସମ୍ଭବପର ହୋଇପାରୁ ନାହିଁ । ସରକାରୀ ବିଦ୍ୟାଳୟରେ ଏହିସବୁ ସର୍ବନିମ୍ନ ମୌଳିକ ସୁବିଧାର ଅଭାବ ଯୋଗୁଁ ମାଗଣା ମଧ୍ୟାହ୍ନଭୋଜନ, ପୁସ୍ତକ ଓ ପୋଷାକ ଦିଆଗଲେ ମଧ୍ୟ ଘରୋଇ ବିଦ୍ୟାଳୟରେ ବର୍ଷକୁ ବର୍ଷ ଛାତ୍ରଛାତ୍ରୀଙ୍କ ସଂଖ୍ୟା କିନ୍ତୁ ବୃଦ୍ଧି ପାଇବାରେ ଲାଗିଛି ।

## ଭିଜିଲାନ୍ସ ଜାଲରେ ଫରେଷ୍ଟର

**ଭବାନୀପାଟଣା,୨।୧: ଏକ୍ସପ୍ରେସ୍ ନ୍ୟୁଜ୍**

କଳାହାଣ୍ଡି ଜିଲା ଦକ୍ଷିଣ ବନଖଣ୍ଡ ଅନ୍ତର୍ଗତ ଥୁଆମୂଳ ରାମପୁର ରେଞ୍ଜର ପୂର୍ବତନ ଫରେଷ୍ଟର ଜୟ କୁମାର ଜୁଆଡ଼ଙ୍କୁ ୫୫ଲକ୍ଷ ଟଙ୍କା ଆତ୍ମସାତ୍ କରିଥିବା ଅଭିଯୋଗରେ ଶୁକ୍ରବାର ଭିଜିଲାନ୍ସ ଗିରଫ କରିଛି। ଗତ ୨୦୨୪-୨୫ରେ ବୃକ୍ଷରୋପଣ ନାଁରେ ନକଲି ମଷ୍ଟର ରୋଲ୍ ଓ ଜବ କାର୍ଡ ଦେଖାଇ ଏହି ଟଙ୍କାକୁ ସେ ଆତ୍ମସାତ କରିଥିବା ଜଣାପଡ଼ିଛି। ବର୍ତ୍ତମାନ ସେ ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ରେଞ୍ଜରେ ହାତୀର ଗତିବିଧି ତଦାରଖ କରିବା ପାଇଁ ନିୟୋଜିତ ଥିଲେ।

## ଟି-ସେତୁ ଉପରେ ଯାନବାହନ ନିଷେଧ



**କଟକ,୨।୧: ଏକ୍ସପ୍ରେସ୍ ନ୍ୟୁଜ୍**

ମକର ସଂକ୍ରାନ୍ତି ଅବସରରେ କଟକ ଜିଲ୍ଲା ବଡ଼ମ୍ବା ତହସିଲ ଅନ୍ତର୍ଗତ ସିଂହନାଥ ପୀଠରେ ଅନୁଷ୍ଠିତ ହେବାକୁ ଥିବା ମକର ମେଳା ପାଇଁ ଟି-ସେତୁ ଉପରେ ଯାନବାହନ ଚଳାଚଳ ନିଷେଧ କରାଯାଇଛି । ଆସନ୍ତା ୧୪ ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ସିଂହନାଥ ପୀଠରେ ମକର ମେଳା ଅନୁଷ୍ଠିତ ହେବ । ମେଳା ଅବସରରେ ଜନସାଧାରଣଙ୍କ ସୁରକ୍ଷା, ସୁବିଧା ଓ ସୂଚାରୁରୂପେ ଭିଡ଼ ନିୟନ୍ତ୍ରଣକୁ ଦୃଷ୍ଟିରେ ରଖି ଗତ ୨୪ ତାରିଖରେ ବଡ଼ମ୍ବା ବିଧାୟକ ବିଜୟ ଦଳ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଟି-ସେତୁ ଉପରେ ୧୪ ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ସକାଳ ୭ ଘଟିକା ଠାରୁ ରାତି ୯ ଘଟିକା ପର୍ଯ୍ୟନ୍ତ ସମସ୍ତ ଯାନବାହନ ଚଳାଚଳ ସଂପୂର୍ଣ୍ଣ ନିଷେଧ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ମକର ମେଳା ସମୟରେ ଟି-ସେତୁ ଉପରେ ପ୍ରବଳ ଜନସମାବେଶ ତଥା ଭକ୍ତଙ୍କ ଯିବା ଆସିବାକୁ ଦୃଷ୍ଟିରେ ରଖି ଦୁର୍ଘଟଣା ରୋକିବା ଓ ଯାତାୟତ ସୁବିଧା ପାଇଁ ଏହି ପଦକ୍ଷେପ ନିଆଯାଇଛି ।

## କମର୍ସିଆଲ୍ ଏଲପିଜି ସିଲିଣ୍ଡର ଦର ବୃଦ୍ଧି

**ନୂଆଦିଲ୍ଲୀ,୨।୧: ଏକ୍ସପ୍ରେସ୍ ନ୍ୟୁଜ୍**

ନୂଆବର୍ଷ ଆରମ୍ଭରୁ ଖାଉଟିଙ୍କୁ ମହଙ୍ଗା ମାଡ଼। ୧୧୧ ଟଙ୍କା ବଢ଼ିଲା କମର୍ସିଆଲ ଏଲପିଜି ସିଲିଣ୍ଡର ଦର। ନୂଆଦିଲ୍ଲୀରେ ୧୯ କେଜିର କମର୍ସିଆଲ ସିଲିଣ୍ଡର ଦର ୧୫୮୦.୫୦ ଟଙ୍କାରୁ ୧୬୯୧.୫୦ଟଙ୍କାକୁ ବୃଦ୍ଧି ପାଇଛି। ସେହିଭଳି କୋଲକାତାରେ ଏହାର ମୂଲ୍ୟ ୧୬୮୪ ଟଙ୍କାରୁ ବୃଦ୍ଧି ପାଇ ଏବେ ୧୭୯୫ ଟଙ୍କା ହୋଇଛି। ଏହା ବ୍ୟତୀତ ମୁମ୍ବାଇରେ ୧୫୩୧.୫୦ ଟଙ୍କାରେ ମିଳୁଥିବା ଏଲପିଜି ସିଲିଣ୍ଡର ଏବେ ୧୬୪୨.୫୦ ଟଙ୍କା ହୋଇଯାଇଛି ଏବଂ ଚେନ୍ନାଇରେ ଏହାର ମୂଲ୍ୟ ୧୭୩୯.୫୦ ଟଙ୍କା ବଦଳରେ ବୃଦ୍ଧି ପାଇ ୧୮୪୯.୫୦ ଟଙ୍କା କରାଯାଇଛି। ତେବେ ଘରୋଇ ଏଲପିଜି ସିଲିଣ୍ଡର ଦର ଅପରିବର୍ତ୍ତିତ ରହିଛି।

# କଂଗ୍ରେସ ବର୍ତ୍ତମାନ ଏକଜୁଟ: ପିସିସି ସଭାପତି

**ଭୁବନେଶ୍ୱର,୨।୧ ଏକ୍ସପ୍ରେସ୍ ନ୍ୟୁଜ୍**

ପୁରୀ ଜିଲ୍ଲା କଂଗ୍ରେସ ପକ୍ଷରୁ ଆୟୋଜିତ ଗୋପ ବ୍ଲକଠାରେ ଏକ କର୍ମୀ ସମ୍ମିଳନୀ ଏବଂ ମିଶ୍ରଣ ପର୍ବରେ ଯୋଗ ଦେଇ ପିସିସି ସଭାପତି କହିଛନ୍ତି ଯେ, କଂଗ୍ରେସ ପାଇଁ ଗୋପ ହେଉଛି ଏକ ଐତିହାସିକ କର୍ମଭୂମି। ଯାହା ପ୍ରସାଦ ଭାଇ କହୁଥିଲେ ଯେ, ଏହି ପବିତ୍ର ଭୂମିରୁ ଉତ୍କଳମଣି ଗୋପବନ୍ଧୁଙ୍କ ନେତୃତ୍ୱରେ କଂଗ୍ରେସ ସଙ୍ଗଠନ ଆରମ୍ଭ ହୋଇ ରାଜ୍ୟସାରା ବ୍ୟାପି ଥିଲା। ଏ ଅଂଚଳରେ କଂଗ୍ରେସର ଅବସ୍ଥା ଭଲ ନ ଥିବା ସତ୍ତ୍ୱେ ନୂଆବର୍ଷ ଆରମ୍ଭରେ ଶହ ଶହ ସଂଖ୍ୟାରେ ମାଆ ଭଉଣୀ ଏବଂ ଲୋକେ ସଭାରେ ଯୋଗ ଦେଇଛନ୍ତି ଏବଂ ଦଳରେ ମିଶିଛନ୍ତି। କଂଗ୍ରେସରେ କାମ କରିବାକୁ ହେଲେ ଲୋକଙ୍କ ପାଇଁ କାମ କରିବାକୁ ପଡିବ। ସେଥିପାଇଁ ଜଗନ୍ନାଥଙ୍କଠାରେ କଂଗ୍ରେସ ସଂକଳ୍ପ ଯାତ୍ରା କରିଥିଲା। ବିଗତ ଦଶ ମାସ ହେବ ଆମେ ଲୋକଙ୍କ ପାଇଁ ସଂଗ୍ରାମ କରୁଛୁ। ନାରୀ ନ୍ୟାୟ ପାଇଁ ଘଟୁଥିବା ସମସ୍ତ ଅତ୍ୟାଚାର ବିରୁଦ୍ଧରେ ଆମେ ଲଢେଇ କରୁଛୁ। ସଂକଳ୍ପ ଯାତ୍ରାରେ ମୋର ହାତ ଭାଙ୍ଗିଗଲା କିନ୍ତୁ ମହାପ୍ରଭୁଙ୍କ ଯାତ୍ରା ମୁଁ ବନ୍ଦ କଲି ନାହିଁ, ଭଙ୍ଗା ହାତରେ ଆମେ ପଦଯାତ୍ରା କଲୁ। ଚିନ୍ତାକଲି



ଗୋଟିଏ ହାତରେ ମାଗିଲେ ପ୍ରଭୁ ଦେଉଛନ୍ତି ନା ନାହିଁ। ଆଶ୍ଚର୍ଯ୍ୟର ବିଷୟ ଓଡିଶାର ବିଭିନ୍ନ ଅଂଚଳରୁ ହଜାର ହଜାର ଲୋକ ପଦଯାତ୍ରାରେ ସାମିଲ ହେଲେ। ରାଜ୍ୟରେ ବ୍ଲକ ମାନଙ୍କରେ କଂଗ୍ରେସ ତାର ଅସ୍ତିତ୍ୱ ହରାଇ ବସିଥିଲା କିନ୍ତୁ ଜାଣି ଆଶ୍ଚର୍ଯ୍ୟ ହେବେ ନାରାଦୁଷ୍କର୍ମ ବିରୁଦ୍ଧରେ କଂଗ୍ରେସ କର୍ମୀ ଉତ୍ସାହର ସହ ରାଜ୍ୟର ୩୧୪ ଗୋଟି ବ୍ଲକରେ ମଶାଲ ଶୋଭାଯାତ୍ରା କଂଗ୍ରେସ କର୍ମୀ ଆୟୋଜନ କରିଥିଲେ। ବିଧାନସଭା ଘେରାଉରୁ କଂଗ୍ରେସର ନୂତନ ଯାତ୍ରା ଆରମ୍ଭ ହୋଇଥିଲା। ରାହୁଲ ଗାନ୍ଧୀଙ୍କ ମିଟିଙ୍ଗରେ ସ୍ୱଇଚ୍ଛାରେ ଲକ୍ଷ ଲକ୍ଷ ସଂଖ୍ୟାରେ କଂଗ୍ରେସ କର୍ମୀ ଓ ଜନତା ଯୋଗ ଦେଇଥିଲେ। ଓଡିଶା ବନ୍ଦରେ ଜଗନ୍ନାଥଙ୍କ ଆଶୀର୍ବାଦରୁ ପ୍ରବଳ ଜନସମର୍ଥନ ମିଳିଲା। ନୂଆପଡା ନିର୍ବାଚନରେ ବିଜେଡିକୁ ପଛରେ ପକାଇ ଆମେ ଦ୍ୱିତୀୟ ସ୍ଥାନ ଗ୍ରହଣ କଲୁ। କଂଗ୍ରେସ ପ୍ରତି ଲୋକଙ୍କ ସମର୍ଥନ ବଢ଼ିବାରେ ଲାଗିଛି। ବିଜେପି ପାଇଁ ନାଥୁରାମ ଗଡ଼ସେ ହେଉଛି ଭଗବାନ। ବିଜେପି ଦଳ ନିର୍ବାଚନ ପୂର୍ବରୁ ୩୦୦ ୟୁନିଟ ମାଗଣା ବିଜୁଳି ଦେବାକୁ ଘୋଷଣା କରିଥିଲା। ୧୮ ମାସ ବିତିଗଲା ସତ୍ତ୍ୱେ ମାଗଣା ଦେଉନାହିଁ। ବିଜୁଳି ଅନ୍ୟାୟ ବିରୁଦ୍ଧରେ କଂଗ୍ରେସ କର୍ମୀଙ୍କୁ ମୁଁ ଆହ୍ୱାନ ଦେଉଛି, ପ୍ରତ୍ୟେକ ଚାହା ଦୋକାନରେ ଦଶ ପନ୍ଦର ଜଣଙ୍କୁ ଏକତ୍ରିତ କରି ସରକାର ଓ ଟାଟା ପାୱାରର ଅନ୍ୟାୟ ବିଷୟରେ ଆଲୋଚନା କରନ୍ତୁ। ମହାତ୍ମା ଗାନ୍ଧୀଙ୍କ ମହା ପ୍ରୟାଣ ଦିନଠାରୁ ପୁଣି ଗାନ୍ଧୀ ପଥେ ଯାତ୍ରା ଆରମ୍ଭ ହେବ। ସମସ୍ତ ବ୍ଲକକୁ ଯାତ୍ରା କରିବି ଓ ଆସନ୍ତା ଜିଲ୍ଲା ପରିଷଦ ନିର୍ବାଚନରେ ସମସ୍ତ ରାଜ୍ୟ କଂଗ୍ରେସମୟ ହେବ। କଂଗ୍ରେସ ଲୋକଙ୍କ ସହଯୋଗରେ ନିର୍ବାଚନ ଲଢ଼ିବ, ଲୋକଙ୍କଠାରୁ ଭିକ୍ଷା ମାଗିକି ଲଢ଼ିବ। ସେମାନେ ପୁଞ୍ଜିପତିଙ୍କ କୋଟି କୋଟି ଟଙ୍କାରେ ନିର୍ବାଚନ ଲଢୁଛନ୍ତି ଓ ରାଜ୍ୟବାସୀଙ୍କୁ ଲୁଟ କରୁଛନ୍ତି। ଆପଣ କୁହନ୍ତୁ ଟାଟା ପାୱାର ଆପଣଙ୍କ ଟଙ୍କା ଲୁଟ କରୁ ନାହିଁକି ? ଆପଣ ପ୍ରତିବାଦ କରିବା ଉଚିତ ନା ନୁହେଁ। ସୁଭଦ୍ରା ଯୋଜନାରେ ଦିନକୁ ୨୭ ଟଙ୍କା ଦେଉଛନ୍ତି। ଏହା ନାରୀଙ୍କ ପାଇଁ ସାହାଯ୍ୟ ନା ଉପହାସ ? କଂଗ୍ରେସ ବର୍ତ୍ତମାନ ଏକଜୁଟ। ନୂତନ ଆଶା ନୂତନ ଉତ୍ସାହରେ ଜନତାଙ୍କ ପାଇଁ ଘୋର ସଂଗ୍ରାମ କରିବ ବୋଲି ସଭାପତି ଶ୍ରୀ ଦାସ କହିଥିଲେ। ଏହି କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବରେ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ଯୋଗଦେବା ସହ ପୁରୀ ଜିଲ୍ଲା କଂଗ୍ରେସ ସଭାପତି ରାଜେଶ ମିଶ୍ର ତଥା କଂଗ୍ରେସ ନେତା ବିଶ୍ୱଭୂଷଣ ହରିଚନ୍ଦନ, ଭାସ୍କର ସେଠ, ନୀଳମଣି ପ୍ରଧାନ, ରବି ନାରାୟଣ ବେହେରା, ଅମରେନ୍ଦ୍ର ପାଇକିରା ଉପସ୍ଥିତ ରହି କାର୍ଯ୍ୟକ୍ରମର ସଫଳ ରୂପାୟନ କରିଥିଲେ।

## ଭଙ୍ଗାଗଲା ଘରୋଇ ଔଷଧ ଦୋକାନ

**ରାଜନଗର,୨।୧: ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଜୟଗୁରୁ ଔଷଧ ଦୋକାନ ରହିଥିଲା। ଏହାକୁ ପ୍ରଶାସନ ପକ୍ଷରୁ ଭଙ୍ଗା ଯାଇ ମାଟିରେ ମିଶାଇ ଦିଆଯାଇଛି। ଏହି ଔଷଧ ଦୋକାନଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଦୀର୍ଘ ବର୍ଷ ଧରି ଥିଲା। ସରକାରଙ୍କ ପକ୍ଷରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ନୂତନ ଗୃହ ନିର୍ମାଣ ପାଇଁ ୫କୋଟି ଟଙ୍କା ଅନୁଦାନ ମଂଜୁର ହୋଇଥିଲା । ଘରୋଇ ଔଷଧ ଦୋକାନଟି ଥିବାରୁ ନୂତନ ଗୃହ ନିର୍ମାଣ ପାଇଁ ବାଧକ ସାଜିଥିଲା। ଏହି ଔଷଧ ଦୋକାନକୁ ସେଠାରୁ ଉଚ୍ଛେଦ କରିବା ପାଇଁ ପ୍ରଶାସନ ନିଷ୍ପତି ନେଇଥିଲା। ଦୁଇଦିନ ତଳେ ରାଜନଗର ତହସିଲଦାର ଯୀଶୁକ୍ରିଷ୍ଟ ଦାସ ଉଚ୍ଛେଦ ପାଇଁ ନୋଟିସ ଦେଇଥିଲେ । ଧାର୍ଯ୍ୟ ସମୟ ମଧ୍ୟରେ ତହସିଲଦାର ଶ୍ରୀ ଦାସ ପୋଲିସ ଫୋର୍ସ ଘଟଣାସ୍ଥଳରେ ପହଂଚି ଜେସିବି ସହାୟତାରେ ଜୟଗୁରୁ ଔଷଧ ଦୋକାନକୁ ଭାଙ୍ଗି ଦେଇଥିଲେ।

## ଇକୋରିଟ୍ରିଟରେ ଉପମୁଖ୍ୟମନ୍ତ୍ରୀ

**ରାଜନଗର,୨।୧: ଏକ୍ସପ୍ରେସ୍ ନ୍ୟୁଜ୍**

ଓଡିଶା ସରକାରଙ୍କ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଜି ଭିତରକନିକା ଗ୍ରସ୍ତରେ ଆସି ରାଜନଗରର ପେଣ୍ଠ ସମୁଦ୍ର କୂଳରେ ଇକୋ ରିଟ୍ରିଟରେ ଆଜି ଅପରାହ୍ଣରେ ପହଞ୍ଚିଛନ୍ତି। ଇକୋ ରିଟ୍ରିଟରେ ରାତ୍ରି ଯାପନ କରିବେ। ଆସନ୍ତାକାଲି ସକାଳେ ଗୁପ୍ତିରୁ ଜଳ ପଥରେ ବୋଟ ଯୋଗେ ଭିତରକନିକାର ଶୋଭା ଉପଭୋଗ କରିବେ। ବୋଟ ଯୋଗେ ଡାଙ୍ଗମାଳରେ ପହଞ୍ଚି ଭାରତର ପ୍ରଥମ ଧଳା କୁମ୍ଭୀର ଗୋରି ଓ ଧଳା କୁମ୍ଭୀର ମଲ୍ଲି, ଶ୍ୱେତା, ମ୍ୟୁଜିୟମ, ସ୍କାଏ ୱାକ, କୁମ୍ଭୀର ପ୍ରଜନନ କେନ୍ଦ୍ର ବୁଲି ଦେଖିବାର କାର୍ଯ୍ୟକ୍ରମ ରହିଛି। ଏହା ସରକାରୀ କାର୍ଯ୍ୟକ୍ରମ ନୁହେଁ, ପରିବାର ସହିତ ଭିତରକନିକାର ଶୋଭା ଉପଭୋଗ କରିବାକୁ ଆସିଥିବା ଜଣାପଡିଛି। ଆଜି ଅପରାହ୍ଣରେ ଇକୋ ରିଟ୍ରିଟରେ ପହଞ୍ଚିବା ପରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା।

## ଖଣ୍ଡଗିରି ଯାତ୍ରା ମଞ୍ଚରେ ହେବନି ଅଶ୍ଳୀଳ ନାଚ

**ଭୁବନେଶ୍ୱର,୨।୧: ଏକ୍ସପ୍ରେସ୍ ନ୍ୟୁଜ୍**

ମାଘ ମେଳା ପାଖେଇ ଆସୁଥିବା ବେଳେ ଅଶ୍ଳୀଳ ନୃତ୍ୟକୁ ନେଇ ବଡ଼ ଘୋଷଣା କରିଛନ୍ତି ମେୟର ସୁଲୋଚନା ଦାସ। ଖଣ୍ଡଗିରି ମାଘ ମେଳାରେ ହେବନି ଅଶ୍ଳୀଳ ନୃତ୍ୟ। ମୋଟ ସାତୋଟି ପେଣ୍ଡାଲରେ ଯାତ୍ରା ପରିବେଷଣ ହେବ। ତେବେ ଯାତ୍ରା ସମୟରେ କୌଣସି ଅଶ୍ଳୀଳ ନୃତ୍ୟ କରିପାରିବେ ନାହିଁ। କାହାକୁ ଆକ୍ଷେପ କି ପ୍ରତିଆକ୍ଷେପ କରିବା ମନା। ନାଟକ ମାଧ୍ୟମରେ କାହାକୁ ଅପମାନ କଲା ଭଳି ଶବ୍ଦ ବ୍ୟବହାର କରିବେନି। ସେପଟେ ସରକାର ଯାହା ନିୟମ କରିବେ ଆମେ ସବୁ ମାନିବୁ ବୋଲି କହିଛନ୍ତି ଯାତ୍ରା କମିଟି ଓ କର୍ତ୍ତୃପକ୍ଷ। ବିଗତ ବର୍ଷ ଅଶ୍ଳୀଳ ନୃତ୍ୟକୁ ଜଗିବାକୁ ନେଇ ଚର୍ଚ୍ଚାରେ ରହିଥିଲେ ବିଧାୟକ ବାବୁ ସିଂଙ୍କ ଠେଙ୍ଗା ବାହିନୀ।

## ପ୍ରଥମ ପୃଷ୍ଠାରୁ...

### ୧୦ରୁ ମିଳିବ...

ଏବେ ସାଧାରଣ ଲୋକଙ୍କ ପାଇଁ ବୋଝ ପାଲଟିଛି। ପଲ୍ୟୁସନ୍ ସାର୍ଟିଫିକେଟ୍ ନଥିବା ଗାଡି ଚାଳକମାନେ ଏବେ ବିଭିନ୍ନ ପଲ୍ୟୁସନ୍ କେନ୍ଦ୍ରଗୁଡିକ ଆଗରେ ଲମ୍ବା ଧାଡି ଲଗାଇଥିବାବେଳେ ରାଜ୍ୟ ସରକାରଙ୍କ 'ଗ୍ରୀନ ଷ୍ଟିକର' ନିୟମ ଯୋଗୁ ଏବେ ପଲ୍ୟୁସନ୍ ସାର୍ଟିଫିକେଟ୍ ଅପଡେଟ୍ ରଖିଥିବା ଗାଡି ମାଲିକ ଓ ଚାଳକଙ୍କୁ ବି ଅନୁରୂପ ଲମ୍ବାଧାଡିରେ ଛିଡା ହେବାକୁ ବାଧ କରାଯାଉଥିବା ଜଣାପଡିଛି। ତେବେ ପ୍ରଶ୍ନ ଉଠିଛି, ଯେଉଁ ଗାଡିମାଲିକମାନେ ନିଜର ପଲ୍ୟୁସନ୍ ସାର୍ଟିଫିକେଟ୍ ଅପଡେଟ୍ ରଖିଛନ୍ତି ସେମାନଙ୍କୁ କାହିଁକି ଲମ୍ବାଧାଡିରେ ଛିଡା ହେବାକୁ ବାଧ କରାଯାଉଛି ? ନୂଆବର୍ଷରୁ ପଲ୍ୟୁସନ୍ ସାର୍ଟିଫିକେଟ ବାଧ୍ୟତାମୂଳକ କରାଯିବାକୁ ନେଇ ଲୋକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ରାଜ୍ୟ ସରକାର ଏହି ଅବଧିକୁ ପ୍ରଥମେ ଜାନୁୟାରୀ ୩୧ ଓ ପରେ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। କିନ୍ତୁ ପଲ୍ୟୁସନ୍ ସାର୍ଟିଫିକେଟ୍ ଥିବା ଗାଡିମାଲିକମାନଙ୍କୁ 'ଗ୍ରୀନ୍ ଷ୍ଟିକର' ପାଇବା ପାଇଁ ଆରଟିଓର ଚକ୍କର କାଟିବା ଓ ଘଣ୍ଟାଘଣ୍ଟା ଧରି ପୁଣିଥରେ ଲମ୍ବାଧାଡିରେ ଛିଡା କରାଇବାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି । ପଲ୍ୟୁସନ୍ ସାର୍ଟିଫିକେଟ୍ ପାଇବା ପାଇଁ ଏବେ ରାଜ୍ୟରେ ବିଭିନ୍ନ ପଲ୍ୟୁସନ୍ କେନ୍ଦ୍ରଗୁଡିକ ଆଗରେ ଲମ୍ବାଧାଡି ଲାଗିଛି। ଲୋକେ ନିଜର କାମଧନ୍ଦା ଛାଡି ଘଣ୍ଟାଘଣ୍ଟା ଧରି ଏହି ସାର୍ଟିଫିକେଟ୍ ପାଇଁ ଅପେକ୍ଷା କରି ରହୁଛନ୍ତି। ପଲ୍ୟୁସନ୍ ସାର୍ଟିଫିକେଟ୍ ନାହିଁ ତ ପେଟ୍ରୋଲ ପମ୍ପରେ ତେଲ ମିଳିବ ନାହିଁ ବୋଲି ସରକାରଙ୍କ ଡିସେମ୍ବର ୨୨ତାରିଖର ନିଷ୍ପତ୍ତିକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ପରିବହନ ମନ୍ତ୍ରୀ ବିଭୂତି ଜେନା ପ୍ରଥମେ ଜାନୁୟାରୀ ୩୧ ଓ ପରେ ମାର୍ଚ୍ଚ ୩୧ତାରିଖ ପର୍ଯ୍ୟନ୍ତ ଏହି ଅବଧିକୁ ବୃଦ୍ଧି କରିଛନ୍ତି।

### ୫ ବର୍ଷର...

୫ବର୍ଷର ନାବାଳକଙ୍କ ପରିବାରକୁ ଅନୁକମ୍ପା ରାଶି ଘୋଷଣା କରିଛନ୍ତି ରାଜ୍ୟ ସରକାର। ୪ଲକ୍ଷ ଟଙ୍କା ସହାୟତା ରାଶି ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ। ସୂଚନା ମୁତାବକ, ନୀଳକଣ୍ଠ ଦେ ତାଙ୍କ ନାତି ଓ ଅନ୍ୟ ଜଣେ ସମ୍ପର୍କୀୟ ନାବାଳକକୁ ସ୍କୁଟିରେ ଜଳଖିଆ ଆଣିବା ପାଇଁ ଯାଉଥିଲେ। ବଳଗଣ୍ଡି ଛକରେ ଏକ ବୋଲେରୋ ଗାଡ଼ି ସିରିଜ ଦୁର୍ଘଟଣା ଘଟାଇଥିଲା। ପ୍ରଥମେ ଏକ ସାଇକେଲକୁ ଧକ୍କା ଦେବା ପରେ ସ୍କୁଟିକୁ ଧକ୍କା ଦେଇଥିଲା ବୋଲେରୋ। ତେବେ ସମସ୍ତଙ୍କୁ ଚିକିତ୍ସା ପାଇଁ ପୁରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ଶ୍ରେୟାଂଶକୁ ମୃତ ଘୋଷଣା କରିଥିଲେ ଡାକ୍ତର। ନାବାଳକର ମୃତ୍ୟୁକୁ ନେଇ ହସ୍ପିଟାଲରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଧକ୍କାରେ ଜଣେ ନିଷ୍ପାପ ଶିଶୁଙ୍କ ଦେହାନ୍ତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି । ମୃତକଙ୍କ ପରିବାର ଲୋକେ ଓ ସ୍ଥାନୀୟ ଲୋକମାନେ ରାସ୍ତାରୋକ କରିବା ସହ ମେଡିକାଲରେ ଅବ୍ୟବସ୍ଥା ଓ ବଡଦାଣ୍ଡରେ ଟ୍ରାଫିକ ସମସ୍ୟା ନେଇ ପ୍ରଶାସନକୁ ଦାୟୀ କରିଛନ୍ତି। ସେହିପରି ଦୁର୍ଘଟଣା ଘଟାଇଥିବା ବୋଲେରୋ ଡ୍ରାଇଭରକୁ କୁମ୍ଭାରପଡ଼ା ଥାନା ପୁଲିସ ଅଟକ ରଖିଛି। ନିଶା ସେବନ କରି ଡ୍ରାଇଭର ଜଣକ ଗାଡ଼ି ଚଳାଉଥିଲା ବୋଲି ଅଭିଯୋଗ ହୋଇଛି। ନୂଆବର୍ଷ ପାଇଁ ପୁରୀ ପୁଲିସ ପକ୍ଷରୁ ଟ୍ରାଫିକ କଟକଣା ଜାରି କରାଯାଇଥିବା ବେଳେ ପୁରୀ ବଳଗଣ୍ଡି ଛକକୁ ବୋଲେରୋ ଗାଡ଼ି କିଭଳି ଆସିଲା ତାକୁ ନେଇ ଏବେ ସାଧାରଣରେ ପ୍ରଶ୍ନ ଉଠିଛି।

### ପ୍ରେମିକକୁ ଘରକୁ...

ମହିଳା ଜଣଙ୍କ ତାଙ୍କୁ ବାରମ୍ବାର ଫୋନ କରି ଧମକ ଦେଇ ଚାଲିଥିଲେ।

ଡିସେମ୍ବର ୧୯ରେ ବ୍ୟକ୍ତି ଜଣଙ୍କ ମୁମ୍ବାଇ ଫେରିଥିଲେ ହେଁ ମହିଳାଙ୍କୁ କୌଣସି ପ୍ରକାରର ଯୋଗାଯୋଗ କରିନଥିଲେ। ମହିଳାଙ୍କୁ ସେ ଅଣଦେଖା କରି ଚାଲିଥିଲେ। ଏସବୁ ଭିତରେ ଡିସେମ୍ବର ୩୧ ତାରିଖ ରାତି ୧.୩୦ରେ ମହିଳା ଜଣଙ୍କ ଫୋନ କରି ନୂଆ ବର୍ଷ ମିଠା ଦେବାକୁ ବ୍ୟକ୍ତିଙ୍କୁ ନିଜ ଘରକୁ ଡାକିଥିଲେ। ଏହି ସମୟରେ ମହିଳାଙ୍କ ପିଲାମାନେ ଘରେ ଶୋଇ ପଡ଼ିଥିଲେ। ବ୍ୟକ୍ତି ଜଣଙ୍କ ମିଠା ପାଇଁ ଘରେ ପହଞ୍ଚିବା ପରେ ମହିଳା ଜଣଙ୍କ ତାଙ୍କ ସହ ଶାରିରୀକ ସମ୍ପର୍କ ରଖିବାକୁ ପ୍ରବର୍ତ୍ତାଇଥିଲେ। ବ୍ୟକ୍ତି ଜଣଙ୍କ ମଧ୍ୟ ତୁରନ୍ତ ଏଥିରେ ରାଜି ହୋଇଯାଇଥିଲେ। ଶାରିରୀକ ସମ୍ପର୍କ ରଖିବାକୁ ସେ ପ୍ୟାଣ୍ଟ ଖୋଲିବା ମାତ୍ରେ ମହିଳା ଜଣଙ୍କ ରୋଷେଇ ଘରକୁ ଚାଲି ଯାଇଥିଲେ। ସେଠାରୁ ଗୋଟିଏ ଛୁରୀ ଆଣି ସିଧା ବ୍ୟକ୍ତିଙ୍କ ଗୁପ୍ତାଙ୍ଗକୁ କାଟି ଦେଇଥିଲେ। ଏଥିଯୋଗୁ ବ୍ୟକ୍ତି ଜଣଙ୍କ ପ୍ରବଳ ରକ୍ତସ୍ରାବର ସମ୍ମୁଖୀନ ହୋଇଥିଲେ। ରକ୍ତସ୍ରାବ ସତ୍ତ୍ୱେ ସେ ତୁରନ୍ତ ପ୍ୟାଣ୍ଟ ପିନ୍ଧି ନିଜ ଘରକୁ ଚାଲି ଆସିଥିଲେ। ବ୍ୟକ୍ତିଙ୍କୁ ଏପରି ଅବସ୍ଥାରେ ଦେଖି ଘରେ ଥିବା ପୁଅ ଓ ଆଉ କିଛି ବନ୍ଧୁ ତୁରନ୍ତ ତାଙ୍କୁ ଭିଏନ ଦେଶାଇ ହସ୍ପିଟାଲକୁ ନେଇ ଯାଇଥିଲେ। ସେଠାରୁ ତାଙ୍କୁ ସିଓନ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଆଘାତ ଗଭୀର ରହିଥିବାରୁ ହସ୍ପିଟାଲରେ ବ୍ୟକ୍ତିଙ୍କ ସର୍ଜରୀ ହୋଇଥିବା ଜଣାପଡିଛି। ପୁଲିସ୍ ଗୋଟିଏ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲେ ହେଁ ମହିଳା ଜଣଙ୍କ ଫେରାର ରହିଛନ୍ତି।

### ୪୦କୋଟି...

୨୦୨୨ରୁ ୨୦୨୪ ମଧ୍ୟରେ ୮.୫ ଲକ୍ଷ ଟଙ୍କା ଆଦାୟ କରାଯାଇଥିଲା। ଅଭିଯୁକ୍ତ ଅମିତ ମଣ୍ଡଳଙ୍କ ବ୍ୟକ୍ତିଗତ ଆକାଉଣ୍ଟ ମାଧ୍ୟମରେ ଜମା କରାଯାଇଥିଲା। ଯିଏ "କଳ୍ପନା ଫାଇନାନ୍ସିଆଲ୍ ସର୍ଭିସେସ୍" ନାମକ ଏକ ସଂସ୍ଥା ଥିବା ଦାବି କରୁଥିଲେ। ପ୍ରାରମ୍ଭରେ କିଛି ମାସ ପାଇଁ କିଛି ରିଟର୍ଣ୍ଣ ଦିଆଯାଇଥିଲା, କିନ୍ତୁ ପରେ ତାହା ବନ୍ଦ ହୋଇଗଲା ଏବଂ ଅଭିଯୁକ୍ତ ଅମିତ ମଣ୍ଡଳ ଫେରାର୍ ହୋଇଗଲା। ପରବର୍ତ୍ତୀ ସମୟରେ, ସୂଚନାଦାତା ଜାଣିବାକୁ ପାଇଲେ ଯେ ଅଭିଯୁକ୍ତ ଅମିତ ମଣ୍ଡଳ ଓଡ଼ିଶାର ଅନେକ ଲୋକଙ୍କଠାରୁ କୋଟି କୋଟି ଟଙ୍କା ସଂଗ୍ରହ କରିଛନ୍ତି ଏବଂ ଜମା ହୋଇଥିବା ପରିମାଣରୁ ସେମାନଙ୍କୁ ଠକି ଦେଇଛନ୍ତି ଏବଂ ଏହାକୁ ଆତ୍ମସାତ କରିଛନ୍ତି।

### ବିଜେଡ଼ିକୁ ଯାଇଥିବା...

ହେଲେ ଦ୍ୱନ୍ଦ୍ୱରେ ପଡ଼ିଯାଇଛନ୍ତି କଂଗ୍ରେସ ଛାଡ଼ି ବିଜେଡ଼ିକୁ ଯାଇଥିବା ନେତା ଓ କର୍ମୀମାନେ । ନିଜ ନିଜର ରାଜନୈତିକ ଭବିଷ୍ୟତ ନେଇ ସେମାନଙ୍କ ଚିନ୍ତା ବଢୁଛି । ତଥ୍ୟାଭିଜ୍ଞ ମାନଙ୍କ କହିବା କଥା ଯେ, କଂଗ୍ରେସର ନେତା ହୁଅନ୍ତୁ କି କର୍ମୀ ହୁଅନ୍ତୁ ନିଜକୁ ବିଜେଡ଼ିରେ ସାମିଲ କରିଥିଲେ ମଧ୍ୟ କୌଣସି ପରିସ୍ଥିତିରେ ବିଜେପିକୁ ଗ୍ରହଣ କରିପାରୁ ନଥିଲେ କି ଆଜି ବି ଗ୍ରହଣ କରିପାରୁ ନାହାଁନ୍ତି । ବିଜେଡ଼ି ଗଣତାନ୍ତ୍ରିକ ପରିଚାଳନା ରୁ ଦୂରେଇ ଯାଇ ଅମଲାତାନ୍ତ୍ରିକ ନିୟନ୍ତ୍ରଣକୁ ଚାଲିଯିବା ଏବଂ ଶେଷରେ ଜଣେ ଅଣଓଡ଼ିଆ ଅଧିକାରୀ ଦଳର ସର୍ବେସର୍ବା ବନିଯିବା ନେଇ ଲୋକେ ଯେତେବେଳେ ବିକଳ୍ପ ଚିନ୍ତା କରିବାକୁ ଆରମ୍ଭ କଲେ ଠିକ୍ ସେତିକିବେଳେ ବିଜେପି ଓଡ଼ିଆ ଅସ୍ମିତାର ନାରା ଦେଇ ଲୋକଙ୍କ ଭାବାବେଗ ଜିତିବା ସହିତ ବିଜେଡ଼ିକୁ କ୍ଷମତାଚ୍ୟୁତ୍ କରି ରାଜ୍ୟ ଶାସନ ଅଧିକାର କରି ନେଲା । ବିଜେଡ଼ି ୫୧ଟି ଆସନ ପାଇ ଏକ ଶକ୍ତିଶାଳୀ ବିରୋଧିଦଳ ଭାବେ ଉଭା ହେଲା ସତ ହେଲେ ବିଜେପି ସରକାର ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ବିଜେଡ଼ିର ଯୁ ନାହିଁ । ଏହାର କାରଣ ମଧ୍ୟ ଆଉ କାହା ପାଖରେ ଅଛପା ନାହିଁ । ସେହି ଅଣଓଡ଼ିଆ ପୂର୍ବ ଅଧିକାରୀ ଜଣକ ନିଜର ସୁରକ୍ଷା ପାଇଁ କିଛି ଦାଗି ନେତାଙ୍କୁ ଡ଼ରାଇ ଧମକାଇ ସେମାନଙ୍କ ଜରିଆରେ ଦଳକୁ ଏଭଳି ବ୍ୟବହାର କରୁଛନ୍ତି ଯେ, ବିଜେପି ସରକାର ବିରୋଧରେ କେହି ମୁହଁ ଖୋଲୁ ନାହାଁନ୍ତି। ଅବଶ୍ୟ ଲୋକଙ୍କୁ ଭୁଆଁ ବୁଲାଇବାକୁ କିଛି ଗୁରୁତ୍ୱହୀନ ପ୍ରସଙ୍ଗରେ ମିଡ଼ିଆରେ କିଛି ମନ୍ତବ୍ୟ ଦେଇ ଚୁପ୍ ରହୁଛନ୍ତି। ଫଳରେ ବିଜେଡ଼ି ଭବିଷ୍ୟତରେ ଆଉ କ୍ଷମତାକୁ ଫେରିବା ନେଇ ନେତାଙ୍କ ଭିତରେ ବିଶ୍ୱାସ ସଂକଟ ଦାନା ବାନ୍ଧିବାରେ ଲାଗିଛି । ବରଂ ନିଜର ସୁରକ୍ଷା ପାଇଁ କଂଗ୍ରେସକୁ କ୍ଷମତାରୁ ଦୂରେଇ ରଖି କ୍ରମାଗତ ବିଜେପିକୁ କ୍ଷମତାସୀନ କରାଇବା ବର୍ତ୍ତମାନର ଅଘୋଷିତ ଅଣଓଡ଼ିଆ ବିଜେଡ଼ି ମୁଖିଆ ବିଜେପି ଛତ୍ରଛାୟାତଳେ ବିଜେଡ଼ିକୁ ବଂଚାଇ ରଖିବାକୁ ପ୍ରୟାସ କରୁଥିବା ଅନେକ ବୁଝିଗଲେଣି। ସାଧାରଣ କର୍ମୀଙ୍କ ମଧ୍ୟରେ ବି ଏହି ଆଶଙ୍କା ବଢିବା ଯୋଗୁ ତୃଣମୂଳ ସ୍ତରରେ ଦଳ ଭାଙ୍ଗିବାରେ ଲାଗିଛି । ବିଭିନ୍ନ ଅଂଚଳରେ ବିଜେଡ଼ି ପଂଚାୟତ ପ୍ରତିନିଧି ଓ କର୍ମୀ ବିଜେପିରେ ସାମିଲ ହେଉଛନ୍ତି। ଯାହାର ପରିଣାମରେ ନୂଆପଡ଼ା ଉପନିର୍ବାଚନରେ ବିଜେଡ଼ି ଚିତ୍‌ପଟାଙ୍ଗ ମାରିବା ସହିତ ତୃତୀୟ ସ୍ଥାରେ ରହିଲା। ବିଜେଡ଼ିର ଅନିଶ୍ଚିତ ଭବିଷ୍ୟତ କିନ୍ତୁ କଂଗେସ ଛାଡ଼ି ବିଜେଡ଼ିକୁ ଯାଇଥିବା ନେତା ଓ କର୍ମୀଙ୍କ ନିଦ ହଜାଇ ଦେଇଛି । ସେମାନଙ୍କ ପକ୍ଷେ ବିଜେପିକୁ ଯିବା ସମ୍ଭବ ନଥିବାବେଳେ କଂଗ୍ରେସ ଦଳ ସାଧାରଣ ଲୋକଙ୍କ ସହିତ ଯୋଡ଼ି ହେବା ଓ ଦଳର ଶକ୍ତି ବୃଦ୍ଧି ପାଇଁ ପୁରୁଣା କଂଗ୍ରେସ କର୍ମୀ ହୁଅନ୍ତୁ କି ବିଜେଡ଼ି-ବିଜେପିର ସୁବିଧାବାଦୀ ଗୋପନ ମେଣ୍ଟକୁ ଗ୍ରହଣ କରିପାରୁନଥିବା ସଚେତନ ଲୋକଙ୍କୁ ଦଳ ସହିତ ଯୋଡ଼ିବା ପାଇଁ ଏଯାଏ କୌଣସିମତେ ପ୍ରଚେଷ୍ଟା କରୁନଥିବାରୁ ଏହି ଦଳ ଉପରେ ବି ଭରସା କରିପାରୁ ନାହାଁନ୍ତି । କେବଳ ରାଜଧାନୀରେ ହୋ ହାଲ୍ଲା କରିବାରେ ଅଟକି ଯାଇଥିବା କଂଗ୍ରେସକୁ ଫେରି କ'ଣ କରିବେ ବୋଲି ଅନେକ ପ୍ରଶ୍ନ କରୁଛନ୍ତି । ତେବେ କଂଗ୍ରେସର କେନ୍ଦ୍ରୀୟ ନେତୃତ୍ୱର ଓଡ଼ିଶାକୁ ନେଇ ଥିବା ଆଭିମୁଖ୍ୟ ତୁରନ୍ତ ସ୍ପଷ୍ଟ ହେବା ସହିତ ରାଜ୍ୟରେ ପାରମ୍ପାରିକ ନେତୃତ୍ୱ ବଦଳରେ ଯୁବ ନେତୃତ୍ୱ କୁ ନେଇ ଫଳପ୍ରଦ ସାଂଗଠାନିକ ଅଭିଯାନ ଆରମ୍ଭ ନକରିବା ଯାଏ ଅନେକ କଂଗ୍ରେସୀ ବିଜେଡ଼ି ନେତା ଓ କର୍ମୀ ଦ୍ୱନ୍ଦରେ ରହି ଅନିଶ୍ଚିତ ଭବିଷ୍ୟତ ଆଡ଼କୁ ଅଗ୍ରସର ହେବେ ସିନା, ହେଲେ ଦୀର୍ଘ ବର୍ଷ ପରେ ପ୍ରଥମ କରି କଂଗ୍ରେସକୁ ଆଗକୁ ବଢିବା ପାଇଁ ସୃଷ୍ଟି ହୋଇଥିବା ସୁଯୋଗ ହାତଛଡ଼ା କରି ବସିବା ସାର ହେବ। ଆଉ ଯଦି ଭବିଷ୍ୟତରେ ଆଂଚଳିକ ସ୍ତରରେ କୌଣସି ତୃତୀୟ ବିକଳ୍ପ ଆତ୍ମ ପ୍ରକାଶ କରେ ତେବେ କଂଗ୍ରେସ ଅପ୍ରାସଙ୍ଗିକ ହୋଇ ପଡ଼ିବା ଆଦୌ ବିଚିତ୍ର ହେବ ନାହିଁ ବୋଲି କୁହାଯାଉଛି।

### ଜିଲ୍ଲା ପୁନର୍ଗଠନ...

ସରକାରଙ୍କ ବିଚାରାଧୀନ ରହିଛି। ଏହାଛଡ଼ା ବ୍ଲକ ଓ ତହସିଲ ପୁନର୍ଗଠନ ଲାଗି ମଧ୍ୟ ବାରମ୍ବାର ଦାବି ଉଠୁଛି। ତେବେ ଏ ସଂକ୍ରାନ୍ତରେ କେବେ ସୁଦ୍ଧା କାର୍ଯ୍ୟାନୁଷ୍ଠାନ ହେବ ସେଥିଘେନି ସରକାରଙ୍କ ପକ୍ଷରୁ କୌଣସି ସୂଚନା ମିଳୁନଥିବାବେଳେ ଆଗାମୀ ପଞ୍ଚାୟତ ନିର୍ବାଚନ ପୂର୍ବରୁ ପଞ୍ଚାୟତଗୁଡ଼ିକର ପୁଣିଥରେ ପୁନର୍ଗଠନ କରାଯାଇପାରେ ବୋଲି ଶୁଣାଯାଉଛି। ବଡ଼ବଡ଼ ଜିଲ୍ଲାଗୁଡ଼ିକୁ ଆବଶ୍ୟକତା ଭିତ୍ତିରେ ଭାଙ୍ଗି ଛୋଟଛୋଟ ନୂଆ ଜିଲ୍ଲାମାନ ଗଠନ କରାଗଲେ ସେଠାରେ ଜିଲ୍ଲାପାଳ, ଏସ୍‌ପିଙ୍କ ସମେତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ଜିଲ୍ଲା ଶିକ୍ଷାଧିକାରୀ ଓ ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ରହିବେ। ଯାହାଫଳରେ ପ୍ରଶାସନ ଓ ସାଧାରଣ ଲୋକଙ୍କ ମଧ୍ୟରେ ଥିବା ଦୂରତା ହ୍ରାସ ପାଇବ ବୋଲି ଯୋଜନା ବିଶାରଦମାନେ ମତବ୍ୟକ୍ତ କରୁଛନ୍ତି। ତେବେ ଜିଲ୍ଲା ପୁନର୍ଗଠନ ସଂକ୍ରାନ୍ତରେ ଚୂଡ଼ାନ୍ତ ନିଷ୍ପତ୍ତି ରାଜ୍ୟ ସରକାରଙ୍କ ଉପରେ ନିର୍ଭର କରେ।

# ବିଶୁଦ୍ଧ ପାଣି ନେଲାଣି ୧୫ ଜୀବନ

**ଇନ୍ଦୋର,୨।୧ ଏକ୍ସପ୍ରେସ୍ ନ୍ୟୁଜ୍**

ବିଷାକ୍ତ ପାଣି ପାଇଁ ଗୋଟିଏ ପରେ ଗୋଟିଏ ଜୀବନ ଚାଲି ଯାଉଛି। ଇନ୍ଦୋରର ଭାଗୀରଥାପୁରା ଅଞ୍ଚଳରେ ଏବେ ଆତଙ୍କ ଖେଳିଯାଇଛି । ୧୫ରୁ ଅଧିକ ଜୀବନ ଯାଇଥିବା ବେଳେ ୧୪ଶହରୁ ଅଧିକ ଲୋକ ଏବେ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଯାହା ଏବେ ଗଣମାଧ୍ୟମରେ ଖବର ସିରୋନାମା ପାଲଟିଛି । କିଏ ପ୍ରଶାସନକୁ ଦୋଷ ଦେଉଛି ତ ଆଉ କିଏ ଭାଗ୍ୟକୁ। ଦିନକୁ ଦିନ ଏଭଳି ସଙ୍କଟ ବଢ଼ିବାକୁ ଲାଗିଥିବାବେଳେ ଚିନ୍ତାର କାରଣ ମଧ୍ୟ ପାଲଟିଛି।

ସାଧାରଣତଃ ଗ୍ରୀଷ୍ମ ଋତୁରେ ଦେଶର ବିଭିନ୍ନ ସ୍ଥାନରେ ପାଣିର ଘୋର ଅଭାବ ଦେଖା ଯାଇଥାଏ। ଗଚ୍ଛିତ ପାଣିର ଘୋର ଅଭାବ କାରଣରୁ ଲୋକେ ପାଣି ଟୋପେ ପାଇଁ ଡହଳ ବିକଳ ହେଉଥିବା ମଧ୍ୟ ଦେଖାବାକୁ ମିଳେ। ଜଳର ଅଭାବ ସାଙ୍ଗକୁ ଗୁଣବତ୍ତା ଅଥବା ଶୁଦ୍ଧତା ରହିବା ନିହାତି ଜରୁରୀ। ଜଳର ଶୁଦ୍ଧତା ନରହିଲେ ଅନେକ ରୋଗର ଶିକାର ମଧ୍ୟ ହେବାକୁ ପଡ଼ିଥାଏ। ଅନେକ ସ୍ଥାନରେ ପାଣି ଉପଲବ୍ଧ ହୋଇଥାଏ ମାତ୍ର ଏହା ପିଇବା ଉପଯୋଗୀ ହୋଇନଥାଏ। ଭାରତର ବିଭିନ୍ନ ରାଜ୍ୟରେ ପାଣିରେ ଆର୍ସେନିକ୍, ଫ୍ଲୋରାଇଡ୍, ନାଇଟ୍ରେଟ୍ ଏବଂ ଭାରୀ ଧାତୁ ମିଳିଥାଏ। ଏହା ବ୍ୟତୀତ, ବ୍ୟାକ୍ଟେରିଆ ଏବଂ ଅନ୍ୟାନ୍ୟ ଅଣୁଜୀବଙ୍କ ଉପସ୍ଥିତି ଏହାକୁ ଆହୁରି ବିପଦପୂର୍ଣ୍ଣ କରିଥାଏ। ଏପରି ଦୂଷିତ ପାଣି ସେବନ ଡାଇରିଆ, ଟାଇଫଏଡ୍ ଏବଂ କଲେରା ଭଳି ରୋଗ ସୃଷ୍ଟି କରିପାରେ। ପାଣି ମାଧ୍ୟମରେ କିଛି ରାସାୟନିକ ଉପାଦାନର ଦୀର୍ଘକାଳୀନ ସଂସ୍ପର୍ଶରେ ଆସିବା

## ପିଇବା ଜଳରେ କେମିତି ମିଶିଲା ନର୍ଦ୍ଦମା ପାଣି: ରାହୁଲ

ମଧ୍ୟ କର୍କଟ, ହାଡ଼ ରୋଗ ଏବଂ ଅନ୍ୟାନ୍ୟ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ।

ସର୍ଭେ ରିପୋର୍ଟକୁ ଯଦି ବିଶ୍ୱାସ କରିବା ତା'ହେଲେ ଗ୍ରାମାଞ୍ଚଳରେ ୪୩ ପ୍ରତିଶତ ପରିବାର ପାଖରେ ପାଇପ୍ ଯୋଗେ ପାରି ପହଞ୍ଚି ପାରୁନାହିଁ। ଆଜି ମଧ୍ୟ ଅନେକ ଲୋକ କୂଅ, ଜଳାଶୟ, ନଳକୂପ ପାଣି ଉପରେ ନିର୍ଭର କରନ୍ତି। ଗ୍ରାମାଞ୍ଚଳ କଥା ଛାଡ଼ନ୍ତୁ ସହରାଞ୍ଚଳରେ କିଛି ବସ୍ତିକୁ ଆଜି ମଧ୍ୟ ପାନୀୟ ଜଳର ସୁବିଧା ନାହିଁ। ୨୦୧୯ ମସିହାରୁ ଆରମ୍ଭ ହୋଇଛି ଜଳ ଜୀବନ ମିଶନ। ସମସ୍ତଙ୍କ ଘରକୁ ପାଇପ୍ ଯୋଗେ ଜଳ ଯୋଗାଇବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ମାତ୍ର ଏଯାବତ ଏହା କେବଳ କାଗଜ କଲମରେ ରହି ଯାଇଛି। ସମସ୍ତଙ୍କ ଘରକୁ ପାଇପ୍ ଯୋଗେ ପାଣି ପହଞ୍ଚି ପାରିନାହିଁ।

ତେବେ ଏହି ଘଟଣାକୁ ନେଇ ସାରା ଦେଶରେ ଚର୍ଚ୍ଚା ହେଉଥିବାବେଳେ ସରକାରଙ୍କୁ ଟାର୍ଗେଟ କରିଛନ୍ତି ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ। ରାହୁଲ ସୋସିଆଲ ମିଡିଆ ଇନଷ୍ଟାଗ୍ରାମରେ ଏକ ପୋଷ୍ଟ କରି ସମାଲୋଚନା କରିଛନ୍ତି। ସେ ପ୍ରଶାସନ, ସରକାର ଏବଂ ନେତାଙ୍କୁ ଦୋଷ ଦେଇଛନ୍ତି। ଏଭଳି ଏକ ଦୁଃଖଦ ସମୟରେ ବିଜେପି ନେତା ଅହଂକାରୀ ବୟାନ ଦେଉଛନ୍ତି ବୋଲି ମଧ୍ୟ ସେ କହିଛନ୍ତି। ରାହୁଲ ନିଜର ପୋଷ୍ଟରେ ଅନେକ ପ୍ରଶ୍ନ ମଧ୍ୟ କରିଛନ୍ତି, ସେ ପଚାରିଛନ୍ତି ପାନୀୟ ଜଳରେ କେମିତି ମିଳିଲା ନର୍ଦ୍ଦମା ପାଣି ? କାହିଁକି ସଠିକ୍ ସମୟରେ ଯୋଗାଣ ବନ୍ଦ କରାଗଲା ନାହିଁ ? ଏହି ଘଟଣାରେ ଦାୟୀ ଅଧିକାରୀ ଏବଂ ନେତାଙ୍କ ବିରୋଧରେ କେବେ କାର୍ଯ୍ୟାନୁଷ୍ଠାନ ?

ରାହୁଲ ନିଜର ପୋଷ୍ଟରେ କଡ଼ା ପ୍ରଶ୍ନ କରିଥିବାବେଳେ ଡବଲ ଇଞ୍ଜିନ ସରକାରଙ୍କୁ ମଧ୍ୟ ସମାଲୋଚନା କରିଛନ୍ତି। କହିଛନ୍ତି, ମଧ୍ୟପ୍ରଦେଶରେ ଏବେ ଅରାଜକତା ବଢ଼ିବାରେ ଲାଗିଛି। କେତେବେଳେ କଫସିରପ୍ ପାଇଁ ମୃତ୍ୟୁ ହେଉଛି ତ ଆଉ କେତେବେଳେ ମେଡିକାଲରେ ଅକାରଣରେ ଜୀବନ ଯାଉଛି। ସବୁଥର ଭଳି ଏଥର ମଧ୍ୟ ସରକାର କାହିଁକି ଚୁପ୍ ବସିଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ସେପଟେ ରାହୁଲଙ୍କ ସହ ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ମଧ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ୧୧ ବର୍ଷ ଧରି ସରକାର ଖାଲି ବାଃ ବାଃ ନେଉଛନ୍ତି। ସେପଟେ ମନ୍ତ୍ରୀଙ୍କୁ ସାମ୍ବାଦିକ ପ୍ରଶ୍ନ କରୁଥିବାବେଳେ ସେ ଅଶାଳୀନ ଭାଷା ପ୍ରୟୋଗ କରୁଛନ୍ତି। ଜଳ ଜୀବନ ଯୋଜନାରେ ଅନେକ ଘୋଟାଲା ହୋଇଥିବା ମଧ୍ୟ ସେ ଲେଖିଛନ୍ତି।

Printed & Published by **Gyanaranjan Behera** on behalf of Radhakrushna Publications Pvt. Ltd. and Printed at Ricky Promotors, Plot No.6709, M.I.E., Rasulgarh, Bhubaneswar-751010 and Published at **Janachetana Parisad Bhawan, At-Kajala, P.O/Dist -Kendrapara**, Pin-754211, Ph. : 9439698412, 9583706460

Editor : **Ambika Prasad Das** ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ | Chief Editor : **Umapada Bose** ମୁଖ୍ୟ ସମ୍ପାଦକ : ଉମାପଦ ବୋଷ